
# ଧରିତ୍ରୀ
DHARITRI

ବ୍ରହ୍ମପୁର, ଗୁରୁବାର, ଜାନୁୟାରୀ ୨୦/୨୦୨୨ (୧୨ ପୃଷ୍ଠା) | Berhampur, Thursday, January 20/2022 | ★★★

୧୭ଶ ଭାଗ ୩୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

**ଆଜି ଆସିବ 'ଗେହରାୟିଆଁ' ଟ୍ରେଲର**

ଦୀପିକା ପାଦୁକୋନଙ୍କ ଆଗାମୀ ଫିଲ୍ମ 'ଗେହରାୟିଆଁ'ର ଟ୍ରେଲର ଜାନୁୟାରୀ ୨୦ରେ ରିଲିଜ ହେବ।


୧୦

୦୯

**ସାନିଆଙ୍କ ଅବସର ସୂଚନା**

୨୦୨୨ ସିଜନ ପରେ ଅବସର ନେବେ ବୋଲି ସୂଚନା ଦେଇଛନ୍ତି ଭାରତୀୟ ଅଭିଜ୍ଞ ମହିଳା ଟେନିସ ତାରକା ସାନିଆ ମିର୍ଜା ।






# ଆକାଶରେ ଆତଙ୍କ

## ଦୁର୍ଘଟଣାରୁ ବର୍ତ୍ତିଲେ ୨ ବିମାନର ୪୨୬ ଯାତ୍ରୀ

**ନୂଆଦିଲ୍ଲୀ, ୧୯।୧**

ବେଙ୍ଗାଲୁରୁସ୍ଥିତ କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରୁ ଇଣ୍ଡିଗୋ ବିମାନ ୬ଇ-୪୫୫ କୋଲକାତା ଅଭିମୁଖେ ଯାତ୍ରା ପାଇଁ ଟେକ୍-ଅଫ କରିଥିବାବେଳେ ସମାନ୍ତରାଳ ରନ୍‌ୱେରୁ ସମାନ ଦିଗରେ ବାହାରିଥିଲା ଭୁବନେଶ୍ୱରକୁ ଯାତ୍ରା କରୁଥିବା ୬ଇ-୨୪୬। ଦୁଇ ବିମାନ ୩ ହଜାର ଫୁଟ୍ ଉଚ୍ଚତାରେ ବିପଜ୍ଜନକ ଭାବେ ଏତେ ନିକଟତର ହୋଇଥିଲେ ଯେ, ଦୁର୍ଘଟଣା ଘଟିବା ଏକପ୍ରକାର ନିଶ୍ଚିତ ଥିଲା। ତେବେ ରାଡାର କଣ୍ଟ୍ରୋଲର ସତର୍କ କରାଇବା ପରେ ପରସ୍ପର ସହ ଧକ୍କାହେବାରୁ ଦୁଇ ବିମାନକୁ ରକ୍ଷା କରାଯାଇପାରିଥିଲା। ଏଥିସହ ଶତାଧିକ ବିମାନ ଯାତ୍ରୀ ସମ୍ଭାବ୍ୟ ଦୁର୍ଘଟଣାରୁ ସୁରକ୍ଷିତ ଭାବେ ବର୍ତ୍ତିଯାଇଥିଲେ। ୧୨ ଦିନ ତଳେ ଉପୁଜିଥିବା




ଏହି ସ୍ଥିତି ସମ୍ପର୍କରେ ବୁଧବାର ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ହସ୍ତଗତ ରିପୋର୍ଟରୁ ଜଣାପଡ଼ିଛି।

ବେଙ୍ଗାଲୁରୁ ଏୟାରପୋର୍ଟର ଦୁଇଟି ରନ୍‌ୱେ ରହିଛି। ନର୍ଥ ଏବଂ ସାଉଥ୍। ଜାନୁୟାରୀ ୭ରେ ନର୍ଥ ରନ୍‌ୱେ ଦେଇ ବିମାନଗୁଡ଼ିକ ପ୍ରସ୍ଥାନ କରୁଥିବାବେଳେ ସାଉଥ୍ ରନ୍‌ୱେରେ ବାହାରୁ ଆସୁଥିବା ବିମାନ ସବୁ ଅବତରଣ କରୁଥିଲା। ସୁରକ୍ଷିତ ଡିପାର୍ଚ୍ଚର ଓ ଲ୍ୟାଣ୍ଡିଂକୁ ସୁନିଶ୍ଚିତ କରିବା ପାଇଁ ଉକ୍ତ ବିମାନବନ୍ଦରରେ ଏପରି କରାଯାଇଥାଏ। ତେବେ ସକାଳ ୭ଟାରେ ଏକ ବଡ଼ ତ୍ରୁଟି ହୋଇଥିଲା। ଏୟାରପୋର୍ଟରେ ଥିବା ଜଣେ ଶିଫ୍ଟ ଇନ୍-ଚାର୍ଜ ଉଭୟ ଆଗମନ ଓ ପ୍ରସ୍ଥାନ ପାଇଁ କେବଳ ନର୍ଥ ☞ପୃଷ୍ଠା-୪

## ୫ଜି ପ୍ରଭାବ: ଆମେରିକାକୁ ବହୁ ବିମାନ ବାତିଲ

**ନ୍ୟୁୟର୍କ, ୧୯।୧**

ଆମେରିକାରେ ଟେଲିକମ୍ କମ୍ପାନୀ ଏଟିଆଣ୍ଡଟି ଏବଂ ଭେରିଜନ୍ ପକ୍ଷରୁ ବୁଧବାର ନୂଆ ୫ଜି ସେବା ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ବିମାନ ଚଳାଚଳ କ୍ଷେତ୍ରରେ ସଙ୍କଟ ଦେଖାଦେଇଛି। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ବହୁ ସଂଖ୍ୟକ ଯାତ୍ରୀବାହୀ ଓ କାର୍ଗୋ କ୍ୟାରିୟର୍ ଉଡ଼ାଣକୁ ବାତିଲ କରାଯାଇଛି। ନୂଆ ୫ଜି ଫୋନ୍ ସର୍ଭିସ୍‌ରୁ ବିକିରଣ ସିଗ୍ନାଲ ବିମାନଗୁଡ଼ିକର ନାଭିଗେଶନ୍ ସିଷ୍ଟମ୍‌କୁ ପ୍ରଭାବିତ କରିପାରେ ବୋଲି ବିଶେଷଜ୍ଞମାନେ ସତର୍କ କରାଇଥିବାରୁ ଏୟାର ଇଣ୍ଡିଆ ସମେତ ଅନେକ ଦେଶର ଅନ୍ତର୍ଜାତୀୟ ଏୟାରଲାଇନ୍ସ ଆମେରିକାକୁ ନିଜ ବିମାନ ଚଳାଚଳ ବାତିଲ ଘୋଷଣା କରିଛନ୍ତି। ଫଳରେ ଭାରତକୁ ଆସିବାକୁ ଥିବା ଯାତ୍ରୀଙ୍କ ସମେତ ହଜାର ☞ପୃଷ୍ଠା-୪

# ଭାରତରେ ୨୦୨୧ ପଞ୍ଚମ ଉତ୍ତପ୍ତ ବର୍ଷ

**ଭୁବନେଶ୍ୱର, ୧୯।୧ (ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନ ବେଳକୁ ବେଳ ମହାବିପଦର ସଙ୍କେତ ଦେଲାଣି। ଜଙ୍ଗଲ ପୋଡ଼ିଠାରୁ ଆରମ୍ଭ କରି ଶିଳ୍ପ, ଜନବସତି, ଦ୍ରୁତ ସହରୀକରଣ ଓ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରତ୍ୟେକ ବର୍ଷ ହଜାର ହଜାର ହେକ୍ଟର ଘଞ୍ଚ ଜଙ୍ଗଲକୁ ନଷ୍ଟ କରାଯାଉଛି, ଯାହାକି ପରିବେଶ ଓ ମାନବଜାତି ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହାର ପ୍ରଭାବ ଗତ କିଛିବର୍ଷ ହେବ ଦେଖିବାକୁ ମିଳିଲାଣି। କ୍ରମାଗତ ଭାବେ ବିଶ୍ୱତାପନ ବଢ଼ିବାରେ ଲାଗିଛି। ଉଭୟ ଜଳ ଓ



ସ୍ଥଳଭାଗର ତାପମାତ୍ରା ବଢ଼ିଚାଲିଛି। ଏଭଳିସ୍ଥଳେ ଭାରତରେ ୧୨୧ ବର୍ଷ ମଧ୍ୟରେ ୨୦୨୧ ପଞ୍ଚମ ଉତ୍ତପ୍ତ ବର୍ଷ ଭାବେ ଉଭା ହୋଇଛି। ଭାରତୀୟ ପାଣିପାଗ ସଂସ୍ଥା(ଆଇଏମ୍‌ଡି) ପକ୍ଷରୁ ଏହି ତଥ୍ୟ ପ୍ରକାଶ ପାଇଛି। ପୂର୍ବରୁ ଦେଶରେ ୨୦୦୯, ୨୦୧୦, ୨୦୧୬ ଏବଂ ୨୦୧୭ ଉତ୍ତପ୍ତ ବର୍ଷ ଭାବେ ଗଣାଯାଇଥିଲା। ଲଗାତର ଉତ୍ତପ୍ତ ବର୍ଷ ଦେଶ ପାଇଁ ସତର୍କଘଣ୍ଟି ବଜାଇଲାଣି।

ସାରା ବିଶ୍ୱ କଥା ଦେଖିଲେ, ୨୦୨୧କୁ ସପ୍ତମ ଉତ୍ତପ୍ତ ବର୍ଷ ଭାବେ ରେକର୍ଡ ହୋଇଛି। ଏହି ବର୍ଷ ଉଭୟ ଜଳ ଓ ସ୍ଥଳ ଭାଗର ତାପମାତ୍ରା ୧.୦୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ୧୯୮୦ ପ୍ରାକ୍ ଶିଳ୍ପ ସମୟ ପରଠାରୁ ଏହି ତାପମାତ୍ରା ବୃଦ୍ଧି ହୋଇଛି। ଜାତିସଂଘ ସଂସ୍ଥା ☞ପୃଷ୍ଠା-୪

# ହନିଟ୍ରାପ୍‌ରେ ଇଞ୍ଜିନିୟରଙ୍କୁ ଲୁଟ୍

**ବନ୍ଧାହେଲେ ୩ ଅଭିଯୁକ୍ତ, ମହିଳା ଫେରାର**

**କଟକ ଅଫିସ, ୧୯।୧**

ହନିଟ୍ରାପ୍ ଲୋଭ ଦେଖାଇ ଜଣେ ଇଞ୍ଜିନିୟରଙ୍କୁ ଲୁଟିଥିଲେ। ପରେ ପୋଲିସ ହାବୁଡ଼ରେ ୩ ଅଭିଯୁକ୍ତ। ଏପରି ଘଟଣା ଲାଲବାଗ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଅଭିଯୁକ୍ତମାନେ ହେଲେ, ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳର ସୁବାସ ଚନ୍ଦ୍ର ନାୟକ(୪୦), ବିଡ଼ାନାସୀ ଥାନା ତୁଳସୀପୁରର ରୋହନ କୁମାର ନାୟକ(୨୪) ଓ ଲାଲ୍‌ବାଗ ଥାନା ସଇଦାନୀ ବଗିଚା ଅଞ୍ଚଳର ଅଲ୍‌ଫାଜ ଅଲ୍ଲୀ(୨୪)। ପୋଲିସ ଅଭିଯୁକ୍ତଙ୍କଠାରୁ ୨୫ ହଜାର ଟଙ୍କା, ଗୋଟିଏ ଏଟିଏମ୍ କାର୍ଡ ଓ ୨ଟି ମୋବାଇଲ ଫୋନ ଜବତ କରିଛି। ଅନ୍ୟପଟେ ଏହି ମାମଲାରେ ସମ୍ପୃକ୍ତ ଜଣେ ମହିଳା ଫେରାର ରହିଛନ୍ତି।

ସୂଚନା ମୁତାବକ, ଅଭିଯୋଗକାରୀ ମାନସିଂହପାଟଣାର ମୁରଲିକ୍ରିଷ୍ଣା ପେସାରେ ଜଣେ ଇଞ୍ଜିନିୟର। କିଛିମାସ ତଳେ ଅଭିଯୁକ୍ତ ସୁବାସଙ୍କ ସହ ତାଙ୍କର ବନ୍ଧୁତା ସୃଷ୍ଟି ହୋଇଥିଲା। ମୁରଲିକ୍ରିଷ୍ଣା ଜଣେ ଧନିକ ଯୁବକ ବୋଲି ଜାଣିପାରି କିଛିଦିନ ତଳେ ଅଭିଯୁକ୍ତ ତାଙ୍କୁ କିଛି ଟଙ୍କା ମାଗିଥିଲେ। କିନ୍ତୁ ସେ ମନା କରିବାରୁ ସହଯୋଗୀ ରୋହନ ଓ ଅଲ୍‌ଫାଜଙ୍କ ସହ ମିଶି ସୁବାସ ଏକ ହନିଟ୍ରାପ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ଗତ ୬ତାରିଖରେ ସୁବାସ ଅଭିଯୋଗକାରୀ ମୁରଲିକ୍ରିଷ୍ଣାଙ୍କୁ ଫୋନ୍ କରି କନିକା ଛକ ନିକଟରେ ଜଣେ ସୁନ୍ଦରୀ ମହିଳାଙ୍କୁ ଉପଭୋଗ କରିବାକୁ କହିଥିଲେ। ମୁରଲିକ୍ରିଷ୍ଣା ସେଠାରେ ପହଞ୍ଚିବାପରେ ତାଙ୍କୁ ୩ ଅଭିଯୁକ୍ତ ସୁବାସଙ୍କ ଘରକୁ ଡାକି ନେଇଥିଲେ। ସେଠାରେ ପୂର୍ବରୁ ଜଣେ ସୁନ୍ଦରୀ ମହିଳା ଥିଲେ। ଅଭିଯୁକ୍ତ ସୁବାସ ଅଭିଯୋଗକାରୀଙ୍କ ସହ ଉକ୍ତ ମହିଳାଙ୍କ କିଛି ଫଟୋ ଉଠାଇ ବ୍ଲାକ୍‌ମେଲ୍ କରିବାକୁ ଚେଷ୍ଟା କରିବା ସହ ତାଙ୍କ ପକେଟ୍‌ରୁ ଏଟିଏମ୍ କାର୍ଡ ଛଡ଼ାଇ ପିନ୍ ସଂଗ୍ରହ କରି ନେଇଥିଲେ। ଉକ୍ତ ପିନ୍ ବ୍ୟବହାର କରି ☞ପୃଷ୍ଠା-୪

# ଥାନା ସମ୍ମୁଖରେ ହତ୍ୟା

## ଭଉଣୀଙ୍କୁ ହାଣିଲେ କକାପୁଅ ଭାଇ

**ନାକଟିଦେଉଳ, ୧୯।୧ (ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ସମ୍ମୁଖରେ ବୁଧବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ସାମାନ୍ୟ ବଚସାରୁ କକାପୁଅ ଭାଇ ଭଉଣୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ କିସିଣ୍ଡା ଥାନା ଲୋଇସିଂ ଗ୍ରାମ ଚମାରପଡ଼ାର ଦେବାନନ୍ଦ ମେହେରଙ୍କ ସ୍ତ୍ରୀ କୁମାରୀ ମେହେର(୪୦)।


ସୂଚନା ଅନୁସାରେ ଲୋଇସିଂ ଗ୍ରାମର ନିତ୍ୟାନନ୍ଦ ରୋହିଦାସଙ୍କ ଝିଅ କୁମାରୀ ବରପାଲି ଥାନା ଭଟିଗାଁର ଦେବାନନ୍ଦ ମେହେରଙ୍କୁ ବିବାହ କରିଥିଲେ। ଦୀର୍ଘବର୍ଷ ହେଲା ଉଭୟ ସ୍ୱାମୀ ସ୍ତ୍ରୀ ଗ୍ରାମରେ ପିଲାଛୁଆ ଧରି ରହିଆସୁଛନ୍ତି। ବୁଧବାର ଅପରାହ୍ଣରେ କୁମାରୀଙ୍କ କକାପୁଅ ଭାଇ କ୍ଷୀରୋଦ ରୋହିଦାସ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମହାମାରୀ ରୋକିବାର ବାଟ**




# ମଙ୍ଗଳରେ ମିଳିଲା କାର୍ବନ




**ନୂଆଦିଲ୍ଲୀ, ୧୯।୧**

ପୃଥିବୀରେ ଜୀବନର ମୂଳ ଆଧାର କାର୍ବନର ଉପସ୍ଥିତି ଅନ୍ୟଗ୍ରହରେ ଅଛି କି ନାହିଁ ଜାଣିବା ବୈଜ୍ଞାନିକଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଥିବାବେଳେ ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସାର କ୍ୟୁରିଓସିଟି ରୋଭର ଏ ଦିଗରେ ନୂଆ ଆଶା ସଞ୍ଚାର କରିଛି। ପୃଥିବୀରେ ଜୈବିକ ପ୍ରକ୍ରିୟାକୁ ସମ୍ଭବ କରୁଥିବା କାର୍ବନ ମଙ୍ଗଳ ପୃଷ୍ଠରେ ରହିଥିବାର ସଙ୍କେତ ମିଳିଛି। ମଙ୍ଗଳରୁ ସଂଗୃହୀତ ନମୁନାରେ କାର୍ବନ ଉପସ୍ଥିତି ସମ୍ପର୍କରେ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି।

ନାସା ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ମଙ୍ଗଳପୃଷ୍ଠର ନମୁନାରେ କାର୍ବନର ସଙ୍କେତ ମିଳିବା ବେଶ ଉତ୍ସାହଜନକ। କିନ୍ତୁ ଏହାର ଅର୍ଥ ନୁହେଁ ଯେ, ଏହି ଗ୍ରହରେ ହଜାର ହଜାର ବର୍ଷ ପୂର୍ବରୁ ଜୀବନ ମହଜୁଦ୍ ରହିଥିଲା। କାରଣ ମଙ୍ଗଳରେ ପୂର୍ବରୁ କିମ୍ବା ଏବେ ☞ପୃଷ୍ଠା-୪

## ସଂକ୍ଷେପରେ

### ଶ୍ୱାସରୁଦ୍ଧ ହୋଇ ୪ ଶିଶୁ, ମା' ମୃତ

**ନୂଆଦିଲ୍ଲୀ, ୧୯।୧:** ଦିଲ୍ଲୀର ଓଲ୍ଡ ସୀମାପୁରୀଠାରେ ଏକ ଘରୁ ୪ ଶିଶୁ ଓ ମା'ଙ୍କ ମୃତଦେହ ବୁଧବାର ଜବତ କରାଯାଇଛି। ଷ୍ଟୋଭ୍ ଗ୍ୟାସ୍‌ରେ ଶ୍ୱାସରୁଦ୍ଧ ହୋଇ ସେମାନଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ସୂଚନା ଅନୁସାରେ, ଅପରାହ୍ନ ପ୍ରାୟ ସାଢ଼େ ୧ଟା ବେଳେ ବିଲ୍ଡିଂର ୫ମ ମହଲାରେ ଥିବା ଏକ ଘରେ ସେମାନେ ଅଚେତ ହୋଇ ପଡ଼ିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସମସ୍ତଙ୍କୁ ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ୫ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଘରଟି ବହୁତ ଛୋଟ ହୋଇଥିବାରୁ ଏବଂ ସେଠାରେ ବାୟୁ ଚଳାଚଳର ସୁବିଧା ନ ଥିବାରୁ ବିଷାକ୍ତ ଗ୍ୟାସ୍‌ରେ ଶ୍ୱାସରୁଦ୍ଧ ହୋଇ ସେମାନଙ୍କ ମୃତ୍ୟୁ ହୋଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ସଫେଇ କର୍ମଚାରୀ କମିଶନଙ୍କ କାର୍ଯ୍ୟକାଳ ବଢ଼ିଲା

**ନୂଆଦିଲ୍ଲୀ, ୧୯।୧:** କେନ୍ଦ୍ର ସରକାର ବୁଧବାର ଜାତୀୟ ସଫେଇ କର୍ମଚାରୀ କମିଶନ (ଏନ୍‌ସିଏସ୍‌କେ)ଙ୍କ କାର୍ଯ୍ୟ ଅବଧି ୨୦୨୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ପରିମଳ କର୍ମଚାରୀଙ୍କ ମଧ୍ୟରେ ଷ୍ଟାଟସ୍, ସୁବିଧା, ସୁଯୋଗ ତଥା ଅନ୍ୟ କ୍ଷେତ୍ରରେ ଥିବା ଅସମାନତାକୁ ଦୂର କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମର ସୁପାରିସ କରିବା ଏହି କମିଶନଙ୍କ କାମ। କମିଶନର କାର୍ଯ୍ୟକାଳ ୩ ବର୍ଷ ବଢ଼ିବା ଦ୍ୱାରା ମୋଟ ୪୩.୬୮ କୋଟି ଟଙ୍କା ଏ ଦିଗରେ ଖର୍ଚ୍ଚ ହେବ। ସୂଚନାଯୋଗ୍ୟ, ସଫେଇ କର୍ମଚାରୀ ଜାତୀୟ କମିଶନ ଆକ୍ଟ ୧୯୯୩ ଅଧୀନରେ ଏନ୍‌ସିଏସ୍‌କେ ପ୍ରତିଷ୍ଠା କରାଯାଇଥିଲା। ପ୍ରଥମେ ଏହାର କାର୍ଯ୍ୟକାଳ ୧୯୯୭ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରହିଥିଲା। ପରେ ୨୦୦୨ ମାର୍ଚ୍ଚ ୩୧ ଏବଂ ୨୦୦୪ ଫେବୃୟାରୀ ୨୯ ପର୍ଯ୍ୟନ୍ତ ଏହି ଅବଧି ବଢ଼ାଯାଇଥିଲା।

### ଅମିତ ପାଲେକର ଗୋଆରେ ଏଏପି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

**ପଣଜୀ, ୧୯।୧:** ଗୋଆ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦମୀ ପାର୍ଟି (ଏଏପି) ଅମିତ ପାଲେକରଙ୍କୁ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିଛି। ଆଇନଜୀବୀ ତଥା ସାମାଜିକକର୍ମୀ ପାଲେକର ଭଣ୍ଡାରୀ (ଓବିସି) ସମୁଦାୟର। ପୂର୍ବରୁ ଏହି ସମୁଦାୟ ପ୍ରତି ଅନ୍ୟାୟ କରାଯାଇଥିଲା। ସେଥିପାଇଁ ଏଏପି ପାଲେକରଙ୍କୁ ପ୍ରାର୍ଥୀ କରିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଦଳର ଆବାହକ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ପ୍ରକାଶ ଯେ, ଫେବୃୟାରୀ ୧୪ରେ ଗୋଆର ୪୦ ଆସନରେ ଭୋଟ ହେବ। ଦୁର୍ନୀତି ମୁକ୍ତ ଗୋଆ ଗଠନ ପାଇଁ ଲକ୍ଷ୍ୟ ରଖିଥିବା ପାଲେକର କହିଛନ୍ତି।





ରୁଷିଆର ୟାରୋସ୍ଲାଭଲ ସ୍ଥିତ କୁପାନ୍‌ସ୍କୋୟେ ଗ୍ରାମରେ ଜଣେ ଅର୍ଥୋଡକ୍ସ ପ୍ରିଷ୍ଟ ଭେକ୍ସା ନଦୀର ବରଫ ପାଣିକୁ ଆଶୀର୍ବାଦ ଦେଉଛନ୍ତି। ରୁଷିଆ ସାରା ବୁଧବାର ଏପିଫାନି ଦିବସ ପାଳନ ଅବସରରେ ଖ୍ରୀଷ୍ଟିଆନ ଅର୍ଥୋଡକ୍ସମାନେ ଉପବାସ କରି ବରଫ ପାଣିରେ ନିଜକୁ ବୁଡ଼ାଇ ରଖିବା ପରମ୍ପରା ରହିଆସିଛି।

## ବିଶ୍ୱର ବୟସ୍କ ବ୍ୟକ୍ତିଙ୍କ ପରଲୋକ

**ମାଡ୍ରିଡ୍, ୧୯।୧(ବ୍ୟୁରୋ):** ବିଶ୍ୱର ବୟସ୍କ ବ୍ୟକ୍ତିର ମାନ୍ୟତା ପାଇଥିବା ୧୧୨ବର୍ଷୀୟ ସ୍ପେନୀୟ ବ୍ୟକ୍ତି ସାଣ୍ଟିଆଗୋ ଡେ ଲା ଫୁଏଣ୍ଟଙ୍କ ମଙ୍ଗଳବାର ପରଲୋକ ଘଟିଛି। ଉତ୍ତରପଶ୍ଚିମ ସ୍ପେନର ନିଜ ଘରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଗତ ବର୍ଷ ସେପ୍ଟେମ୍ବରରେ ସାଣ୍ଟିଆଗୋ ବିଶ୍ୱର ବୟସ୍କ ବ୍ୟକ୍ତି ଭାବେ ଗିନିଜ ବୁକ୍ ଅଫ୍ ରେକର୍ଡର ମାନ୍ୟତା ପାଇଥିଲେ। ୧୯୦୯ ଫେବୃୟାରୀ ୯ରେ ସାଣ୍ଟିଆଗୋ ଜନ୍ମ ଗ୍ରହଣ କରିଥିଲେ। ୧୯୧୮ରେ ସେ ସ୍ପାନିଶ ଫ୍ଲୁ ମାହାମାରୀରୁ ବର୍ଞ୍ଚି ଯାଇଥିଲେ। ତାଙ୍କୁ ଯେତେବେଳେ ୧୩ବର୍ଷ ବୟସ ହୋଇଥିଲା, ସେବେଠାରୁ ସେ ଜୋତା କାରଖାନାରୁ କାମ ଆରମ୍ଭ କରିଥିଲେ। ତାଙ୍କର ୮ ଝିଅପୁଅ ଥିବାବେଳେ ୧୪ନାତୁଣୀନାତି, ୨୨ ଅଣନାତୁଣୀନାତି ଅଛନ୍ତି। କୋଭିଡ୍ ପାଣ୍ଡେମିକ୍ ସମୟରେ ସେ ଲିଓନ୍‌ରେ ପ୍ରଥମ ବ୍ୟକ୍ତି ଭାବେ ଟିକା ନେଇଥିଲେ। ସାଣ୍ଟିଆଗୋ ପଡ଼ୋଶୀ ଲିଓନ୍- ସିଡି ଫୁଏଣ୍ଟେ କ୍ୟାଷ୍ଟ୍ରୋରେ ଏକ ଫୁଟବଲ୍ କ୍ଲବର ପ୍ରତିଷ୍ଠା କରିଥିଲେ। ଯାହାର ଏବେ ଅନେକ କନିଷ୍ଠ ଶାଖା ରହିଛି। ସାଣ୍ଟିଆଗୋ ତାଙ୍କର ସମର୍ପିତ ମନୋଭାବ ପାଇଁ ସମସ୍ତଙ୍କ ହୃଦୟରେ ସବୁଦିନ ପାଇଁ ମନେ ରହିବେ ବୋଲି ଶୁଭେଚ୍ଛୁମାନେ ମତ ପ୍ରକାଶ କରିଛନ୍ତି।



# ଅନାଥଙ୍କ ଘରକୁ ଯାଇ କ୍ଷତିପୂରଣ ଦିଅ

**ନୂଆଦିଲ୍ଲୀ, ୧୯।୧**

■କୋଭିଡ୍ ମୃତକଙ୍କ ପରିବାରକୁ କ୍ଷତିପୂରଣରେ ଅନିୟମିତତା

■ଅସନ୍ତୋଷ ବ୍ୟକ୍ତ କଲେ ସୁପ୍ରିମକୋର୍ଟ



କୋଭିଡ୍-୧୯ରେ ନିଜ ପ୍ରିୟଜନଙ୍କୁ ହରାଇଥିବା ଲୋକଙ୍କ ପାଖକୁ ଯାଇ କ୍ଷତିପୂରଣ ଦିଅ। ସେମାନେ କେବେ କ୍ଷତିପୂରଣ ଦାବିରେ ଆବେଦନ କରିବେ ତାକୁ ଅପେକ୍ଷା କରନାହିଁ ବୋଲି ବୁଧବାର ରାଜ୍ୟ ସରକାରମାନଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କେବଳ ଏତିକି ନୁହେଁ, ମହାମାରୀ ସମୟରେ ମା'ବାପାଙ୍କୁ ହରାଇଥିବା ୧୦,୦୦୦ ଅନାଥ ଶିଶୁଙ୍କ ପାଖରେ ପହଞ୍ଚି ୫୦,୦୦୦ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ମଧ୍ୟ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ରହିଛି। କୋଭିଡ୍ ମହାମାରୀରେ ଆତ୍ମୀୟଙ୍କୁ ହରାଇଥିବା ପରିବାର ପିଛା ୫୦,୦୦୦ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ପାଇଁ ସୁପ୍ରିମକୋର୍ଟ ସ୍ଥିର କରିଛନ୍ତି। ତେବେ କେତେକ ରାଜ୍ୟ ଏଥିରେ ଟାଳଟୁଳ ନୀତି ଆପଣାଉଥିବାରୁ ଅଦାଲତଙ୍କ ତତ୍ତ୍ୱାବଧାନରେ କ୍ଷତିପୂରଣ ଦିଆଯାଉ ବୋଲି ଆଇନଜୀବୀ ଗୌରବ ବଂଶଲ ଦାଖଲ କରିଥିବା ଏକ ପିଟିଶନରେ ପ୍ରାର୍ଥନା କରିଥିଲେ। ଜଷ୍ଟିସ୍ ଏମ୍.ଆର୍. ଶାହ ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ଆବେଦନର ଶୁଣାଣି ବେଳେ କେରଳ ସରକାରଙ୍କ ଓକିଲଙ୍କୁ କହିଥିଲେ, ଯେଉଁଠି ବି କୋଭିଡ୍ ମୃତ୍ୟୁ ରେକର୍ଡ ହୋଇଛି ସେଠାକୁ ନିଜ ଅଧିକାରୀମାନଙ୍କୁ ପଠାନ୍ତୁ। ଅଫିସରମାନେ ସେମାନଙ୍କ ଘରକୁ ଯିବା ଜରୁରୀ। ମୃତ୍ୟୁ ପଞ୍ଜୀକୃତ ହୋଇଥିବା ସ୍ଥାନକୁ ଯିବା ପାଇଁ ଅଦାଲତଙ୍କୁ ଯେପରି ଆଉ ତାଗିଦ କରିବାକୁ ନ ପଡ଼େ ସରକାର ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଆତ୍ମୀୟସ୍ୱଜନଙ୍କୁ ହରାଇଥିବା ଲୋକଙ୍କୁ କ୍ଷତିପୂରଣ ଦେବାକୁ ବାଧ୍ୟ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। କେରଳରେ ମହାମାରୀ ଅଦ୍ୟାବଧି ୪୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇଥିବାବେଳେ ପ୍ରାୟ ୨୩,୦୦୦ ପରିବାର କ୍ଷତିପୂରଣ ପାଇଛନ୍ତି। କ୍ଷତିପୂରଣ ରାଶି ପ୍ରଦାନରେ ବିଳମ୍ବକୁ ନେଇ ଜଷ୍ଟିସ୍ ଶାହ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ, ରାଜ୍ୟଗୁଡ଼ିକ ମନେକରୁଛନ୍ତି ଯେ, ଲୋକେ ସେମାନଙ୍କ ଦୟାରେ ଚଳୁଛନ୍ତି। ସେହିପରି ଜଷ୍ଟିସ୍ ଖାନ୍ନା କହିଥିଲେ, ରେକର୍ଡ ହୋଇଥିବା କୋଭିଡ୍ ମୃତ୍ୟୁ ଓ ଗ୍ରହଣ କରାଯାଇଥିବା ଆବେଦନ ସଂଖ୍ୟାରେ ବ୍ୟବଧାନ ଗମ୍ଭୀର ଚିନ୍ତାର ବିଷୟ। ଅନେକ ରାଜ୍ୟରେ ଯେତିକି ଲୋକ କୋଭିଡ୍-୧୯ ଯୋଗୁ ପ୍ରାଣ ହରାଇଛନ୍ତି ତା' ତୁଳନାରେ କ୍ଷତିପୂରଣ ଦାବି କମ୍ ରହୁଛି। ଏହାସତ୍ତ୍ୱେ ସମ୍ପୃକ୍ତ ରାଜ୍ୟର ସରକାର ତତ୍ପରତା ଦେଖାଉନାହାନ୍ତି। ଏହି ଅବସରରେ ଖଣ୍ଡପୀଠ ଗୁଜରାଟ ସରକାରଙ୍କୁ ଡକ୍ୟୁମେଣ୍ଟେଶନ୍ ସାମ୍ପୁଲ ମାଗିଥିଲେ। ଆନ୍ଧ୍ର ପ୍ରଦେଶ ଓ ବିହାର ମୁଖ୍ୟ ସଚିବଙ୍କଠାରୁ କ୍ଷତିପୂରଣ ପ୍ରଦାନ ନେଇ ସ୍ପଷ୍ଟୀକରଣ ଲୋଡ଼ିଥିଲେ। ପୂର୍ବରୁ ନିର୍ଦ୍ଦେଶ ରହିଥିବାବେଳେ ଅର୍ଥ ପ୍ରଦାନରେ ଖିଲାପ କରିଥିବା ଆନ୍ଧ୍ର ମୁଖ୍ୟ ସଚିବ ସମୀର ଶର୍ମାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷଙ୍କ ସହାୟତାରେ ପୀଡ଼ିତ ପରିବାର ସଂଖ୍ୟା ରେକର୍ଡ ମଗାଯିବ ବୋଲି ସୁପ୍ରିମକୋର୍ଟ କହିଥିଲେ।

## ଜାତିସଂଘର ଆକଳନ ନିରର୍ଥକ: ମସ୍କ



**ନୂଆଦିଲ୍ଲୀ, ୧୯।୧**

ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସ ସିଇଓ ଏଲନ ମସ୍କ ଜାତିସଂଘ ଭଳି ଅନ୍ତର୍ଜାତୀୟ ସଙ୍ଗଠନକୁ ସମାଲୋଚନା କରିଛନ୍ତି। ବିଶ୍ୱରେ ଜନସଂଖ୍ୟା ଦ୍ରୁତବେଗରେ ହ୍ରାସ ପାଉଥିବା କହି ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏବେ ଏ ଦିଗରେ ଅଧିକ ସଚେତନ ହେବା ଜରୁରୀ ବୋଲି ମସ୍କ କହିଛନ୍ତି। ଏକ ଟୁଇଟରେ ସେ ଉଲ୍ଲେଖ କରିଛନ୍ତି, ଜାତିସଂଘର ଆକଳନ ନିରର୍ଥକ। ବିଶ୍ୱରେ ପ୍ରଜନନ ହାର ଯଥେଷ୍ଟ କମିଛି। ଏଥିଯୋଗୁ ମାନବ ଜାତି ବିପର୍ଯ୍ୟୟ ମୁହାଁ ହେଉଛି। ଯଦି ପୃଥିବୀରେ ମଣିଷ କମିଯିବେ ତେବେ ମଙ୍ଗଳରେ କିପରି ମାନବ ସମାଜ ପ୍ରତିଷ୍ଠା ହେବ ବୋଲି ସେ କହିଛନ୍ତି।

# କୋଭିଡ୍ ଡେଡ୍‌ଲାଇନ ମାର୍ଚ୍ଚ ୧୧

**ନୂଆଦିଲ୍ଲୀ, ୧୯।୧**

■ଆଇସିଏମ୍‌ଆର ବୈଜ୍ଞାନିକଙ୍କ ଦାବି

■ଦିଲ୍ଲୀ, ମୁମ୍ବାଇରେ ଶୀର୍ଷକୁ ଛୁଇଁ ସାରିଛି କରୋନା

■ନୂଆ ଭାରିଆଣ୍ଟ ନ ଆସିଲେ ଖୁବ୍‌ଶୀଘ୍ର ଏଣ୍ଡେମିକ୍

ଦେଶ ଏବେ କରୋନାର ତୃତୀୟ ଲହରକୁ ସାମ୍ନା କରୁଥିବାବେଳେ ଦୈନିକ ସଂକ୍ରମଣରେ ହ୍ରାସ ବୃଦ୍ଧି ଲାଗିରହିଛି। ଦିଲ୍ଲୀ, ମୁମ୍ବାଇ ଭଳି ସହରରେ କରୋନା କେସ୍ ଶୀର୍ଷରେ ପହଞ୍ଚିବା ପରେ ଏହି ସଂଖ୍ୟା ଏବେ କମୁଥିବା ଦେଖାଯାଇଛି। ଯଦି ଏହା ଭିତରେ କୌଣସି ନୂଆ ଭାରିଆଣ୍ଟ ନ ଆସେ ଏବଂ ଲୋକେ ସତର୍କତା ଅବଲମ୍ବନ ଜାରି ରଖନ୍ତି ତେବେ ଆସନ୍ତା ମାର୍ଚ୍ଚ ୧୧ ସୁଦ୍ଧା କୋଭିଡ୍ ସଂକ୍ରମଣ ସଂଖ୍ୟା ବହୁମାତ୍ରାରେ କମିଯିବ। ଯଦି ଓମିକ୍ରନ୍ ଭାରିଆଣ୍ଟ ସମ୍ପୂର୍ଣ୍ଣ ଭାବେ ଡେଲ୍ଟା ସ୍ଥାନକୁ ଅକ୍ତିଆର କରିନିଏ ତେବେ କରୋନାର ଅନ୍ତ (ଏଣ୍ଡେମିକ୍) ଆରମ୍ଭ ହୋଇଯିବ ବୋଲି ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍)ର ମହାମାରୀ ବା ଏପିଡେମିଓଲୋଜିକାଲ ଡିପାର୍ଟମେଣ୍ଟର ମୁଖ୍ୟ ସମୀରନ୍ ପଣ୍ଡା ଦାବି କରିଛନ୍ତି।

ମହାମାରୀ ଉପରେ ହୋଇଥିବା ଗାଣିତିକ ପ୍ରୋଜେକସନ ଅନୁସାରେ ଡିସେମ୍ବର ୧୧ରୁ ଆରମ୍ଭ ହୋଇଥିବା ଓମିକ୍ରନ୍ ଲହର ୩ ମାସ ପର୍ଯ୍ୟନ୍ତ ରହିବ। ମାର୍ଚ୍ଚ ୧୧ ପରଠାରୁ ସଂକ୍ରମଣ ହାର ଯଥେଷ୍ଟ କମ୍ ରହିବ। ତେବେ ଏ ଦିଗରେ ଅଧିକ ନିଶ୍ଚିତ ହେବା ପୂର୍ବରୁ ଆମକୁ ଦିଲ୍ଲୀ ଏବଂ ମହାରାଷ୍ଟ୍ରରେ କୋଭିଡ୍ କେସ୍ ଉପରେ ନଜର ରଖିବାକୁ ପଡ଼ିବ। କାରଣ ଏବେ ମଧ୍ୟ ଦିଲ୍ଲୀ ଏବଂ ମୁମ୍ବାଇରେ କରୋନା ମାମଲା ଆଖିଦୃଶିଆ ଭାବେ କମିନାହିଁ ବୋଲି ସମୀରନ୍ ପଣ୍ଡା କହିଛନ୍ତି। ଏହା ବ୍ୟତୀତ ବିଭିନ୍ନ ରାଜ୍ୟଗୁଡ଼ିକରେ ମଧ୍ୟ କରୋନା ସ୍ଥିତି ଭିନ୍ନ ରହିଛି। ସେହିପରି ମନ୍‌ଲୁପିରାଭିର୍‌ର ବ୍ୟବହାରକୁ ନେଇ ଡିସିଜିଆଇ ଏବଂ ଆଇସିଏମ୍‌ଆର୍ ମଧ୍ୟରେ ମତ ପାର୍ଥକ୍ୟ ଚର୍ଚ୍ଚା ଉପରେ ସେ କହିଛନ୍ତି, ଟିକା ନେଇ ନ ଥିବା ସଂକ୍ରମିତଙ୍କୁ ଏହି ଔଷଧ ଦିଆଯାଇପାରିବ। କିନ୍ତୁ ଜଣେ ଗର୍ଭବତୀ, ସ୍ତନ୍ୟପାନ କରାଉଥିବା ମହିଳା, ଶିଶୁଙ୍କୁ ମନ୍‌ଲୁପିରାଭିର ଦିଆଯିବା ନେଇ କୌଣସି ଗାଇଡ୍‌ଲାଇନ ନାହିଁ। ତେଣୁ ତାହା ପ୍ରୋଟୋକଲ ମଧ୍ୟରେ ଆସୁନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

## ସକ୍ରିୟ ମାମଲା ୨୩୨ ଦିନରେ ସର୍ବାଧିକ

**ନୂଆଦିଲ୍ଲୀ, ୧୯।୧**

**୨୪ ଘଣ୍ଟାରେ ୨.୮୨ ଲକ୍ଷ ସଂକ୍ରମିତ**

ଦେଶରେ କୋଭିଡ୍ ସକ୍ରିୟ ମାମଲା ଗତ ୨୩୨ ଦିନରେ ସର୍ବାଧିକ ରହିଛି। ଗତ ୨୪ ଘଣ୍ଟାରେ ମୋଟ ୨,୮୨,୯୭୦ ମାମଲା ଚିହ୍ନଟ ହୋଇଛି। ଫଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୭୯,୦୧,୨୪୨କୁ ବୃଦ୍ଧି ପାଇଛି। ସେଥିମଧ୍ୟରେ ୮,୯୬୧ ଓମିକ୍ରନ୍ ମାମଲା ରହିଥିବା ବୁଧବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏବେ ଦେଶରେ ସକ୍ରିୟ ମାମଲା ୧୮,୩୧,୦୦୦ ରହିଛି, ଯାହା କି ୨୩୨ ଦିନରେ ସର୍ବାଧିକ। ୨୦୨୧ ମେ' ୩୧ରେ ମୋଟ ସକ୍ରିୟ ମାମଲା ୧୮,୯୫,୫୨୦ ରହିଥିଲା। ସେହିପରି ଦିନକରେ ୪୪୧ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଦେଶରେ ମୋଟ କରୋନା ମୃତ୍ୟୁ ୪,୮୭,୨୦୨କୁ ବୃଦ୍ଧି ପାଇଛି। ଏବେ ମୋଟ ସଂକ୍ରମଣର ୪.୮୩ ପ୍ରତିଶତ ଆକ୍ଟିଭ୍ କେସ୍ ରହିଛି। ମଙ୍ଗଳବାର ରେକର୍ଡ ତଥ୍ୟ ଅନୁସାରେ ଦିନକରେ ଓମିକ୍ରନ୍ ଭାରିଆଣ୍ଟରେ ସଂକ୍ରମିତଙ୍କ ହାର ୦.୭୯ ପ୍ରତିଶତ ବଢ଼ିଛି। ପ୍ରତ୍ୟେକ ନମୁନାର ଜିନୋମ ସିକ୍ୱେନ୍ସି ସମ୍ଭବ ହେଉ ନ ଥିବାରୁ ଅଧିକାଂଶ ମାମଲା ଓମିକ୍ରନ୍ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଦୈନିକ ପଜିଟିଭିଟି ରେଟ୍ ୧୫.୧୩ ପ୍ରତିଶତ ରେକର୍ଡ କରାଯାଇଥିବା ବେଳେ ମୃତ୍ୟୁହାର ୧.୨୯ ପ୍ରତିଶତ ରହିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦିନକରେ କେରଳରେ ସର୍ବାଧିକ ୧୨୨ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

## ପେଡ୍ ନ୍ୟୁଜ୍ ଛାପିବାରୁ ଦୂରେଇରୁହ

**ପ୍ରିଣ୍ଟ ମିଡିଆକୁ ପିସିଆଇର ଆଡଭାଇଜରି**

**ନୂଆଦିଲ୍ଲୀ, ୧୯।୧**

ଆଗକୁ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାବେଳେ ପ୍ରିଣ୍ଟ ବା ଛାପା ଗଣମାଧ୍ୟମଗୁଡ଼ିକ ସାମ୍ବାଦିକତା ଆଚରଣ ମାନଦଣ୍ଡକୁ ପାଳନ କରି ଦେୟଯୁକ୍ତ ଖବର ଛାପିବାରୁ ଦୂରେଇ ରହିବାକୁ ବୁଧବାର ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ (ପିସିଆଇ) ପକ୍ଷରୁ ଆଡ୍‌ଭାଇଜରି ଜାରି କରାଯାଇଛି। ଏଥିସହ ରିପ୍ରେଜେଣ୍ଟେଶନ ଅଫ୍ ପିପୁଲ (ଆର୍‌ପି) ଆକ୍ଟ, ୧୯୫୧କୁ ଉଲ୍ଲଂଘନ କରୁଥିବା ଭଳି କୌଣସି ଖବର, ବିଷୟବସ୍ତୁ ମଧ୍ୟ ପ୍ରକାଶ ନ କରିବାକୁ ପିସିଆଇ କହିଛି।

# ଆମଠୁ ଟିକସ ନିଅ

**ଡାଭୋସ୍, ୧୯।୧**

**ଶହେ ମିଲିୟନେୟାରଙ୍କ ଖୋଲା ଚିଠି**




କୋଭିଡ୍ ମହାମାରୀବେଳେ ବିଶ୍ୱରେ ବିତ୍ତଶାଳୀଙ୍କ ସମ୍ପତ୍ତି ବହୁଗୁଣିତ ହୋଇଥିବା ଏବଂ ସେମାନଙ୍କଠାରୁ ଅତିରିକ୍ତ ଟିକସ ଆଦାୟ କରି ତାହାକୁ ଉନ୍ନତିମୂଳକ କାର୍ଯ୍ୟରେ ଲଗାଯିବା ସମ୍ପର୍କିତ ଏକ ରିପୋର୍ଟ ନିକଟରେ ୱାର୍ଲ୍ଡ ଇକୋନୋମିକ୍ ଫୋରମ(ଡବ୍ଲୁଇଏଫ୍)ରେ ଅକ୍ସଫାମ ପକ୍ଷରୁ ପ୍ରକାଶ ପାଇଥିଲା। ଏହାକୁ ନେଇ ଶହେରୁ ଊର୍ଦ୍ଧ୍ୱ ମିଲିୟନେୟାର ଡବ୍ଲୁଇଏଫ୍‌କୁ ଖୋଲା ଚିଠି ଲେଖି ସେମାନଙ୍କ ନିକଟରୁ ଟିକସ ଆଦାୟ କରିବାକୁ କହିଛନ୍ତି।

ଡିସ୍‌ନୀର ଉତ୍ତରାଧିକାରୀ ଆବିଗଲି ଡିସ୍‌ଙ୍କ ସମେତ ଚିଠି ଲେଖିଥିବା ୧୦୨ ବିତ୍ତଶାଳୀଙ୍କ ମତରେ, ସମ୍ପ୍ରତି ପ୍ରଚଳିତ ଟିକସ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଅନୁଚିତ। ଏହା କେବଳ ଜଣେ ଧନୀକୁ ଆହୁରି ଧନୀ କରିବା ପାଇଁ ଉଦ୍ଦିଷ୍ଟ। ସମସ୍ତ ଦେଶ ବିତ୍ତଶାଳୀଙ୍କ ନିକଟରୁ ଉଚିତ ଟିକସ ଆଦାୟ କରିବା ଦରକାର। ଏବେ ହିଁ ଧନିକ ଗୋଷ୍ଠୀଙ୍କଠାରୁ ଟାକ୍ସ ଆଦାର କର ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଏହି ଚିଠିରେ ଆମେରିକା, କାନାଡା, ଜର୍ମାନୀ, ବ୍ରିଟେନ, ଡେନମାର୍କ, ନରୱେ, ଅଷ୍ଟ୍ରିଆ, ନେଦରଲାଣ୍ଡସ, ଇରାନ ଆଦି ଦେଶର ମିଲିୟନେୟାରଙ୍କ ଦସ୍ତଖତ ରହିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟରେ କେତେ ସମ୍ପତ୍ତି ରହିଛି ସେହି ଅନୁସାରେ ଟିକସ ଆଦାୟ କରାଯିବାକୁ ଏହି ଗ୍ରୁପ୍‌ର ମିଲିୟନେୟାର ପରାମର୍ଶ ଦେଇଛନ୍ତି। ଯେପରି ୫ ମିଲିୟନ ଡଲାର ସମ୍ପତ୍ତି ଥିବା ଲୋକଙ୍କଠାରୁ ୨ ପ୍ରତିଶତ, ୫୦ ମିଲିୟନ ଡଲାର ଥିବା ବ୍ୟକ୍ତିଙ୍କ ନିକଟରୁ ୩ ପ୍ରତିଶତ ଏବଂ ୧ ବିଲିୟନ ଡଲାର ସମ୍ପତ୍ତି ଥିବା ଧନୀଙ୍କଠାରୁ ୫ ପ୍ରତିଶତ ହାରରେ ଟିକସ ଆଦାୟ କରାଯାଇପାରିବ ବୋଲି ସେମାନେ କହିଛନ୍ତି। କରୋନାବେଳେ ବିଶ୍ୱର ୧୦ ପ୍ରମୁଖ ବିତ୍ତଶାଳୀ ବ୍ୟକ୍ତିଙ୍କ ସମ୍ପତ୍ତି ଦୁଇଗୁଣା ବଢ଼ିଛି। ସେମାନଙ୍କ ସମ୍ପତ୍ତି ୭୦୦ ବିଲିୟନ ଡଲାରରୁ ୧.୫ ଟ୍ରିଲିୟନ ଡଲାରରେ ପହଞ୍ଚିଥିବା ଅକ୍ସଫାମ ରିପୋର୍ଟରେ ଦର୍ଶାଯାଇଛି।

# ନେତାଜୀଙ୍କ କଥା ଶୁଣିଲେନି ବୋହୂ

**ନୂଆଦିଲ୍ଲୀ/ଲକ୍ଷ୍ନୌ, ୧୯।୧**

**ଭାଜପାରେ ମିଶିଲେ ଅପର୍ଣ୍ଣା ଯାଦବ**



ନୂଆଦିଲ୍ଲୀରେ ମୁଲାୟମ୍ ସିଂ ଯାଦବଙ୍କ ବୋହୂ ଅପର୍ଣ୍ଣା ଯାଦବଙ୍କୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସ୍ୱାଗତ କରୁଛନ୍ତି। ନିକଟରେ ଅଛନ୍ତି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ, ଦୀନେଶ ଶର୍ମା ଓ ଦଳର ରାଜ୍ୟ ସଭାପତି ସ୍ୱତନ୍ତ୍ର ଦେବ ସିଂ।

ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ସମାଜବାଦୀ ପାର୍ଟି (ଏସ୍‌ପି) ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବଙ୍କ ସାନବୋହୂ ଅପର୍ଣ୍ଣା ଯାଦବ ଭାଜପାରେ ଯୋଗଦେଇଛନ୍ତି। ନୂଆଦିଲ୍ଲୀରେ ଅପର୍ଣ୍ଣା ଭାଜପାରେ ସାମିଲ ହୋଇଛନ୍ତି। ଯୋଗୀ କ୍ୟାବିନେଟରୁ ଜଣେ ପରେ ଜଣେ ମନ୍ତ୍ରୀ ଇସ୍ତଫା ଦେବାସହ ବିଧାୟକମାନେ ଗୈରିକ ଦଳ ଛାଡ଼ି ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବଙ୍କ ସହ ହାତ ମିଳାଉଥିବାବେଳେ ଅପର୍ଣ୍ଣାଙ୍କ ଏହି ପଦକ୍ଷେପ ଭାଜପାକୁ କିଛିମାତ୍ରାରେ ଆଶ୍ୱସ୍ତ କରିଛି। ତେବେ ଅପର୍ଣ୍ଣାଙ୍କୁ ଭାଜପା କୌଣସି ଆସନରେ ପ୍ରାର୍ଥୀ ନ କରି ୟୁପିରେ ଦଳର ମହିଳା ମୋର୍ଚ୍ଚା ଦାୟିତ୍ୱ ଦେଇପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଭାଜପାରେ ସାମିଲ ନ ହେବା ପାଇଁ ନେତାଜୀ (ମୁଲାୟମ୍) ଅପର୍ଣ୍ଣାଙ୍କୁ ବୁଝାଇଥିଲେ। ହେଲେ ସେ ନେତାଜୀଙ୍କ କଥା ଶୁଣି ନ ଥିଲେ ବୋଲି ଅଖିଳେଶ କହିବା ସହ ରାଜନୈତିକ କ୍ୟାରିୟର ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

୩୨ ବର୍ଷୀୟା ଅପର୍ଣ୍ଣା ଯାଦବ ହେଉଛନ୍ତି ଏସ୍‌ପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ଭାଇ ପ୍ରତୀକ ଯାଦବଙ୍କ ସ୍ତ୍ରୀ। ଅଖିଳେଶଙ୍କ ମା' ମାଳତି ଦେବୀ ମୁଲାୟମ୍‌ଙ୍କ ପ୍ରଥମ ସ୍ତ୍ରୀ ହୋଇଥିବାବେଳେ ପ୍ରତୀକଙ୍କ ମା' ସାଧନା ଗୁପ୍ତା ଦ୍ୱିତୀୟ ସ୍ତ୍ରୀ। ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ୨୦୧୭ ବିଧାନସଭା ନିର୍ବାଚନ ପୂର୍ବରୁ ବିଦ୍ରୋହ କରି ସମାଜବାଦୀ ପାର୍ଟିର ନେତୃତ୍ୱ ବାପାଙ୍କ ହାତରୁ ଛଡ଼ାଇ ନେଇଥିଲେ। ଏହା ପରେ ନେତାଜୀଙ୍କ ରାଜନୈତିକ ଉତ୍ତରାଧିକାରକୁ ନେଇ ଦୁଇ ପରିବାର ଭିତରେ ନିଆଁ କୁହୁଳୁଥିଲା। ପ୍ରତୀକ ରାଜନୀତି ପ୍ରତି ଆଗ୍ରହୀ ନ ଥିବାବେଳେ ତାଙ୍କ ସ୍ତ୍ରୀ ଅପର୍ଣ୍ଣା ମଇଦାନକୁ ଓହ୍ଲାଇବା ପାଇଁ ଚାହୁଁଥିଲେ। ୨୦୧୭ରେ ଅଖିଳେଶ ତାଙ୍କୁ ଲକ୍ଷ୍ନୌ କ୍ୟାଣ୍ଟ ଆସନରୁ ଏସ୍‌ପି ଟିକେଟ ଦେଇଥିଲେ। ତେବେ ସେ ଭାଜପାର ରୀତା ବହୁଗୁଣା ଜୋଷୀଙ୍କଠାରୁ ପରାଜିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଅପର୍ଣ୍ଣା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଶଂସା କରିବାରେ ଲାଗିଥିଲେ। ଏବେ ମୁଣ୍ଡ ଉପରେ ଆଉ ଏକ ନିର୍ବାଚନ ଥିବାରୁ ସେ ଭାଜପାରେ ମିଶିଛନ୍ତି। ୟୁପି ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ ଭାଜପା ସଭାପତି ସ୍ୱତନ୍ତ୍ର ଦେବ ସିଂଙ୍କ ଉପସ୍ଥିତିରେ ଦଳରେ ସାମିଲ ହେବା ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ସାକ୍ଷାତ୍ କରିଛନ୍ତି। ୧୯୯୦ରେ ଉତ୍ତରାଖଣ୍ଡରେ ଜନ୍ମିତ ଅପର୍ଣ୍ଣା ବ୍ରିଟେନରେ ପାଠ ପଢ଼ିଛନ୍ତି। ସେ ବିଏୱେର ନାମକ ଏକ ସଙ୍ଗଠନ ଚଳାନ୍ତି, ଯାହାକି ମହିଳାଙ୍କ ପାଇଁ ଏବଂ ଗୋସୁରକ୍ଷା ନିମନ୍ତେ କାମ କରିଥାଏ। ଗତ ବିଧାନସଭା ନିର୍ବାଚନ ବେଳେ ଅପର୍ଣ୍ଣା ଯୋଗୀଙ୍କୁ ନିଜ ଗୋଶାଳାକୁ ଡାକି ଗୋରୁଙ୍କୁ ଖୁଆଉଥିବାବେଳର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୩,୬୦,୨୮,୯୨୦ | ୫୫,୬୬,୨୩୧ | ୨୭,୧୬,୫୩,୬୧୬ |
| ଭାରତ | ୩,୭୯,୦୧,୨୪୧ | ୪,୮୭,୨୨୬ | ୩,୫୫,୮୩,୦୩୯ |
| ଓଡ଼ିଶା | ୧୧,୬୭,୦୯୪ | ୮୪୯୪(+୫୩) | ୧୦,୮୦,୫୬୨ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସହଯୋଗ ରହିଲେ ମୁକାବିଲା ସମ୍ଭବ

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ରାଜ୍ୟରେ କୋଭିଡ୍‌ର ତୃତୀୟ ଲହର ଚାଲିଛି। ବର୍ତ୍ତମାନ ଦୈନିକ ସଂକ୍ରମଣ ରାଜ୍ୟରେ ୧୦ରୁ ୧୧ ହଜାର ରହୁଛି। ଆଉ କିଛି ସପ୍ତାହ କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତେ କୋଭିଡ୍ ନିର୍ଦ୍ଦେଶନାମା ପାଳନ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଅନୁରୋଧ କରିଛନ୍ତି। କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କଲେ ଆମେ ରାଜ୍ୟକୁ କୋଭିଡ୍ ମୁକ୍ତ କରିପାରିବା ବୋଲି ସେ କହିଛନ୍ତି।

ବୁଧବାର ରାଜ୍ୟବାସୀଙ୍କୁ ସମ୍ବୋଧନ କରି ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ବଢ଼ୁଥିବା କୋଭିଡ୍ ମାମଲାକୁ ନେଇ ସମସ୍ତେ ବିଶେଷ ସତର୍କ ରହିବା ଅତ୍ୟନ୍ତ ଜରୁରୀ। ବର୍ତ୍ତମାନ ସ୍ଥିତିରେ ରାଜ୍ୟରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣରେ ରହିଛି। ଆଗାମୀ ସ୍ଥିତିକୁ ଦୃଷ୍ଟିରେ ରଖି ସରକାର କୋଭିଡ୍ ହସ୍ପିଟାଲରେ ପର୍ଯ୍ୟାପ୍ତ ପରିମାଣର ବେଡ୍ ଏବଂ ଔଷଧ ମହଜୁଦ ରଖିଛନ୍ତି। ଏବେ ୧୦% ବେଡ୍‌ରେ କୋଭିଡ୍ ରୋଗୀ ରହିଥିବା ବେଳେ ୯୦% ବେଡ୍ ଖାଲି ରହିଛି।

ଦ୍ୱିତୀୟ ଲହରରେ ପ୍ରତି ୧୦୦ ଜଣରେ ୧୦ ଜଣ ହସ୍ପିଟାଲରେ ଭର୍ତ୍ତି ହେଉଥିଲେ। ମାତ୍ର ତୃତୀୟ ଲହରରେ ୧୦୦ ଜଣ ସଂକ୍ରମିତଙ୍କ ମଧ୍ୟରୁ ୨ ଜଣଙ୍କୁ ହସ୍ପିଟାଲକୁ ଆସିବାକୁ ପଡୁଛି। ତୃତୀୟ ପ୍ରବାହକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ବିଶେଷ ପଦକ୍ଷେପ ଗ୍ରହଣ କରିଛନ୍ତି। ଲୋକଙ୍କ ଜୀବିକା ଯେପରି ପ୍ରଭାବିତ ନ ହେବ ସେଥିପ୍ରତି ଦୃଷ୍ଟି ଦେଇ କୋଭିଡ୍ କଟକଣାକୁ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କଥା ହେବା ବେଳେ ମାସ୍କ ପିନ୍ଧିବା ଉଚିତ। ଗହଳି କରିବା ନାହିଁ କିମ୍ବା ଗହଳି ସ୍ଥାନକୁ ଯିବା ନାହିଁ। ରାଜ୍ୟବାସୀଙ୍କ ସହଯୋଗ ଯୋଗୁ ରାଜ୍ୟ ସରକାର ତୃତୀୟ ଲହରକୁ ମୁକାବିଲା କରି ପାରିଛନ୍ତି। ଜୀବିକା ପ୍ରଭାବିତ ନ କରିବା ପାଇଁ ରାଜ୍ୟରେ ଲକ୍‌ଡାଉନ କିମ୍ବା ଶଟ୍‌ଡାଉନ କରାଯାଉ ନାହିଁ। ଯେଉଁମାନେ ଟିକାକରଣ ପ୍ରକ୍ରିୟାରୁ ବଞ୍ଚିତ ଅଛନ୍ତି ଅଥବା ଦ୍ୱିତୀୟ ଡୋଜ ନେଇନାହାନ୍ତି ସେମାନେ ଖୁବ୍‌ଶୀଘ୍ର ନେବା ଦରକାର। ଗର୍ଭବତୀ ମହିଳା, ଶିଶୁ ଏବଂ ବୃଦ୍ଧବୃଦ୍ଧାଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଓଡ଼ିଶାରେ ସଂକ୍ରମଣ ହାର ବଢ଼ିଥିବାବେଳେ ରାଜ୍ୟ ସରକାର ମଧ୍ୟ କୋଭିଡ୍ ହସ୍ପିଟାଲକୁ କାର୍ଯ୍ୟକ୍ଷମ କରିଛନ୍ତି। ସେପଟେ ଯେହେତୁ ପଞ୍ଚାୟତ ନିର୍ବାଚନ ଆଗାମୀ ମାସରେ ଅନୁଷ୍ଠିତ ହେବାକୁ ଯାଉଛି, ଆହୁରି ସଚେତନ ହେବା ଜରୁରୀ। ନିର୍ବାଚନକୁ ଦୃଷ୍ଟିରେ ରଖି କୋଭିଡ୍ ଗାଇଡ୍‌ଲାଇନ ଜାରି କରାଯାଥିବା ମୁଖ୍ୟ ଶାସନ ସଚିବ କହିଛନ୍ତି।



ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଉଛନ୍ତି।

**ମୁଖ୍ୟ ଶାସନ ସଚିବଙ୍କ କୋଭିଡ୍ ବାର୍ତ୍ତା**

- ଜୀବିକା ପ୍ରଭାବିତ ନ କରିବାକୁ ଲକ୍‌ଡାଉନ, ଶଟ୍‌ଡାଉନ ହେଉ ନାହିଁ
- ରାଜ୍ୟରେ ୯୦% ବେଡ୍ ଖାଲି ଅଛି

# ଶ୍ମଶାନରେ ଚେଇଁ ଉଠିଲା ମୃତ ଘୋଷିତ ଶିଶୁ

## କରଞ୍ଜିଆ ଡାକ୍ତରଖାନାରେ ଉତ୍ତେଜନା

**ପାଟଣା,୧୯।୧(ସ୍ୱ.ପ୍ର.):** ଡାକ୍ତରଙ୍କ ଦ୍ୱାରା ମୃତ ଘୋଷିତ ନବଜାତ ଶିଶୁକୁ ଶ୍ମଶାନରେ ପୋତାଯାଉଥିବା ବେଳେ ହଠାତ୍ କାନ୍ଦି ଥିଲା। କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକର ଖଡ଼ିକା ପଡ଼ାଗାଁରେ ବୁଧବାର ଏହି ଘଟଣା ଘଟିଛି। ଉକ୍ତ ଶିଶୁକୁ ଶ୍ମଶାନରୁ ଫେରାଇ ନେଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଦେଇଛି। ଖଡ଼ିକାପଡ଼ାର ସନିଆ ମୁଣ୍ଡାଙ୍କ ସ୍ତ୍ରୀ ରାଇମଣି ବୁଧବାର ପ୍ରସବ ବେଦନା ଭୋଗିବାରୁ ତାଙ୍କୁ କରଞ୍ଜିଆ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ପରେ ଡାକ୍ତର ଶିଶୁ ପୁତ୍ରଙ୍କୁ ମୃତ ଘୋଷଣା କରିଥିଲେ। ରାଇମଣି ଚିକିତ୍ସାଧୀନ ଥିବା ବେଳେ ସନିଆ ଶିଶୁକୁ ଏକ ବ୍ୟାଗରେ ପୂରାଇ ଗାଁକୁ ଆସିଥିଲେ। ତେବେ ପୋତିବା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଶିଶୁଟି ହଠାତ୍ କାନ୍ଦି ଉଠିଥିଲା। ସେ ଜୀବିତ ଥିବା ଜାଣି ସନିଆ ସଙ୍ଗେ ସଙ୍ଗେ ତାକୁ ପୁଣି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଯାଇଥିଲେ। ଏବେ ସେଠାରେ ଆଇସିୟୁରେ ରଖି ଶିଶୁ ପୁତ୍ରର ଚିକିତ୍ସା କରାଯାଉଛି। ଘଟଣା ସମ୍ପର୍କରେ ଡା.ଅକ୍ଷୟ କୁମାର କରଙ୍କୁ ପଚାରିବାରୁ ଶିଶୁରୋଗ ବିଶେଷଜ୍ଞଙ୍କ ଦ୍ୱାରା ଶିଶୁର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଉଛି। ଅଭିଯୋଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ମନୋଜଙ୍କ ପାଇଁ କାନ୍ଦିଲେ ବରୁଣ ଧାୱନ

**ମୁମ୍ବାଇ(ପିଟି)/ହିନ୍ଦୋଳ/ ରାସୋଳ(ଡି.ଏନ୍.ଏ.), ୧୯।୧**

ବଲିଉଡ୍‌ର ଆଗଧାଡ଼ିର ଅଭିନେତା ବରୁଣ ଧାୱନଙ୍କ ବ୍ୟକ୍ତିଗତ ଡ୍ରାଇଭର ମନୋଜ ସାହୁ (୪୭)ଙ୍କ ଗତ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ ମନୋଜଙ୍କ ପୈତୃକ ଘର ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକର କାରନ୍ଦା ପଞ୍ଚାୟତ କଳାଟାଙ୍ଗରରେ। ସେ ଦୀର୍ଘଦିନ ଧରି ଧାୱନ ପରିବାରର ବିଶ୍ୱସ୍ତ ଡ୍ରାଇଭର ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଦେହାନ୍ତ ପରେ ବରୁଣ ନିର୍ବାକ୍ ହୋଇଯାଇଥିବାବେଳେ ବଲିଉଡ୍ ଆଗଧାଡ଼ିର କଳାକାରଙ୍କ ସମେତ ଧାୱନ ପରିବାରରେ ଶୋକର ଛାୟା ଖେଳିଯାଇଛି।

ମୁମ୍ବାଇର ବାନ୍ଦ୍ରାସ୍ଥିତ ମେହେବୁବ୍ ଷ୍ଟୁଡିଓରେ ଏକ ସିନେମାର ଶୁଟିଂ ଚାଲିଥିବାବେଳେ ମଙ୍ଗଳବାର ବରୁଣଙ୍କୁ ଗାଡ଼ିରେ ନେଇ ଆସିଥିଲେ ମନୋଜ। ସେଠାରେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଶୁଟିଂ ସେଟ୍‌ରେ ଉପସ୍ଥିତ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ତୁରନ୍ତ ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେସେଠାରେଡାକ୍ତରମୃତଘୋଷଣାକରିଥିଲେ।

ଦୀର୍ଘ ୨୦ ବର୍ଷର ବୃତ୍ତିଗତ ଜୀବନ ଭିତରେ ବଲିଉଡ୍‌ର ପ୍ରଖ୍ୟାତ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପରିବାରର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଥିଲେ ମନୋଜ। ବିଦେଶରେ ହେଉଥିବା କାର୍ଯ୍ୟକ୍ରମରେ ମଧ୍ୟ ବରୁଣ ତାଙ୍କୁ ସାଙ୍ଗରେ ଧରି ଯାଉଥିଲେ। ମଜାଳିଆ ସ୍ୱଭାବର ମନୋଜ ଅନେକ ସମୟରେ ବରୁଣଙ୍କୁ ମାର୍ଗଦର୍ଶନ ଦେଇଆସୁଥିଲେ। ୨୦୧୮ରେ 'ମାଡାମ୍ ଟୁସାଦ୍'ରେ ନିଜର ମହମ ପ୍ରତିମା ଉନ୍ମୋଚନ କାର୍ଯ୍ୟକ୍ରମରେ ବରୁଣ ଯୋଗଦେଇଥିବାବେଳେ ତାଙ୍କ ସହ ମନୋଜ ମଧ୍ୟ ଉପସ୍ଥିତ ଥିଲେ। ସେହି ସମୟରେ ବରୁଣ ଉପସ୍ଥିତ ଦର୍ଶକଙ୍କ ସହ ମନୋଜଙ୍କୁ ପରିଚିତ କରାଇଥିଲେ ଏବଂ ତାଙ୍କୁ 'ଡ୍ରାଇଭିଂ ଫୋର୍ସ' ବୋଲି ଅଭିହିତ କରିଥିଲେ, ଯାହା ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଥିଲା। ମନୋଜଙ୍କ ମୃତ୍ୟୁ ପରେ ବରୁଣ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଭାବବିହ୍ୱଳ ପୋଷ୍ଟ କରିଛନ୍ତି।


ମନୋଜଙ୍କ ସହିତ ବରୁଣ ଧାୱନ

'ମନୋଜ ଦାଦାଙ୍କ ମୃତ୍ୟୁ ତାଙ୍କୁ ବାଷ୍ପରୁଦ୍ଧ କରିଦେଇଛି। ଏହି ଦୁଃଖକୁ ବ୍ୟକ୍ତ କରିବାକୁ ତାଙ୍କ ନିକଟରେ ଭାଷା ନାହିଁ। ଜୀବନ ଥିବା ଯାଏ ସେ ମନେରହିବେ ବୋଲି ବରୁଣ ଏଥିରେ ଉଲ୍ଲେଖ କରିଛନ୍ତି। ଏଥିସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ବୁଧବାର ହସ୍ପିଟାଲରେ ଆବଶ୍ୟକ କାଗଜପତ୍ର କାମ ଏବଂ ମୃତଦେହ ହସ୍ତାନ୍ତର ବେଳେ ବରୁଣ, ତାଙ୍କ ଭାଇ ତଥା ଜଣାଶୁଣା ସିନେ ନିର୍ମାତା ରୋହିତ ଧାୱନ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗୌରାଙ୍ଗ ସାହୁ ୩ ପୁଅ ମଧ୍ୟରେ ମନୋଜ ଦ୍ୱିତୀୟ। ଦୀର୍ଘଦିନ ହେଲା ବାପା ଗୌରାଙ୍ଗଙ୍କ ପରଲୋକ ହୋଇଯାଇଥିବାବେଳେ ଘରେ ବିଧବା ମା', ସ୍ତ୍ରୀ, ଯୁକ୍ତ୨ରେ ପଢୁଥିବା ଝିଅ ଏବଂ ନବମ ଶ୍ରେଣୀରେ ପଢୁଥିବା ପୁଅ ରହୁଛନ୍ତି। ମନୋଜଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ତାଙ୍କ ସ୍ତ୍ରୀ, ଦୁଇ ସନ୍ତାନ ଏବଂ ଭଣଜା ଭୁବନେଶ୍ୱରରୁ ବିମାନରେ ବୁଧବାର ମୁମ୍ବାଇରେ ପହଞ୍ଚିଥିଲେ। ସେଠାରେ ରହୁଥିବା ଅନ୍ୟ ସମ୍ପର୍କୀୟଙ୍କ ଉପସ୍ଥିତିରେ ଅପରାହ୍ନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଆସିଲା ୫୦ ହଜାର ଓମିସିଓର କିଟ୍

**ଭୁବନେଶ୍ୱର, ୧୯।୧(ବ୍ୟୁରୋ)**

ଏଣିକି ରାଜ୍ୟରେ ଓମିକ୍ରନ ଆକ୍ରାନ୍ତଙ୍କୁ ସହଜରେ ଓ ଶୀଘ୍ର ଚିହ୍ନଟ କରାଯାଇପାରିବ। ଏଥିପାଇଁ ଓଡ଼ିଶାରେ 'ଓମିସିଓର କିଟ୍' ପହଞ୍ଚିସାରିଛି। ଟାଟା ମେଡିକାଲ ଆଣ୍ଡ୍ ଡାଇଗ୍ନୋଷ୍ଟିକ୍ସ ଲିମିଟେଡ୍ (ଟାଟା ଏମ୍‌ଡି) ପକ୍ଷରୁ ବୁଧବାର ପ୍ରଥମ ପର୍ଯ୍ୟାୟରେ ୫୦ହଜାର ଓମିସିଓର କିଟ୍ ଆସିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ୍ କରି ସୂଚନା ଦେଇଛି। ଏହାର ବ୍ୟବହାର ଫଳରେ ଓମିକ୍ରନ୍ ଭୂତାଣୁ ଚିହ୍ନଟ ପାଇଁ ଆଉ ଜିନୋମ ସିକ୍ୱେନ୍ସିଂର ଆବଶ୍ୟକତା ପଡ଼ିବନି। ସେପଟେ ଓମିସିଓର କିଟ୍ ପହଞ୍ଚିବା ପରେ ଡ୍ରାଏ ରନ୍ ଆରମ୍ଭ ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, କିଟ୍ ଠିକ୍ ଅଛି ନା ନାହିଁ ସେଥିପାଇଁ ଟେଷ୍ଟ କରାଯାଉଛି। ଏହାକୁ ଇଣ୍ଟରନାଲ ଷ୍ଟଡି ପାଇଁ ବ୍ୟବହାର କରାଯିବ। ଯେଉଁ ଜିଲାରେ ଅଧିକ ସଂକ୍ରମିତ ବାହାରୁଛନ୍ତି ସେହି ଜିଲାକୁ ଓମିସିଓର କିଟ୍ ପଠାଯିବ। ମୁଖ୍ୟତଃ ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, କଟକରେ ପଜିଟିଭ ସଂଖ୍ୟା ଅଧିକ ରହୁଥିବାରୁ ପ୍ରାଥମିକ ପର୍ଯ୍ୟାୟରେ ଏହି ୪ ସହରରେ ଓମିକ୍ରନ ଭାରିଆଣ୍ଟ ଚିହ୍ନଟ କରିବାରେ ଏହା ସହାୟକ ହେବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ସୂଚନାଯୋଗ୍ୟ, ଟାଟା ଏମ୍‌ଡି ପ୍ରସ୍ତୁତ କରିଥିବା ଟେଷ୍ଟିଂ କିଟ୍ 'ଓମିସିଓର'କୁ କିଛିଦିନ ତଳେ ଇଣ୍ଡିଆନ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍) ମଞ୍ଜୁରୀ ପ୍ରଦାନ କରିଥିଲା। ଆଉ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଓମିସିଓର କିଟ୍ କିଣିଛି। ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ୍ (ଓଏସ୍‌ଏମ୍‌ସିଏଲ୍) ୫ଲକ୍ଷ ପରୀକ୍ଷା କିଟ୍ ପାଇଁ ଟାଟା ଏମ୍‌ଡିକୁ ଅର୍ଡର ଦେଇଥିଲା। ପ୍ରଥମ ପର୍ଯ୍ୟାୟରେ ୫୦ହଜାର ଆସିଛି। ପୂର୍ବରୁ ଭାରତରେ ଓମିକ୍ରନ୍ ଭାରିଆଣ୍ଟକୁ ଚିହ୍ନଟ ପାଇଁ ବ୍ୟବହୃତ ହେଉଥିବା କିଟ୍ ଆମେରିକାର ଥର୍ମୋ ଫିସର କମ୍ପାନୀ ବିକଶିତ କରିଛି। ଭାରିଆଣ୍ଟକୁ ଚିହ୍ନିବା ପାଇଁ ଏହା ଏସ୍-ଜିନ୍ ଟାର୍ଗେଟ୍ ଫେଲିଓର ଷ୍ଟ୍ରାଟେଜି (ଏସ୍‌ଜିଟିଏଫ୍) ରଣନୀତି ବ୍ୟବହାର କରୁଛି। କିନ୍ତୁ ଏବେ ଆଇସିଏମ୍‌ଆର୍ ଟାଟାର ଯେଉଁ କିଟ୍‌କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି, ତାହାର ନାମ ଟାଟା ଏମ୍‌ଡି ଚେକ୍ ଆର୍‌ଟି-ପିସିଆର୍ ଓମିସିଓର ରହିଛି। ଏହାଦ୍ୱାରା ପୂର୍ବାପେକ୍ଷା ଶୀଘ୍ର ଓମିକ୍ରନ୍ ଚିହ୍ନଟ ହେବା ଫଳରେ ସଂକ୍ରମଣ ରୋକିବାକୁ ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ।

# ପୋଖରୀରେ ବୁଡ଼ି ଯାଆଁଳା ଭାଇଙ୍କ ମୃତ୍ୟୁ

**ଗୋଲାମୁଣ୍ଡା,୧୯।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ମହାଲିଙ୍ଗ ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଗାଧୋଇବାକୁ ଯାଇଥିବା ନାବାଳକ ଯାଆଁଳା ଭାଇ ପାଣିରେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ରୋହିତ ସାହୁଙ୍କ ଯାଆଁଳା ୫ ବର୍ଷର ପୁଅ ପୀୟୂଷ ଓ ୟସ୍। ମିଳିଥିବା ସୂଚନା ଅନୁସାରେ, ଉଭୟେ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ହଠାତ୍ ଗଭୀର ଜଳ ଭିତରକୁ ପଶିଯାଇଥିଲେ। ଫଳରେ ସେଠାରୁ ବାହାରି ନ ପାରି ପାଣି ଭିତରେ ରହିଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ବୋର୍ଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ଏହି ଦୁଃଖଦ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



**ଆଜିର ମନ୍ତବ୍ୟ**

“ଯୁବଗୋଷ୍ଠୀଙ୍କ ଯୋଗୁ ଟିକାକରଣ ସଫଳ ହୋଇଛି। ଏହି ଉତ୍ସାହ ବଜାୟ ରଖି ଏବଂ ପ୍ରୋଟକଲ ମାନି ମିଳିତ ଭାବେ ମହାମାରୀର ମୁକାବିଲା କରିପାରିବା। -ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଶିବାଙ୍ଗ
ପରିବାରବର୍ଗ



ସୁପ୍ରିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିମଳ ବାରିକ ସାଲେପୁର ଏସ୍‌ଡିପିଓ

ଭୁବନେଶ୍ୱର,୧୯।୧(ବ୍ୟୁରୋ)-ସୋନପୁର ପିସିଆର ସେଲ ଡିଏସପି ବିମଳ କୁମାର ବାରିକଙ୍କୁ ସାଲେପୁର ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ଏ ନେଇ ବୁଧବାର କଟକସ୍ଥିତ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସାଲେପୁର ପୂର୍ବତନ ଏସ୍‌ଡିପିଓ ପ୍ରଶାନ୍ତ ମାଝିଙ୍କୁ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ମଙ୍ଗଳବାର ଚାକିରିରୁ ନିଲମ୍ବିତ କରାଯାଇଛି। ପଞ୍ଚାୟତ ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଉଲ୍ଲଂଘନ କରି ଜାନୁଆରୀ ୧୬ ରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମା’ତାରିଣୀ କଲେଜରେ ନିର୍ବାଚନ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଏସ୍‌ଡିପିଓ ମାଝି ଏବଂ କଲେଜର ଅଧ୍ୟକ୍ଷ ଉପସ୍ଥିତ ଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ଉଭୟଙ୍କୁ ନିଲମ୍ବିତ କରାଯାଇଥିଲା।

# ପ୍ରମାଣ ଅଭାବରୁ ୮ ଅଭିଯୁକ୍ତ ଖଲାସ

**ପୁରୀ ଅଫିସ,୧୯।୦୧**

**ଗୁନ ସିଂହାରୀ ହତ୍ୟା ମାମଲା**



ପୁରୀର ବହୁ ଚର୍ଚ୍ଚିତ ଭଗବାନ ମହାପାତ୍ର(ଗୁନ ସିଂହାରୀ) ହତ୍ୟା ଘଟଣାରେ ବୁଧବାର ରାୟ ପ୍ରକାଶ ପାଇଛି। ପ୍ରମାଣ ଅଭାବରୁ ମୁଖ୍ୟ ଅଭିଯୁକ୍ତ ସର୍ବେଶ୍ୱର ଆପଟଙ୍କ ସମେତ ୮ ଜଣଙ୍କୁ ଅତିରିକ୍ତ ଜିଲା ଦୌରା ଜଜ୍ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୨ ଅଗଷ୍ଟ ୨୨ରେ ପୁରୀ ସହରର କାଉନସିଲର ତଥା ମହାପ୍ରଭୁ ଜଗନ୍ନାଥଙ୍କ ସେବାୟତ ତଲ୍ଲୁଛ ଭଗବାନ ମହାପାତ୍ର ଓରଫ ଗୁନ ସିଂହାରୀଙ୍କୁ ହରଚଣ୍ଡୀସାହିସ୍ଥିତ ପଞ୍ଚୁଆତି ଯାଗା ଘର ନିକଟରେ ଗୁଳି କରି ହତ୍ୟା କରାଯାଇଥିଲା। ଏହି ଘଟଣାକୁ ନେଇ ସହରରେ ସେ ସମୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଟାଉନ ଥାନା ପୋଲିସ ହତ୍ୟା ମାମଲାରେ ରୁଜୁ କରି ମୁଖ୍ୟ ଅଭିଯୁକ୍ତ ସର୍ବେଶ୍ୱର ଆପଟ, କୃଷ୍ଣଚନ୍ଦ୍ର ପ୍ରତିହାରୀ ସମେତ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟରେ ମାମଲା ବିଚାରାଧୀନ ଥିଲା। ବୁଧବାର ଶୁଣାଣି ସମୟରେ ପୋଲିସ ପକ୍ଷରୁ ଦାଖଲ ହୋଇଥିବା ତଥ୍ୟ ପ୍ରମାଣକୁ କୋର୍ଟ ଖାରଜ କରି ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମୁଦଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ମିଶ୍ର ଓ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ସତ୍ୟ ନାରାୟଣ ତ୍ରିପାଠୀ ମାମଲା ଲଢୁଥିଲେ। ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଉଦ୍ୟମ କରାଯାଇଥିଲେ ମଧ୍ୟ ଅଭିଯୁକ୍ତ ସପକ୍ଷରେ ମାମଲାର ନିଷ୍ପତ୍ତି ଯାଇଛି। ଆଇପିସି ଦଫା ୩୦୨ରେ ଏହି ମାମଲା ରୁଜୁ ହୋଇଥିବାବେଳେ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗ ମଧ୍ୟ ରହିଥିଲା। ହେଲେ ଏହା ମଧ୍ୟ ପ୍ରମାଣିତ ହୋଇପାରି ନ ଥିଲା। ପୋଲିସ ସଂଗ୍ରହ କରିଥିବା ତଥ୍ୟ ପ୍ରମାଣ ଆଧାରରେ ଶୁଣାଣି ହୋଇଛି ଏହା ସନ୍ତୋଷଜନକ ବୋଲି କହିଛନ୍ତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାସ। ଅପରପକ୍ଷରେ ରାୟର ତର୍ଜମା କରାଯାଇ ଉପର କୋର୍ଟରେ ଅପିଲ କରିବୁ ବୋଲି ସରକାରୀ ଓକିଲ ତ୍ରିପାଠୀ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେତେ ବାଟୁଥିବୁ ବାଟ୍,**
**ମୁଁ ସେହି ଚେମେଡ଼ା କାଠ୍।**

ଅଯୋଗ୍ୟ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯାହାର ଲୁଣ ଖାଇବ,**
**ତା’ର ଗୁଣ ଗାଇବ।**

ସାଧାରଣତଃ ଅନ୍ୟର ଲୁଣ ଖାଇଥିବା ବ୍ୟକ୍ତି ଋଣୀ ହୋଇଥାନ୍ତି। ଏପରିସ୍ଥଳେ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଜ୍ଞ ରହିବା ମାନବିକତାର ପରିଚୟ ହୋଇଥାଏ। କୌଣସି ବ୍ୟକ୍ତିଙ୍କଠାରୁ କିଛି ଉପକାର ବା ସାହାଯ୍ୟ ସମର୍ଥନ ପାଇଲେ ତାଙ୍କର ଗୁଣଗାନ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଦିନକରେ ଆଉ ୧୧,୬୦୭ ପଜିଟିଭ୍

ଭୁବନେଶ୍ୱର,୧୯।୧(ବ୍ୟୁରୋ): ରାଜ୍ୟରେ ଗତ ୨୪ ଘଣ୍ଟାରେ ୬୯,୫୦୨ ନମୁନା ପରୀକ୍ଷା କରାଯାଇଥିବାବେଳେ ୧୧,୬୦୭ଜଣ ପଜିଟିଭ୍ ବାହାରିଛନ୍ତି। ୦ରୁ ୧୮ ବର୍ଷ ମଧ୍ୟରେ ୯୯୧ଜଣ ରହିଛନ୍ତି। ଫଳରେ ସଂକ୍ରମଣ ହାର ୧୬.୭%କୁ ବଢ଼ିଯାଇଛି। ବର୍ତ୍ତମାନ ୧୧ ଜିଲାରେ ସଂକ୍ରମଣ ହାର ୧୦% ଉପରେ ଥିବାବେଳେ ଖୋର୍ଦ୍ଧାରେ ସର୍ବାଧିକ ୩୧.୩% ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସଙ୍ଗରୋଧରୁ ୬,୭୨୮ଜଣ ଓ ସ୍ଥାନୀୟ ଆକ୍ରାନ୍ତ ୪,୮୭୯ଜଣ ରହିଥିବାବେଳେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪,୩୪୭ଜଣ ଚିହ୍ନଟ ହୋଇଛନ୍ତି। ସେହିଭଳି ସୁନ୍ଦରଗଡ଼ରୁ ୧,୨୧୯ଜଣ, କଟକ ୮୯୮, ସମ୍ବଲପୁର ୩୯୦, ବାଲେଶ୍ୱର ୩୦୫, ଯାଜପୁର ୨୩୧, ରାୟଗଡ଼ା ୨୨୯, ବାଲେଶ୍ୱର ୨୨୯, ଝାରସୁଗୁଡ଼ା ୨୧୯, ନୟାଗଡ଼ ୨୦୬, ଅନୁଗୋଳ ୧୮୫, ମୟୂରଭଞ୍ଜ ୧୭୪, କୋରାପୁଟ ୧୬୮, ନୂଆପଡ଼ା ୧୬୬, ପୁରୀ ୧୫୭, ଭଦ୍ରକ ୧୫୩, ନବରଙ୍ଗପୁର ୧୪୯, ବରଗଡ଼ ୧୪୫, ଜଗତ୍‌ସିଂହପୁର ୧୩୪, କେନ୍ଦୁଝର ୧୨୧, କେନ୍ଦ୍ରାପଡ଼ା ୧୧୯, ସୋନପୁର ୧୧୪ ଓ କଳାହାଣ୍ଡି ୧୦୩ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧,୬୭,୦୯୪କୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଗତ କିଛି ଦିନ ହେବ ରାଜ୍ୟରେ ସଂକ୍ରମଣ ସମାନ୍ତରାଳ ସ୍ଥିତିରେ ରହିଛି। ସଂକ୍ରମଣ ହାର ଅଧିକ ରହୁଛି, ତେଣୁ କିଛି ସ୍ଥାନରେ ଆର୍ ଭ୍ୟାଲୁ ଅଧିକ ରହିବ। ମାତ୍ର ଏଥିପାଇଁ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। କିନ୍ତୁ ଲୋକଙ୍କୁ ବାରମ୍ବାର ଆମେ ନିବେଦନ କରୁଛୁ କି ସାମାନ୍ୟ ଲକ୍ଷଣ ଆସିଲେ ଟେଷ୍ଟିଂ କରାନ୍ତୁ। ଟେଷ୍ଟିଂ କ୍ରାଇଟେରିଆକୁ ମାନି କେତେ ଟେଷ୍ଟିଂ ବଢ଼ାଯାଇ ପାରିବ ସ୍ୱାସ୍ଥ୍ୟ ବିଭାଗ ସେ ଉପରେ ବିଚାରବିମର୍ଶ କରୁଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଟେଷ୍ଟିଂ ବଢ଼ାଇବା ପାଇଁ କାର୍ଯ୍ୟ କରୁଛୁ। ବର୍ତ୍ତମାନ ରାଜ୍ୟରେ ଲକ୍‌ଡାଉନ କି ଶଟ୍‌ଡାଉନ କରିବା ଭଳି ସ୍ଥିତି ଆସିନାହିଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

## ଆକାଶରେ...

ରନ୍‌ୱେ ଅପରେଟ୍ କରାଇବାକୁ ନିଷ୍ପତ୍ତି ନେଇଥିଲେ। ସାଉଥ୍ ରନ୍‌ୱେକୁ ବନ୍ଦ କରାଯାଇଥିଲେ ହେଁ ସାଉଥ୍ ଟାୱାର କଣ୍ଟ୍ରୋଲରଙ୍କୁ ଏନେଇ ଅବଗତ କରାଯାଇ ନ ଥିଲା। ଇତିମଧ୍ୟରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର(ଏଟିସି) ସାଉଥ୍ ରନ୍‌ୱେ ଦେଇ ୬ଇ-୪୫୫କୁ ପ୍ରସ୍ଥାନ ପାଇଁ ଅନୁମତି ଦେଇଥିଲେ ଏବଂ ସମାନ ସମୟରେ ନର୍ଥ ଟାୱାର କଣ୍ଟ୍ରୋଲର ୬ଇ-୨୪୬କୁ ପ୍ରସ୍ଥାନ ନିମନ୍ତେ ସବୁଜ ସଙ୍କେତ ଦେଇଥିଲେ। ଫଳରେ ଏୟାରବସ୍ ଏ୩୨୦ ଶ୍ରେଣୀର ଦୁଇ ଇଣ୍ଡିଗୋ ବିମାନ ଗୋଟିଏ ସମୟରେ ସମାନ ଦିଗରେ ଟେକ୍-ଅଫ୍ କରି ଉଡ଼ାଣ ଆରମ୍ଭ କରିଥିଲା। ଦୁଇ ଜେଟ୍‌ଲାଇନର ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ଉଡ଼ାଣ କରୁଥିବାବେଳେ ଆକାଶରେ ୩,୦୦୦ ଫୁଟ୍ ଉଚ୍ଚତାକୁ ଉଠି ପରସ୍ପରର ଅତି ନିକଟତର ହୋଇଯାଇଥିଲା। କୋଲକାତାକୁ ଉଡ଼ାଣ କରୁଥିବା ବିମାନରେ ୧୭୬ ଓ ଭୁବନେଶ୍ୱରକୁ ଆସୁଥିବା ବିମାନରେ ୨୩୮ ଯାତ୍ରୀ ଥିଲେ। ଏହାବାଦ୍ ଉଭୟ ଫ୍ଲାଇଟ୍‌ରେ ୬ ଜଣ ଲେଖାଏ କ୍ରିଉ ଥିଲେ। ଦୁଇ ଇଣ୍ଡିଗୋ ବିମାନରେ ଥିବା ମୋଟ ଲୋକଙ୍କ ସଂଖ୍ୟା ଥିଲା ୪୨୬। ରାଡାର କଣ୍ଟ୍ରୋଲର ସତର୍କ କରାଇବା ପରେ ଆକାଶରେ ଯାତ୍ରୀମାନେ ଆତଙ୍କିତ ହୋଇଯାଇଥିଲେ। ପରେ ଉଭୟ ପାଇଲଟ ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ସମନ୍ୱୟର ଅଭାବରୁ ଏପରି ସ୍ଥିତି ଉପୁଜିଥିଲା ବୋଲି ଡିଜିସିଏର ପ୍ରାଥମିକ ରିପୋର୍ଟରେ ଦର୍ଶାଯାଇଛି। ପ୍ରାଥମିକ ତଦନ୍ତ ରିପୋର୍ଟରୁ ଆହୁରି ଜଣାପଡ଼ିଛି ଯେ, ସମ୍ଭାବ୍ୟ ଦୁର୍ଘଟଣା ସ୍ଥିତି ସମ୍ପର୍କରେ ଏଟିସି ଲଗ୍‌ବୁକ୍‌ରେ ରେକର୍ଡ କରାଯାଇନାହିଁ। ଏପରି କି ଭାରତର ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ)ଙ୍କୁ ମଧ୍ୟ ଏନେଇ ଅବଗତ କରାଯାଇନାହିଁ। ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଛି। ଏଥିପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଜିସିଏର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ୫ଜି ପ୍ରଭାବ...

ହଜାର ଲୋକଙ୍କ ଯାତ୍ରା ଯୋଜନା ଫେଲ୍ ହୋଇଛି। ବୁଧବାରଠାରୁ ଆମେରିକାକୁ ବିମାନ ଚଳାଚଳ ବନ୍ଦ କରାଯିବା ନେଇ ଏୟାର ଇଣ୍ଡିଆ ପକ୍ଷରୁ ଟୁଇଟରରେ ସୂଚନା ଦିଆଯାଇଛି। ଦିଲ୍ଲୀ-ଜେଏଫ୍‌କେ-ଦିଲ୍ଲୀ, ଦିଲ୍ଲୀ-ସାନ୍‌ଫ୍ରାନ୍‌ସିସ୍କୋ-ଦିଲ୍ଲୀ, ଦିଲ୍ଲୀ-ଶିକାଗୋ-ଦିଲ୍ଲୀ ଏବଂ ମୁମ୍ବାଇ-ନେୱାର୍କ-ମୁମ୍ବାଇ ରୁଟ୍‌ରେ ବିମାନ ଚଳାଚଳକୁ ବନ୍ଦ କରାଯାଇଛି। ଅନ୍ୟପକ୍ଷେ ଦିଲ୍ଲୀରୁ ୱାଶିଂଟନ ଡିସିକୁ ବୁଧବାର ନିର୍ଦ୍ଧାରିତ ସମୟରେ ବିମାନ ଚଳାଚଳ କରିଥିବା ଏଥିରେ କୁହାଯାଇଛି। ପ୍ରକାଶ ଯେ, ଆମେରିକା ବର୍ଷକ ତଳେ ମୋବାଇଲ ଫୋନ୍ କମ୍ପାନୀଗୁଡ଼ିକୁ ୮୦ ବିଲିୟନ୍ ଡଲାରରେ ମଧ୍ୟମ ରେଞ୍ଜର ୫ଜି ବ୍ୟାଣ୍ଡୱିଥ୍ ନିଲାମ କରିଥିଲା। ୩.୭-୩.୯୮ ଗିଗାହର୍ଜ ରେଞ୍ଜରେ ପ୍ରଦାନ କରାଯାଇଥିବା ଏହି ସି ବ୍ୟାଣ୍ଡ ସ୍ପେକ୍ଟ୍ରମ୍ ଟେକ୍ନୋଲୋଜି ଅଲ୍‌ଟିମିଟର ଭଳି ଉପକରଣକୁ ପ୍ରଭାବିତ କରିପାରେ ବୋଲି ଗତ ୧୪ ତାରିଖରେ ଫେଡେରାଲ ଆଭିଏଶନ୍ ଆଡ୍‌ମିନିଷ୍ଟ୍ରେଶନ(ଏଫ୍‌ଏଏ) ସତର୍କକରାଇଥିଲା। ଅଲ୍‌ଟିମିଟର ହେଉଛି ଏକ ଯନ୍ତ୍ର, ଯାହା ଭୂପୃଷ୍ଠରୁ ବିମାନ ଉଡ଼ାଣର ଉଚ୍ଚତା ମାପିଥାଏ। ଅଲ୍‌ଟିମିଟର ୪.୨-୪.୪ ଗିଗାହର୍ଜ ରେଞ୍ଜରେ କାମ କରିଥାଏ। ଏହା ସ୍ୱୟଂକ୍ରିୟ ଅବତରଣ ସୁବିଧା ଯାଞ୍ଚ କରିବା ସହ ପବନରେ ଥିବା ବିପଜ୍ଜନକ ବିଦ୍ୟୁତ୍ ଶକ୍ତିକୁ ମଧ୍ୟ ଠାବ କରିବାରେ ସହାୟକ ହୋଇଥାଏ। ନିଲାମ ହୋଇଥିବା ଫ୍ରିକ୍ୱେନ୍ସିଗୁଡ଼ିକ ଏହାର ଅତି ନିକଟତର ହୋଇଥିବାରୁ ଏୟାରଲାଇନ୍ସଗୁଡ଼ିକ ଏବେ ଚିନ୍ତାରେ।

## ଭାରତରେ ୨୦୨୧ ...

ବିଶ୍ୱ ଜଳବାୟୁ ସଂଗଠନ(ଡବ୍ଲ୍ୟୁଏମ୍‌ଓ) ଦ୍ୱାରା କରାଯାଇଥିବା ରେକର୍ଡରୁ ଏଭଳି ତଥ୍ୟ ପଦାକୁ ଆସିଛି। ଏହା ପୂର୍ବରୁ ୨୦୧୮ ଷଷ୍ଠ ଏବଂ ୨୦୧୬ ପଞ୍ଚମ ଉତ୍ତପ୍ତ ବର୍ଷ ହୋଇଥିଲା। ଯଦିଓ ୨୦୨୦ ସେପ୍ଟେମ୍ବରରେ ପ୍ରଶାନ୍ତ ମହାସାଗରରେ ଲା-ନିନା ସୃଷ୍ଟି ହୋଇଥିଲା ତେବେ ଏହା ବିଶ୍ୱତାପନକୁ ଥଣ୍ଡା କରିବାରେ ସମର୍ଥ ହୋଇପାରି ନ ଥିଲା। ୨୦୨୧ରେ ଉତ୍ତର ମେରୁ ଅଞ୍ଚଳର ତାପମାତ୍ରା ୧.୦୯ ଡିଗ୍ରୀ ସେଲ୍‌ସିୟସ ବଢ଼ି ଯାଇଥିଲା, ଯାହାକି ଗତ ୧୪୨ ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି। ବିଶେଷ କରି ବିଶ୍ୱର ଉତ୍ତର ଆଫ୍ରିକା, ଦକ୍ଷିଣ ଆମେରିକାର ଦକ୍ଷିଣ ଭାଗ ଏବଂ ଦକ୍ଷିଣ ଏସିଆର ସ୍ଥଳଭାଗର ତାପମାତ୍ରା ସର୍ବାଧିକ ଥିବା ରେକର୍ଡ କରାଯାଇଛି। ସେହିପରି ଗତ ୭ ବର୍ଷ (୨୦୧୫ରୁ ୨୦୨୧) ହେବ ଲଗାତର ସମୁଦ୍ର ଜଳର ଉପରିଭାଗ ଉତ୍ତପ୍ତ ହୋଇ ରହୁଛି। ଓଡ଼ିଶାରେ ମଧ୍ୟ ଜଳବାୟୁ ପରିବର୍ତ୍ତନର ସୂଚନା ଦେଖିବାକୁ ମିଳିଲାଣି। ଅତ୍ୟଧିକ ବର୍ଷା, ତାପମାତ୍ରା ବୃଦ୍ଧି ଭଳି ଜଳବାୟୁ ପରିବର୍ତ୍ତନ ଚାଷ କାର୍ଯ୍ୟକୁ ପ୍ରଭାବିତ କଲାଣି। ୨୦୨୧ରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ଅନିୟମିତତା ଯୋଗୁ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ଚଳିତ ମୌସୁମୀ ସମୟରେ ଅଗଷ୍ଟ ମାସରେ ୫୦ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ସେପ୍ଟେମ୍ବରରେ ୪୦ ପ୍ରତିଶତ ଅଧିକ ବର୍ଷା ହୋଇଥିଲା, ଯାହାକି ଚାଷ କାର୍ଯ୍ୟକୁ ପ୍ରଭାବିତ କରିଥିଲା। ସହରୀକରଣ, ଶିଳ୍ପାୟନ, ଜନସଂଖ୍ୟା ବୃଦ୍ଧି ଯୋଗୁ ରାଜ୍ୟରେ ବହୁ ପରିମାଣ ଗଛ କାଟିବାକୁ ପଡୁଛି। ପ୍ରତ୍ୟେକ ବର୍ଷ ବିଭିନ୍ନ ପ୍ରକଳ୍ପ ସକାଶେ ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମରେ ପରିଣତ କରିବା କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ବିଭିନ୍ନ ପ୍ରକଳ୍ପ ପାଇଁ ୨୦୨୧ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରେ ୫୭ ହଜାର ୪୧୦ ହେକ୍ଟର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କିସମରେ ପରିଣତ କରାଯାଇଛି। ଅନ୍ୟପକ୍ଷରେ ୨୦୨୧ ଦେଶର ଜଙ୍ଗଲଗୁଡ଼ିକ ପାଇଁ ଅଭିଶାପର ବର୍ଷ ପାଲଟିଥିଲା। ୨୦୨୦ ନଭେମ୍ବରରୁ ୨୦୨୧ ଜୁନ୍ ମଧ୍ୟରେ ୩,୪୫,୯୮୯ଟି ବନାଗ୍ନି ଘଟଣା

## ପ୍ରଥମ ପୃଷ୍ଠାରୁ...

ଘଟିଥିଲା, ଯାହାକି ପୂର୍ବ ବର୍ଷ ତୁଳନାରେ ୩ଗୁଣରୁ ଊର୍ଦ୍ଧ୍ୱ ଥିଲା। ତେବେ ଏହି ବନାଗ୍ନି ଘଟଣା ଓଡ଼ିଶାରେ ସର୍ବାଧିକ ଘଟିଥିଲା। ଉକ୍ତ ଅବଧି ମଧ୍ୟରେ ରାଜ୍ୟରେ ୫୧,୯୬୮ଟି ଜଙ୍ଗଲ ନିଆଁ ଘଟଣା ଘଟିଥିଲା, ଯାହାକି ପୂର୍ବ ବର୍ଷ ତୁଳନାରେ ପ୍ରାୟ ୫ ଗୁଣ ଅଧିକ ଥିଲା। ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଏଚ.ଆର. ବିଶ୍ୱାସ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱରେ ତାପମାତ୍ରା ବଢୁଛି। ଏହାର ପ୍ରଭାବ ରାଜ୍ୟରେ ମଧ୍ୟ ଅନୁଭୂତ ହେବ। ଗତ ବର୍ଷ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ହୋଇଛି, ତାହା ପୁଣେସ୍ଥିତ ଭାରତୀୟ ପାଣିପାଗ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଗଲେ ଜାଣି ହେବ। ଆମ ପାଖରେ ସେମିତି କିଛି ଡାଟା ନାହିଁ। ତେବେ ଜଳବାୟୁ ପରିବର୍ତ୍ତନ ଓଡ଼ିଶା ଉପରେ ପଡ଼ିବ। ବିଶେଷ କରି ଚାଷକାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ସହ ଖାପ ଖୁଆଇ ଯୋଜନା ପ୍ରସ୍ତୁତ କରିବାକୁ ହେବ ବୋଲି ସେ କହିଛନ୍ତି।

## ହନିଟ୍ରାପ୍‌ରେ ...

୨୫ ହଜାର ଟଙ୍କା ଉଠାଇନେଇଥିଲେ। ଏନେଇ କେଉଁଠି ପ୍ରଘଟ କଲେ, ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ଭାଇରାଲ କରିଦେବାକୁ ଅଭିଯୁକ୍ତ ସୁବାସ ଧମକ୍ ଦେଇଥିଲେ। ଅନ୍ୟପଟେ, ଅନ୍ୟ ୨ଅଭିଯୁକ୍ତ ରୋହନ ଓ ଅଲ୍‌ଫାଜକୁ ନୀରବ ରହିବାକୁ ସୁବାସ ହଜାରେ ଟଙ୍କା ଲେଖାଏଁ ଦେଇଥିଲେ। ଗତ ୧୬ତାରିଖରେ ସୁବାସ ଅଭିଯୋଗକାରୀଙ୍କୁ ଫୋନ୍‌କରି ୧ଲକ୍ଷ ଟଙ୍କା ଦାବି କରିଥିଲେ। କିନ୍ତୁ ଅନ୍ୟ ଉପାୟ ନ ପାଇ ଅଭିଯୋଗକାରୀ ମୁରଲିକ୍ରିଷ୍ଣା ହନିଟ୍ରାପ୍‌ରେ ଫସି ଲୁଟ୍‌ର ଶିକାର ହୋଇଥିବାନେଇ ଲାଲ୍‌ବାଗ ଥାନାରେ ଗତ ୧୭ତାରିଖରେ ଏତଲା ଦେଇଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା(ନଂ. ୧୦/୨୨) ରୁଜୁ କରି ତଦନ୍ତ ଆରମ୍ଭ କରି ମଙ୍ଗଳବାର ୩ ଅଭିଯୁକ୍ତଙ୍କୁ ଠାବ କରିବା ସହ ସେମାନଙ୍କ ଠାରୁ ୨୫୦୦୦ ଟଙ୍କା ଓ ଏଟିଏମ୍ କାର୍ଡ ଜବତ କରିଥିଲା। ଅନ୍ୟପଟେ, ଏହି ଘଟଣାରେ ସମ୍ପୃକ୍ତ ମହିଳା ଫେରାର ଥିବାରୁ ତାଙ୍କୁ ପୋଲିସ ଖୋଜୁଛି।

## ଥାନା ସମ୍ମୁଖରେ ...

ଗ୍ରାମର ଗାଈ ଚରାଳି ବାସନ୍ତୀ ମାଝିଙ୍କୁ କୌଣସି କାରଣରୁ ଗାଳିଗୁଲଜ କରିଥିଲେ। ଏହି ସମୟରେ କୁମାରୀ ସେଠାରେ ପହଞ୍ଚି ମୋ ଘର ସାମ୍ନାରେ କାହିଁକି ଅସଭ୍ୟ ଭାଷାରେ ପାଟିତୁଣ୍ଡ କରୁଛୁ କହି ପ୍ରତିବାଦ କରିଥିଲେ। ଏହାକୁ ନେଇ କିଛିସମୟ ଯୁକ୍ତିତର୍କ ହେବା ପରେ କ୍ଷୀରୋଦ ଧରିଥିବା ବାଡ଼ିରେ କୁମାରୀଙ୍କୁ ପିଟିଥିଲେ। ପରେ କୁମାରୀ ତୋ ନାମରେ କେସ୍ କରିବି କହି ସାଇକେଲରେ ଥାନାକୁ ଆସି ପୁରୁଣା ଫାଟକ ଆଗରେ ଓହ୍ଲାଇଥିଲେ। କ୍ଷୀରୋଦ ମଧ୍ୟ ଏକ ସାଇକେଲରେ ସେଠାରେ ପହଞ୍ଚିଥିଲେ। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ କ୍ଷୀରୋଦ ଉତ୍‌କ୍ଷିପ୍ତ ହୋଇ ଟାଙ୍ଗିଆରେ କୁମାରୀଙ୍କ ବେକକୁ ଚୋଟ ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ କ୍ଷୀରୋଦ ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏକ ହତ୍ୟା ମାମଲା (ନଂ୫/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି।

## ମଙ୍ଗଳରେ ମିଳିଲା ...

ଜୀବସତ୍ତାର ଉପସ୍ଥିତି ନେଇ ସେପରି କୌଣସି ପ୍ରମାଣ ସେଥିରୁ ମିଳିନାହିଁ। କେବଳ ନମୁନା ଆଧାରରେ ଏ ସମ୍ପର୍କରେ ସିଦ୍ଧାନ୍ତରେ ପହଞ୍ଚି ହେବ ନାହିଁ ବୋଲି ସାମ୍ପଲ ଆନାଲିସିସ୍ ଆଟ୍ ମାର୍ସ (ଏସ୍‌ଏଏମ୍)ରେ କାର୍ଯ୍ୟ କରିଥିବା ପଲ୍ ମହାଫି କହିଛନ୍ତି। ତେବେ କେଉଁ ଜିନିଷରୁ ମଙ୍ଗଳ ନମୁନାରେ କାର୍ବନ ଠାବ ହୋଇଛି ଏବଂ ଏହା ମଧ୍ୟରେ ଆଉ କ’ଣ ତଥ୍ୟ ଲୁଚି ରହିଛି ତାହା ଜାଣିବା ନିମନ୍ତେ ଗବେଷଣା ଚାଲିଥିବା ସେ ପ୍ରକାଶ କରିଛନ୍ତି। ପୃଥିବୀରେ ଜୀବନର ଲକ୍ଷଣ ଆଧାରରେ ବହୁ ବର୍ଷ ପୂର୍ବେ ସେଠାରେ ଥିବା ବ୍ୟାକ୍ଟେରିଆ ଭଳି ଜୀବଙ୍କଠାରୁ ନିର୍ଗତ ମିଥେନରୁ ଏହି ସଙ୍କେତ ମିଳିଥାଇପାରେ ବୋଲି ବୈଜ୍ଞାନିକମାନେ ଅନୁମାନ କରିଛନ୍ତି। ଅତିବାଇଗଣୀ ରଶ୍ମିର ସଂସ୍ପର୍ଶରେ ଆସି ମିଥେନ୍ ବଡ଼ମାତ୍ରାରେ ଗ୍ୟାସ୍‌ରେ ପରିଣତ ହେବା ସହ ଅଧିକ କମ୍ପ୍ଲେକ୍ସ ମଲିକିଲରେ ପରିଣତ ହେବାର ସମ୍ଭାବନା ରହିଛି। ଅନ୍ୟ ଏକ ହାଇପୋଥେସିସ୍ ଅନୁସାରେ, ବର୍ଷା ଯୋଗୁ ଏହି କାର୍ବନ କଣିକା ମଙ୍ଗଳପୃଷ୍ଠକୁ ଆସିଥାଇପାରେ ଏବଂ ସେଠାରେ ଦୀର୍ଘଦିନ ଧରି ରହିଥାଇପାରେ ବୋଲି କୁହାଯାଉଛି। ସେହିପରି ଆଉ ଏକ ଯୁକ୍ତି ଅନୁସାରେ ଏହି ଗ୍ରହରେ ଅତିବାଇଗଣୀ ରଶ୍ମି କାର୍ବନ ଡାଇଅକ୍ସାଇଡ୍ ବା ଅଙ୍ଗାରକାମ୍ଳ ଗ୍ୟାସ୍ ସଂସ୍ପର୍ଶରେ ଆସି ସେଥିରୁ କାର୍ବନ ଅଣୁ ସୃଷ୍ଟି ହୋଇଥାଇପାରେ, ଯାହା କି ଉକ୍ତ ନମୁନାରେ ମିଳିଛି। ତେବେ ଏ ସମସ୍ତ ଥିଓରି କେଉଁଟି କେତେ ସତ୍ୟ ତାହା ଅନୁସନ୍ଧାନ ପରେ ଜଣାପଡ଼ିବ ବୋଲି ନାସା ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣଙ୍କର କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିବ। କିନ୍ତୁ ଅଶ୍ୱିନୀର ପରିବାରରେ ଅର୍ଥ ସମ୍ପର୍କକୁ ନେଇ କିମ୍ବା ଅଫିସ୍‌ରେ ସହକର୍ମୀଙ୍କ ସହ ବିବାଦ ଦେଖାଦେଇପାରେ। ଆନୁଷ୍ଠାନିକ କାମରେ ନିଜର ପତିଆରା ବୃଦ୍ଧି ପାଇବାର ଆଶା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସନ୍ତୋଷଜନକ ରହିବ।

**ବୃଷ**
ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଏବଂ ଯେଉଁ କାମରେ ଯାଉଛନ୍ତି ସେଥିରେ ସଫଳତା ପାଇବେ। ପିଲାଙ୍କ ସମସ୍ୟାକୁ ନେଇ ମନରେ ସରସତା ରହି ନ ପାରେ। ଜଣେ ପଦସ୍ଥଙ୍କ ସାନ୍ନିଧ୍ୟ ଲାଭ କରି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନାର ସୂଚନା ରହିଛି। ପଡ଼ୋଶୀଙ୍କୁ ଘରୋଇ କଥା ଭିତରେ ନିଜର ଅସୁବିଧା ଜଣାଇ ସାହାଯ୍ୟ ଭିକ୍ଷା କରିବେ।

**ମିଥୁନ**
ମନରେ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। ସାମାନ୍ୟ ଡେରିରେ କାମ ସମ୍ପନ୍ନ ହେବ, ମାତ୍ର ଏଥି ସକାଶେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ଯୋଗ ଦେଇପାରନ୍ତି।

**କର୍କଟ**
କାର୍ଯ୍ୟବ୍ୟସ୍ତତା ବୃଦ୍ଧି କାରଣରୁ ଘରୋଇ କାମରେ ସମୟ ଦେଇପାରିବେ ନାହିଁ। ସାଙ୍ଗସାଥୀମାନଙ୍କ ସହ ଦେବଦର୍ଶନ ଓ ଭ୍ରମଣ ସାଙ୍ଗକୁ କୌଣସି ନୂତନ ଜିନିଷ କିଣିବାକୁ ମନ ବଳାଇବେ। କୌଣସି ଜିନିଷର ଅଭାବ ଜନିତ ଅସୁବିଧାକୁ କେନ୍ଦ୍ରକରି ମନ ସାମୟିକ ଅଶାନ୍ତ ରହିପାରେ। କର୍ମକ୍ଷେତ୍ରରେ ବନ୍ଧୁ ସୁବିଧାବାଦୀ ଗୁଣରେ ଶୋଷଣ କରିବେ।

**ସିଂହ**
କର୍ମକ୍ଷେତ୍ରରେ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିବ। ଭାଇ, ଭଉଣୀ କିମ୍ବା ପଡ଼ୋଶିନୀଙ୍କ କଥାରେ ପ୍ରଭାବିତ ହୋଇ ଭୁଲ କରିପାରନ୍ତି। ଅଫିସରେ କିମ୍ବା କାମରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି। କାରବାର, ପରିବହନ, କ୍ଷେତ୍ରସନାରୀ କିମ୍ବା ଫଳ ଦୋକାନୀ ଲାଭବାନ ହେବେ।

**କନ୍ୟା**
ଆଜି ସବୁ କାମ ଶୃଙ୍ଖଳିତ ରହିବା ସହ ସହଜ ଓ ସୁବିଧାରେ କାମ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ। ପଡ଼ୋଶୀଙ୍କ ନିକଟରୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଆତ୍ମୀୟମାନଙ୍କୁ ଭଲକଥା କହିଲେ ମଧ୍ୟ ଅନ୍ୟମାନେ ତାହାକୁ ଭୁଲ୍ ବୁଝିବେ। କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ତୁଳା**
ଆଜି ପର୍ଯ୍ୟନ୍ତ ଖୋଜି ଯାହା ପାଉ ନ ଥିଲେ ଆଜି ପାଇ ମନ ଏକବାର ଖୁସି ହୋଇଯିବ। ଶତ୍ରୁତା କରୁଥିବା ଲୋକଠାରୁ ମଧ୍ୟ କାମ ହାସଲ କରିନେବେ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭ କରି ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ବିଛା**
ଆଜି ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅଫିସ୍ କାମରେ କୌଣସି ମହିଳାଙ୍କ ତରଫରୁ ସମସ୍ୟା ଆସି ମନଟାକୁ ଗୋଳମାଳିଆ କରିଦେବାର ଆଶଙ୍କା ରହିଛି। ପରୋକ୍ଷ ଭାବେ ଆପଣଙ୍କ ଶତ୍ରୁମାନେ ସମସ୍ୟା ସୃଷ୍ଟି କରିବା ସକାଶେ ଯୋଜନା କରିପାରନ୍ତି।

**ଧନୁ**
ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଯୁକ୍ତିତର୍କ ଲାଗିପାରେ। ବନ୍ଧୁଙ୍କ ସହ ଭ୍ରମଣ, କ୍ରୀଡ଼ା ଓ ମନୋରଞ୍ଜନରେ ନିଜକୁ ମଜ୍ଜାଇ ରଖି ଅର୍ଥର ଅପବ୍ୟୟ କରିପାରନ୍ତି। ଆଧ୍ୟାତ୍ମିକ ପରିବେଶରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆର୍ଥିକ ସ୍ଥିତି ପୂର୍ବପରି ରହିବା ସାଙ୍ଗକୁ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମକର**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଭୁଲ୍ ବୁଝାମଣା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସବୁ କଥାରେ ପଛକୁ ରହି କାମ କରିବା ଭଲ ହେବ, ଅନ୍ୟଥା ସାଧାରଣ କଥାରୁ କଳହର ସମ୍ଭାବନା ରହିଛି। ପରିବାରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଶତ୍ରୁମାନେ ପରୋକ୍ଷ ଭାବରେ କୌଣସି ସମସ୍ୟା ସୃଷ୍ଟି କରିପାରନ୍ତି।

**କୁମ୍ଭ**
ଆଜି ସକାଳୁ ସକାଳୁ ଶୁଭଖବର ପାଇ ମନ ଖୁସି ହୋଇଯିବ। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଓ କଳା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ ବିଶେଷ ଭାବରେ ଉପକୃତ ହେବେ।

**ମୀନ**
ବିଭିନ୍ନ ପ୍ରକାର ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବ। ଆଜି ହଠାତ୍ ଧାର ସୂତ୍ରରେ ଅର୍ଥ ପାଇବେ। ମହିଳାମାନଙ୍କର ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ।


# classifieds Everyday
0674-2580101, 2549302

**automobile**

**SALE**

Swift Dezire 10900 KMS RUN 2016 and Chevrolet Sail Diesel for sale. 7381091234, 9861194627. D-71776

**real estate**

**SALE**

Plot for Sale at Chhatabar per sqft. @99/-. 8249017091, 9937816565. D-22860

ଭୁବନେଶ୍ୱର ପିତାପଲ୍ଲୀଛକ Flyoverରୁ 400 Mtr. ଦୂରରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027, 7848882166. D-71767

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/ ନଖରା ତ୍ରିନାଥ ବଜାର sqft.- 220/- (out rate). 9776974912. D-73001

ଘରବାରି ପ୍ଲଟ୍ ଧଉଳି ଶାନ୍ତିସ୍ତୂପ, ପିପିଲି ବଜାର ଏବଂ ଉତ୍ତରା (ମଗଲପୁର)ରେ ମିଳୁଛି। 93371-03361, 8249776268. D-22761

ଘରବାରି Demarcation Plot Nakhara ତ୍ରିନାଥ ବଜାରରୁ 3 Km. ମେନ୍‌ରୋଡ୍ କଡରେ 2000 ବର୍ଗଫୁଟକୁ 17,00,000/-, Chhatabar bypass road side- 15,00,000/-. 8260032051. D- 71778

**healthcare**

Ashirvaad Saloon and SPA get good massage for your health tha best therapy. 7077181074. D-71852

Newly opening SPA positively health benefits with expert therapist. 8917332216. D-71932

Newly open full body massage ladies and gents. 8327740003. D-71853

Newly Open Saikrupa Panchakarma Spa positively health benefits with Expert. 8984068077. D-22888

**Refreshing your mind, body with tha best therapy at Lotus SPA. 8018891951.** D-71850

Full body massage, refresh your mind, relaxed by expert Lady Therapist. 8480939300. D-22828

**AFFIDAVIT**

My name wrongly mentioned as Niranjan Jena, S/o Sanatan Jena instead of Nirakara Jena, S/o Sanatan Jena by virtue of an affidaivt, I declare that my actual name is Nirakara Jena, S/o Sanatan Jena, At- Madhusudanpur, P.O.- Barandua, Via- Betada, Dist.- Bhadrak, Mob. No.- 7760470629. D-22900

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

ପୌର ନିର୍ବାଚନ ନେଇ ପ୍ରସ୍ତୁତି ବୈଠକ

### ତହସିଲଦାର ନିର୍ବାଚନ ଅଧିକାରୀ

ଛତ୍ରପୁର,୧୯।୧(ଡି.ଏନ୍.ଏ.)-ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶନାମା ପ୍ରକାରେ ଜିଲାର ସମସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ପୌରାଞ୍ଚଳରେ ନିର୍ବାଚନ ସକାଶେ ପ୍ରସ୍ତୁତି ଆରମ୍ଭ କରାଯାଇଛି। ପୌର ନିର୍ବାଚନ ପାଇଁ ବୁଥ ଅନୁଯାୟୀ ଭୋଟର ତାଲିକା ପ୍ରସ୍ତୁତ କରାଯିବ । ଏଥିସକାଶେ ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଓ୍ୱାନ ହଲଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌର ନିର୍ବାଚନ ସକାଶେ ସମସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ପୌର ପରିଷଦଗୁଡିକର ନିର୍ବାଚନ ଅଧିକାରୀ ଭାବେ ତହସିଲଦାରମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନଙ୍କ ତତ୍ତ୍ୱାବଧାନରେ ବିଧାନ ସଭା ପରିଷଦର ଭୋଟର ତାଲିକା ତଥ୍ୟ ଆଧାରରେ ବୁଥ ଅନୁଯାୟୀ ଭୋଟର ତାଲିକା ପ୍ରସ୍ତୁତ କରାଯିବ। ଓ୍ୱାର୍ଡ ଅନୁଯାୟୀ କରାଯାଇଥିବା ସୀମା ନିର୍ଦ୍ଧାରଣକୁ ଦୃଷ୍ଟିରେ ରଖି ଏହି ତାଲିକା ପ୍ରସ୍ତୁତ କରିବା ସକାଶେ ଜିଲାପାଳ ଗୁରୁତ୍ୱ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, ଡେପୁଟି କଲେକ୍ଟର ପ୍ରମୋଦ କୁମାର ବେହେରା ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଗଞ୍ଜାମରେ ଆଉ ୯୩ କରୋନା ପଜିଟିଭ୍

ଛତ୍ରପୁର,୧୯।୧(ଡି.ଏନ୍.ଏ.)-ଗଞ୍ଜାମ ଜିଲାରେ ଗତ ୨୪ ଘଣ୍ଟାରେ ଆଉ ୯୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବୁଧବାର ସୂଚନା ଦିଆଯାଇଛି। ଏମାନଙ୍କୁ ମିଶାଇଲେ ଜିଲାରେ ମୋଟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୯୩୩ରେ ପହଞ୍ଚିଛି। ଅନ୍ୟପକ୍ଷରେ ୯୬ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ମଙ୍ଗଳବାର ଜିଲାର ୨୩୬୭ ଜଣଙ୍କ କରୋନା ଟେଷ୍ଟ କରାଯାଇଛି । ୧୩,୧୭୮ ଜଣଙ୍କୁ କରୋନା ଟିକା ଦିଆଯାଇଛି ।

# ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅବସର ବୟସ ୬୨ ହେଉ

## ଗଞ୍ଜାମ ଜିଲା ସମ୍ମିଳନୀରେ ଦାବି

ବ୍ରହ୍ମପୁର ଅଫିସ,୧୯।୧

ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ୪୨ତମ ଗଞ୍ଜାମ ଜିଲା ସମ୍ମିଳନୀ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଛି। ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା ପାଇଁ ସଂଘ ପୁନର୍ବାର ଦାବି କରିଛି। ସପ୍ତମ ବେତନ କମିଶନ ସୁପାରିଶ ପ୍ରକାରେ କେନ୍ଦ୍ରୀୟ ହାରରେ ସର୍ବନିମ୍ନ ଦରମା ନିର୍ଦ୍ଧାରଣ କରାଯିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସମ୍ମିଳନୀରେ ଗୃହିତ ୧୫ ଦଫା ଦାବି ମଧ୍ୟରେ ବକେୟା ପ୍ରାପ୍ୟ ଅବିଳମ୍ବେ ପୈଠ, ମୂଳ ଦରମାର ୧୦% ଚିକିତ୍ସା ଭତ୍ତା ପ୍ରଦାନ, ବିଭିନ୍ନ ବିଭାଗର ଦପ୍ତର ମାନଙ୍କରେ କାର୍ଯ୍ୟରତ ନାଇଟ ୱାଚରମାନଙ୍କୁ ସ୍ଥାୟୀ କରିବା, ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଏବଂ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି ଦେବା ଆଦି ଅନ୍ତର୍ଭୁକ୍ତ।

ସମ୍ମିଳନୀରେ ରାଜ୍ୟ ସଂଘ ସହ ସମ୍ପାଦକ ବି.ଘନଶ୍ୟାମ ଦୋରା ଅଧ୍ୟକ୍ଷତା କରିଥିଲେ। ଅନ୍ୟ ନେତାମାନେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ମୃତ କର୍ମଚାରୀଙ୍କ ପରିବାରର ଜଣଙ୍କୁ ଅନୁକମ୍ପାମୂଳକ କାର୍ଯ୍ୟକ୍ରମରେ ନିଯୁକ୍ତି ଦେବା ନିମନ୍ତେ ଦାବି କରାଯାଇଛି। ଦଶମ ଶ୍ରେଣୀ ପାସ କରିଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ତୃତୀୟ ଶ୍ରେଣୀ କର୍ମଚାରୀ କରାଯିବା, ଉଚ୍ଛେଦ କରାଯାଇଥିବା ସଂଘ କାର୍ଯ୍ୟାଳୟର କ୍ଷତିପୂରଣ ଦିଆଯିବାକୁ ଅନୁରୋଧ କରାଯାଇଛି। ଖାଲି ପଡ଼ିଥିବା ପଦବୀଗୁଡ଼ିକ ସରକାର ପୂରଣ କରିବା ନିମନ୍ତେ ଗୁରୁତ୍ୱ ଦିଆଯାଇଛି।

ଏହି ଅବସରରେ ସଂଘର ନୂଆ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ବିଦାୟୀ ସଭାପତି ରବୀନ୍ଦ୍ର ପାତ୍ରଙ୍କୁ ଉପଦେଷ୍ଟା କରାଯାଇଛି। ଗୁରୁମୂର୍ତ୍ତି ପାତ୍ର ସଭାପତି ହୋଇଥିବା ବେଳେ ତ୍ରିନାଥ ପଣ୍ଡା ଉପସଭାପତି ହୋଇଛନ୍ତି। ଏ. ସୁନୀଲ କୁମାର ବେହେରା ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ସଂଘ ଘୋଷଣା କରିଛି। ଶିଳ୍ପାଞ୍ଚଳ ଆଙ୍କୁଲିରେ ଆୟୋଜିତ ସମ୍ମିଳନୀ ଅବସରରେ ବିଦାୟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲା ପରିଷଦ ଲାଗି ପ୍ରାର୍ଥିପତ୍ର ଦାଖଲ

ଭଞ୍ଜନଗର,୧୯।୧(ଡି.ଏନ୍.ଏ)

ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ଜିଲା ପରିଷଦ ଜୋନ୍ ପାଇଁ ବୁଧବାର ୮ଜଣ ପ୍ରାର୍ଥୀପତ୍ର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ନିକଟରେ ଦାଖଲ କରିଛନ୍ତି। ସେମାନେ ହେଲେ ଭଞ୍ଜନଗର ବ୍ଲକ ଜୋନ୍ ନମ୍ବର ୫୦ ପାଇଁ ଭାଜପାରୁ ସସ୍ମିତା ବେହେରା, ୫୨ ଜୋନ୍‌ରୁ ଭାଜପାର କାମିନୀ ବାଳା ସେଠୀ, ଜଗନ୍ନାଥ ପ୍ରସାଦ ବ୍ଲକ ଜୋନ ୨୨ରୁ ଭାଜପାର ଲିଟୁ ନାୟକ ଏବଂ ବେଲଗୁଣ୍ଠା ବ୍ଲକ ୪୯ ଜୋନ୍‌ରୁ ଭାଜପାର ସଞ୍ଜୟ ଜେନା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିଭଳି ଆସିକାର ଜୋନ୍ ୧ରୁ କଂଗ୍ରେସର ସୁମୀତା କୁମାରୀ ସାମଲ, ୨ରୁ କଂଗ୍ରେସର ପୁଷ୍ପାଞ୍ଜଳି ରାଉତ ଓ ଜୋନ୍ ୩ରୁ ଭାଜପାର ଶ୍ରୀନିବାସ ଭଞ୍ଜ ଏବଂ କଂଗ୍ରେସରୁ ସୁଶାନ୍ତ କୁମାର ରାଉତ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିଭଳି ସୋରଡ଼ା ବ୍ଲକ ଜୋନ ୬୩ ରୁ ସିପିଆଇ ଏମ୍‌ର ପ୍ରଦୀପ କୁମାର ମଣ୍ଡଳ, ଧରାକୋଟ ବ୍ଲକ ଜୋନ ୨୯ରୁ କଂଗ୍ରେସର ଜଗନ୍ନାଥ ଗଉଡ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

# ପର୍ଯ୍ୟଟକଙ୍କ ଆକର୍ଷଣ ଫୁଲବାଣୀ ନେଚର ରିଟ୍ରିଟ୍



**ଫୁଲବାଣୀ ଅଫିସ୍, ୧୯।୧:** ପ୍ରକୃତିର ଗନ୍ତାଘର କନ୍ଧମାଳ ଜିଲାରେ ବହୁତ ପର୍ଯ୍ୟଟନ କ୍ଷେତ୍ର ରହିଛି । ଏବେ ଫୁଲବାଣୀରେ ପର୍ଯ୍ୟଟକଙ୍କ ଲାଗି ଜଣେ ଯୁବ ଉଦ୍ୟୋଗୀ ନେଚର ରିଟ୍ରିଟ କରିଛନ୍ତି । ଏଠାରେ ପର୍ଯ୍ୟଟକଙ୍କ ରହିବା ଲାଗି ଶୀତତାପ ନିୟନ୍ତ୍ରିତ ତମ୍ବୁଘର, ଖୋଲା ଆକାଶ ତଳେ ଘାଲିଚା ରହିଛି । ସ୍ୱାଦିଷ୍ଟ ଖାଦ୍ୟ ବି ଉପଲବ୍ଧ କରାଯାଇଛି । କେବଳ ଏତିକି ନୁହେଁ ଚଳିତ ବର୍ଷଠାରୁ ପର୍ଯ୍ୟଟକଙ୍କୁ ଗାଇଡ ଯୋଗାଇ ଦିଆଯାଉଛି । ଫୁଲବାଣୀ ସହରର ପାଖ ଗୁଦାରୀ ନିକଟରେ ପର୍ଯ୍ୟଟକଙ୍କୁ ସବୁ ସୁବିଧା ଦେବା ଲାଗି, ଏମିତି ଏକ ପରିକଳ୍ପନା କରି ଗଢ଼ି ଉଠିଛି ଫୁଲବାଣୀ ନେଚର ରିଟ୍ରିଟ୍ । ଫୁଲବାଣୀର ଯୁବକ ରାଜେନ୍ଦ୍ର ପାଢ଼ୀ ଯୁବ ଉଦ୍ୟୋଗୀ ପାଲଟିବା ସହ ଅନ୍ୟଙ୍କୁ ରୋଜଗାର ଯୋଗାଇଛନ୍ତି। ପର୍ଯ୍ୟଟକ ଏଠାରେ ରହିବା ଲାଗି ଫୋନ ନଂ ୭୦୦୮୭୯୦୪୧୦/ ୮୮୯୫୨୪୬୦୦୧ ଏବଂ ଇମେଲ phulbani-natureretreat11@gmail.com ରେ ଯୋଗଯୋଗ କରି ପାରିବେ ।

# ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର ଅଫିସ୍,୧୯।୧



ବୈଠକରେ ଉପସ୍ଥିତ ବ୍ରହ୍ମପୁର ଉପଜିଲାପାଳ ଓ ବିଭିନ୍ନ ଅଧିକାରୀ ବୃନ୍ଦ ।

ଉପଖଣ୍ଡସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ବୁଧବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତି ଭାସନ ଅଧକ୍ଷତା କରିଥିଲେ। କରୋନା ଯୋଗୁ ଚଳିତ ବର୍ଷର କାର୍ଯ୍ୟକ୍ରମଗୁଡ଼ିକୁ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ପାଳନ କରିବାକୁ ଉପଜିଲାପାଳ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ସାମାଜିକ ଦୂରତା, ମାସ୍କ ପରିଧାନ ଓ ସାନିଟାଇଜର ବ୍ୟବହାର କରି ଶୃଙ୍ଖଳାଗତ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଏହା ପାଳନ କରାଯିବ। କେବଳ ପୋଲିସ ବାହିନୀ ପରେଡ଼ରେ ଅଂଶଗ୍ରହଣ କରିବେ। ଚଳିତ ବର୍ଷ କୌଣସି ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ପରେଡ଼ରେ ଯୋଗଦେବାକୁ ଅନୁମତି ଦିଆଯିବ ନାହିଁ ବୋଲି ଉପଜିଲାପାଳ କହିଥିଲେ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବନାହିଁ। ଏହି କାର୍ଯ୍ୟକ୍ରମରେ ସାଧାରଣ ଜନତା ସାମିଲ ହୋଇପାରିବେ ନାହିଁ। କରୋନା ଯୋଦ୍ଧା ଭାବେ ପରିଚିତ ସ୍ୱାସ୍ଥ୍ୟକର୍ମୀ, ଡାକ୍ତର ଓ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଉପଜିଲାପାଳ କହିଛନ୍ତି। ବିଦ୍ୟାଳୟସ୍ତରରେ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଅନ୍‌ଲାଇନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଆର୍‌ଆଇ ଅଫ୍ ପୋଲିସ ଦିଲୀପ କୁମାର ବେହେରା, ସିଟି ହେଲ୍‌ଥ ଅଫିସର ଡା.ମାନସ ରଞ୍ଜନ ପଣ୍ଡା, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଏନ୍‌ସିସି ଅଫିସର ଡ.ଯତୀନ ବିଶୋୟୀ, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟ ଶିକ୍ଷା ବିକାଶ ସଂସ୍ଥାର ସ୍ୱନକ୍ଷତ୍ର ଦିବସ

ବ୍ରହ୍ମପୁର ଅଫିସ,୧୯।୧

ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ବ୍ରହ୍ମପୁର ଶାଖା ପକ୍ଷରୁ ୧୮ ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ସଂସ୍ଥାନ ସଭାପତି ପଦ୍ମନାଭ ପଣ୍ଡା ଅଧକ୍ଷତା କରିଥିଲେ। ମହନ୍ତ କମଳକାନ୍ତ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଷୋୟୀ, ସମ୍ପାଦିକା ଉଷାରାଣୀ ତ୍ରିପାଠୀ, ଶାରୀରିକ ପ୍ରମୁଖ ମୃତ୍ୟୁଞ୍ଜୟ ବିଷୋୟୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ବିଷୋୟୀ ସଂସ୍ଥାନ ଅଧୀନରେ ଥିବା ୩୦୦ ବିଦ୍ୟାଳୟ ରହିଛି, କର୍ମୀମାନଙ୍କ ଐକ୍ୟ ଭାବନା ଯୋଗୁ ସାରା ରାଜ୍ୟରେ ଶିକ୍ଷା ବିକାଶ ସଂସ୍ଥାନ ପ୍ରତିଷ୍ଠିତ ହୋଇପାରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଣ୍ଡପାଣି ପ୍ରଧାନ, ରାଜେନ୍ଦ୍ର ପଟ୍ଟନାୟକ, ଭଗବାନ ପାଣିଗ୍ରାହୀ, ରମେଶ ପ୍ରଧାନ ଓ ପ୍ରମୋଦ ବିଷୋୟୀ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସୁଜୁକି ମୋଟର୍ସରେ ଆଇଟିଆଇ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି

## ୧୨୦ ଛାତ୍ରୀଛାତ୍ରଙ୍କ ଗୁଜରାଟ ଗସ୍ତ



ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ର।

ବ୍ରହ୍ମପୁର ଅଫିସ୍,୧୯।୧

ବ୍ରହ୍ମପୁର ଆଇଟିଆଇର ଛାତ୍ରୀଛାତ୍ର ଗୁଜରାଟସ୍ଥିତ ସୁଜୁକି ମୋଟର୍ସ କମ୍ପାନୀରେ ନିଯୁକ୍ତି ପାଇଛନ୍ତି। ଏ ନେଇ ବୁଧବାର ଶିକ୍ଷାନୁଷ୍ଠାନର ୧୨୦ ଛାତ୍ରୀଛାତ୍ର ଗୁଜରାଟ ଗସ୍ତ କରିଥିବା ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଗତ ଡିସେମ୍ବରରେ ଆଇଟିଆଇରେ ଅନୁଷ୍ଠିତ ନିଯୁକ୍ତି ସପ୍ତାହ କାର୍ଯ୍ୟକ୍ରମରେ ସୁଜୁକି ମୋଟର୍ସ ପକ୍ଷରୁ ୨୬୫ ଛାତ୍ରୀଛାତ୍ର ଚୟନ କରାଯାଇଥିଲା। ଏହାପରେ ବୁଧବାର ପ୍ରଥମ ପର୍ଯ୍ୟାୟରେ ୩ଟି ସ୍ୱତନ୍ତ୍ର ବସ୍‌ରେ ଛାତ୍ରୀଛାତ୍ର ଗୁଜରାଟ ଗସ୍ତ କରିଛନ୍ତି। ଆଗାମୀ ସପ୍ତାହରେ ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ବାକି ଛାତ୍ରୀଛାତ୍ର ଗସ୍ତ କରିବେ ବୋଲି ଅଧକ୍ଷ କହିଛନ୍ତି।

# ତୃତୀୟ ଦିବସରେ ୩, ୭୦୮ ପ୍ରାର୍ଥିପତ୍ର ଦାଖଲ

## ଗଞ୍ଜାମ ଜିଲା

ଛତ୍ରପୁର,୧୯।୧(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲର ତୃତୀୟ ଦିନ ବୁଧବାର ଗଞ୍ଜାମ ଜିଲାରେ ୩,୭୦୮ ଜଣ ନାମାଙ୍କନପତ୍ର ଦାଖଲ କରଛନ୍ତି। ଜିଲା ପରିଷଦ ସଭ୍ୟ ପଦବୀ ପାଇଁ ୨୯ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ସମିତିସଭ୍ୟ ପଦ ପାଇଁ ୪୦୧ ଜଣ, ସରପଞ୍ଚ ପାଇଁ ୬୫୫ ଜଣ ଏବଂ ୱାର୍ଡମେମ୍ବର ପଦବୀ ପାଇଁ ୨୬୨୩ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଜିଲାରେ ୬୯ ଜିଲାପରିଷଦ ସଭ୍ୟ, ୨୨ ବ୍ଲକ ଅଧିନ ୫୦୩ ଗ୍ରାମପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ ଏବଂ ୭୦୯୯ ୱାର୍ଡ ମେମ୍ବର ପଦବୀ ପାଇଁ ନିର୍ବାଚନ ହେବ। କୋଭିଡ୍ ଯୋଗୁ ପ୍ରାର୍ଥୀପତ୍ର ଦାଖଲ ପାଇଁ ପ୍ରାର୍ଥୀ କେବଳ ପ୍ରସ୍ତାବକ ଓ ସମର୍ଥକଙ୍କୁ ନେଇ ଯିବାକୁ ଅନୁମତି ରହିଥିବାରୁ ଭିଡ ଦେଖିବାକୁ ମିଳୁନି । ଜିଲାରେ ୨୪ ଲକ୍ଷ ୪୩ ହଜାର ୬୧୬ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ । ସେଥିମଧ୍ୟରେ ୧୨ ଲକ୍ଷ ୭୭ ହଜାର ୬୨୭ ଜଣ ପୁରୁଷ ଭୋଟର, ୧୧ ଲକ୍ଷ ୬୫ ହଜାର ୮୦୯ ଜଣ ମହିଳା ଭୋଟର ଓ ୧୮୦ ଜଣ ଅନ୍ୟ ଭୋଟର ରହିଛନ୍ତି। ପଞ୍ଚାୟତ ନିର୍ବାଚନ ପାଇଁ ଜିଲାରେ ୭୦୯୯ ବୁଥ୍ ପ୍ରସ୍ତୁତ ହୋଇଛି ।

# ପଞ୍ଚାୟତ ନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ

ପାରଳାଖେମୁଣ୍ଡି,୧୯।୧ (ଡି.ଏନ୍.ଏ.)

ପାରଳାଖେମୁଣ୍ଡି ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଅଧକ୍ଷତା କରିଥିଲେ। ଏଥିରେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ଏସ୍‌ପି ଜୟରାମ ଶତପଥୀ, ଉପଜିଲାପାଳ ଦିଲ୍ଲୀପ କୁମାର ମହାରଣା, ଡିପିଓ ଉଲାସ ସେଠୀ ଏବଂ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ରହି କିପରି ଭାବରେ ଅବାଧ ଓ ନିରପେକ୍ଷତାର ସହ ଆଗାମୀ ତ୍ରିସ୍ତରୀୟ ନିର୍ବାଚନ କରାଯିବ ସେନେଇ ଆଲୋଚନା କରିଥିଲେ। ବୈଠକରେ ଡିପିଓ ସେଠିଓ ଜୁବିଲି ଚରଣ ବେହେରା ସଭା ପରିଚାଳନା କରିଥିଲେ।


सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
**Central Mine Planning & Design Institute Ltd.**
( A Subsidiary of Coal India Limited)
Gondwana Place, Kanke Road, Ranchi - 834031, JHARKHAND, INDIA

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal https://gem.gov.in."



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୦୮ — **ବିଜ୍ଞାପନ** — ତା:୧୧।୦୧।୨୨

No. CAD-2765: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରମୁଣ୍ଡା ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏଚ୍.ଆଇ.ଜି. (ଡି) ସି–୬୪ [HIG-(D) C-64]ଟିକୁ ରୁରାଲ୍ ଇଲେକ୍ଟ୍ରିଫିକେସନ କର୍ପୋରେସନ ଲି଼., ରେଜିଓନାଲ ଅଫିସ୍, ଦୀନ୍ ଦୟାଲ ଭବନ, ଅଶୋକନଗର, ଭୁବନେଶ୍ୱରଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ରୁରାଲ୍ ଇଲେକ୍ଟ୍ରିଫିକେସନ୍ କର୍ପୋରେସନ୍ ଲିଃଙ୍କ ତରଫରୁ ମୁଖ୍ୟ କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ବିଜୟ କୁମାର ମହାନ୍ତି, ପି.– ରମାକାନ୍ତ ମହାନ୍ତି, ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ପୁଷ୍ପ ମଞ୍ଜରୀ ନାୟକ, ସ୍ୱା.– ପ୍ରଫୁଲ୍ଲ କୁମାର ନାୟକ, ସା: ଫ୍ଲାଟ ନଂ. ୧୦୫, ଏମ୍.ଏମ୍. ଏନ୍‌କ୍ଲେଭ, ବାଲିଅନ୍ତା, ଅଣ୍ଡିଲୋ, ପୋ./ଥା: ବାଲିଅନ୍ତା, ଜି.– ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0339/2122



**ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ** — **ବିଜ୍ଞାପନ**

ଏତଦ୍ୱାରା ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ:
୧. ଚଳିତ ଖରିଫ ୨୦୨୧–୨୨ ନିମନ୍ତେ, ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ୧୩୪ଗୋଟି ପ୍ରାଥମିକ କୃଷି ସମବାୟ ସମିତି, ୪୪ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ୧ଗୋଟି ପାଣି ପଞ୍ଚାୟତ ମାଧ୍ୟମରେ ଜିଲ୍ଲା ଯୋଗାଣ ନିଗମ ଦ୍ୱାରା FAQ ମାନର ଧାନ କ୍ରୟ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ୨. ଚାଷୀ ଭାଇ ଭଉଣୀମାନେ ସେମାନଙ୍କର ବଳକା ଧାନକୁ ଶୁଖାଇ, ସଫା ସୁତୁରା କରି ଧାନ କ୍ରୟ କେନ୍ଦ୍ରକୁ ଆଣିବେ । ୩. ପୂର୍ବରୁ ପଞ୍ଜୀକୃତ ଚାଷୀଭାଇ ଓ ଭଉଣୀମାନେ ସେମାନଙ୍କର ବଳକା ଧାନ ବିକ୍ରୟ କରିବାକୁ ସୁଯୋଗ ପାଇପାରିବେ । ୪. ଚଳିତ ଖରିଫ ଧାନ (K.M.S. 2021-22) ବିକ୍ରି ସମ୍ବନ୍ଧୀୟ ତଥ୍ୟ IVRS - ମାଧ୍ୟମରେ ପ୍ରଦାନର ବ୍ୟବସ୍ଥା କରାଯାଇଛି । ଚାଷୀଭାଇମାନେ ପଞ୍ଜୀକୃତ ମୋବାଇଲରୁ ''୧୯୬୭'' ନମ୍ବରକୁ କଲ୍ କରି ସବିଶେଷ ତଥ୍ୟ ପାଇପାରିବେ । ୫. P-PAS ବ୍ୟବସ୍ଥା ମାଧ୍ୟମରେ ଚାଷୀମାନଙ୍କଠାରୁ ଧାନ କ୍ରୟ କରାଯିବା ସହ ଧାନ ବିକ୍ରୟ ମୂଲ୍ୟ ଚାଷୀଙ୍କ ଜମା ଖାତାକୁ ଅନଲାଇନ ମାଧ୍ୟମରେ ପୈଠ କରାଯିବାର ବ୍ୟବସ୍ଥା କରାଯାଇଛି । ୬. ଚଳିତ ଖରିଫ ୨୦୨୧–୨୨ ବର୍ଷ ନିମନ୍ତେ ସରକାରଙ୍କ ଦ୍ୱାରା ଧାନର ନିର୍ଦ୍ଧାରିତ FAQ ମାନ ଓ ଦର ।

| କ୍ର.ନଂ. | ଧାନରେ ମିଶ୍ରିତ ବାହ୍ୟ ପଦାର୍ଥ | FAQ ମାନ | FAQ ମାନ ଧାନର ଦର | |
|---|---|---|---|---|
| | | | ଧାନର କିସମ | କ୍ୱଇଣ୍ଟାଲ ପ୍ରତି ଦର |
| ୧ | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧% | ସାଧାରଣ ଧାନ (FAQ ମାନ) | ଟ.୧୯୪୦.୦୦ |
| ୨ | କାଠି, କୁଟା, ଅଗାଡ଼ି ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% | | |
| ୩ | ଖରାପ, ବେରଙ୍ଗ, ପାଣିଫୁଲା ବା ପୋକା ଇତ୍ୟାଦି (*ଖରାପ, ପାଣିଫୁଲା ଓ ପୋକା ମିଶି ୪%ରୁ ଅଧିକ ହେବ ନାହିଁ) | ୫%* | | |
| ୪ | ଅପିରପକ୍ୱ, ସବୁଜ, ବଙ୍କା ବା ସଙ୍କୁଚିତ ଧାନ | ୩% | | |
| ୫ | ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ ଏ ଧାନ ନିମନ୍ତେ) | ୬% | ଗ୍ରେଡ 'ଏ' ଧାନ (FAQ ମାନ) | ଟ.୧୯୬୦.୦୦ |
| ୬ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% | | |

''ସଫା, ଶୁଖିଲା, ସମରଙ୍ଗୀ ଓ ସମଆକାର ଧାନ ଆଣନ୍ତୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟ ପାଆନ୍ତୁ''

ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

ଉପ–ଜିଲ୍ଲାପାଳ, ଛତ୍ରପୁର–ତଥା–ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ



**CORRIGENDUM**

No. M-67: In pursuance to the Advertisement No. RFP No. 1/PMMSY-SPU/DPU-DoF/Plan-Misc/03/21/Dated 28.12.2021 for appointment of SPU/DPU Consultants under PMMSY and published in daily Newspapers on Dt.31.12.2021, the programme of invitation of RFP is rescheduled as detailed below:

| | | |
|---|---|---|
| 1. | Last date and time of submission of RFPs | Dt.31.01.2022, 5.30 P.M. |
| 2. | Technical Presentation | Dt.03.02.2022, 11 A.M. |
| 3. | Opening of Technical Bid | Dt.03.02.2022, 4 P.M. |
| 4. | Opening of Financial Bid | Dt.08.02.2022, 3 P.M. |

**Sd./- Director of Fisheries**
**OIPR-06015/11/0033/2122**



**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**
E-mail ID: sepwdsbp@rediffmail.com

**1st Corrigendum to T.C.N. bearing Bid Identification No. CCENC(R&B)/19/2021-22**

Order No. 17 — Dtd.05.01.2022

**Tender Reference No. SENC (R&B)/19/2021-22 (TCN No. 3682 Dtd.23.12.2021)**

No. B-1006: Due to unavoidable circumstances the following modification is made to the tender call notice mentioned above.

| Sl. No. | Description of Activity | Schedule Date | Extended Date |
|---|---|---|---|
| 1 | Availability of Bid documents in the website | 06.01.2022 to 17.00 hours of 24.01.2022 | 20.01.2022 to 17.00 hours of 04.02.2022 |
| 2 | Opening of Technical Bid | 25.01.2022 at 11.00 hours | 07.02.2022 at 11.00 hours |

All other terms and conditions remain unchanged.

Sd./- Chief Construction Engineer
Northern (R&B) Circle, Sambalpur
OIPR-34035/11/0026/2122



**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**
At: Ichhapur, Post: Shree Baladevjew
E-mail: eerwsskendrapara@gmail.com
Identification No. RWS/89/2021-2022

Letter No. 831 — **3rd Corrigendum** — Dated: 17.01.2022

No. O-1721: This corrigendum has been made for the NIT-89 invited online vide this office Letter No. 7629/Dated 22.12.2021 modified vide 2nd Corrigendum as date for selling, closing, clarification and opening of the NIT-89 which was on Dt.17.01.2022 (selling date), 02.02.2022 (closing date), 20.01.2022 (clarification date) 03.02.2022 (Opening date) to be read as 02.02.2022, 22.02.2022, 04.02.2022 and 23.02.2022 respectively due to unavoidable circumstances. All other terms and condition remain unaltered.

| No. | Name of Work | Estimated Cost (Apprx.) Rs. in Lakhs | Cost of Tender Paper | Period of Completion |
|---|---|---|---|---|
| 1 | Execution of 40 LPCD Retrofitting RPWS Scheme to **Charigaon, Dutiala and Pandiri** on clubbed up mode under **Kendrapara** Block in the District of Kendrapara **(JJM Funds)** | Rs.287.85 | Rs.10000 | 330 days |

Sd./- (Er. B.K. Nayak), Executive Engineer
RWS&S Division, Kendrapara
OIPR-25004/11/0046/2122



**ODISHA PUBLIC SERVICE COMMISSION CUTTACK**

**NOTICE**

**No. 595/PSC, Dt. 19.1.22**
**(1R-16-21-22) (DR-V)**

**No. D-280:-** It is for information of all concerned that, pursuant to the advertisement No. 08 of 2020-2021, **141 (one hundred forty one)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, "Economics"**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack - 753001 on **27.01.2022, 28.01.2022, 29.01.2022, 31.01.2022, 01.02.2022 & 02.02.2022** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time | PPSAN |
|---|---|---|
| 27.01.2022 | 10.30 A.M. | 00091509, 00090047, 00091146, 00091360, 00096219, 00097912, 00090221, 00102105, 00096471, 00095069, 00084882, 00079904, 00077665, 00092489 & 00019520 = **15 Candidates.** |
| | 02.30 P.M. | 00086188, 00088544, 00088674, 00091194, 00095106, 00096014, 00096392, 00100586 & 00092390 = **09 Candidates.** |
| 28.01.2022 | 10.30 A.M. | 00088163, 00088540, 00093008, 00081738, 00086239, 00077277, 00077616, 00079210, 00080541, 00088405, 00089624, 00091682, 00093724, 00095507 & 00096069 = **15 Candidates.** |
| | 02.30 P.M. | 00097829, 00097834, 00099527, 00077010, 00096125, 00090745, 00091989, 00077658 & 00093042 = **09 Candidates.** |
| 29.01.2022 | 10.30 A.M. | 00093597, 00096322, 00075727, 00089596, 00094686, 00088288, 00095187, 00089199, 00091044, 00085953, 00090753, 00086356, 00086367, 00087588 & 00088417 = **15 Candidates.** |
| | 02.30 P.M. | 00089336, 00090785, 00091472, 00092057, 00092923, 00092960, 00094643, 00094895 & 00096331 = **09 Candidates.** |
| 31.01.2022 | 10.30 A.M. | 00086668, 00091708, 00086454, 00030881, 00089978, 00096837, 00094711, 00094849, 00088949, 00093573, 00080550, 00088135, 00089763, 00091417 & 00087742 = **15 Candidates.** |
| | 02.30 P.M. | 00095560, 00087418, 00089982, 00086839, 00032164, 00087624, 00090612,00077361 & 00086017 = **09 Candidates.** |
| 01.02.2022 | 10.30 A.M. | 00087807, 00071751, 00048474, 00090391, 00090377, 00093961, 00077693, 00096037, 00096394, 00094857, 00089109, 00076863, 00079518, 00090668 & 00090005 = **15 Candidates.** |
| | 02.30 P.M. | 00094156, 00086793, 00094479, 00090394, 00096160, 00092448, 00091291, 00092146 & 00094119 = **09 Candidates.** |
| 02.02.2022 | 10.30 A.M. | 00094326, 00095753, 00076727, 00078720, 00056966, 00081301, 00066160, 00024721, 00039955, 00041218, 00069758, 00076817, 00078008 & 00078144 = **14 Candidates.** |
| | 02.30 P.M. | 00097412, 00102004, 00095597, 00066322, 00077137, 00087823, & 00088347 = **07 Candidates.** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
5. **One set** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Apart from this, the candidates are requested to produce **RTPCR (-VE)** report obtained within 72 hours of date of document verification.

OIPR-12002/11/0213/2122 — **Sd./- Secretary**

ଭିତରେ କୌଣସି ପ୍ରଲୋଭନ ଜାଗିଲେ ତାକୁ ପ୍ରତିରୋଧ କର। ତା'ପାଖରେ ନିଜକୁ ସମର୍ପି ଦିଅନା। ଥରକ ପାଇଁ ହେଲେ ବି–ଯଦି ତୁମେ ପ୍ରଲୋଭନକୁ ପ୍ରଶ୍ରୟ ଦେଇଛ– ତା'ହେଲେ ତୁମ ଇଚ୍ଛାଶକ୍ତିର ବଳ କମିଯିବ ଏବଂ ବାରମ୍ବାର ପରାଜୟ ପାଇଁ ବାଟ ଖୋଲିଯିବ। **–ଶ୍ରୀମା**



# ମହାମାରୀ ରୋକିବାର ବାଟ



ଜୋସେ ମାନୁଏଲ୍ ବାରୋସୋ

ଶତାବ୍ଦୀର ସବୁଠୁ ଘାତକ କୋଭିଡ୍–୧୯ ମହାମାରୀ ଦୁଇ ବର୍ଷ ହେବ ସାରା ବିଶ୍ୱକୁ କଲବଲ କରୁଛି। ଏହା ଯୋଗୁ ବିଶ୍ୱ ଏକ ସଙ୍କଟଜନକ ସ୍ଥିତିକୁ ଠେଲି ହୋଇଯାଇଛି। ମହାମାରୀରେ ଏବେ ସୁଦ୍ଧା ୫.୫ ମିଲିୟନରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି ଓ ଅଗଣିତ ଲୋକ ଜୀବିକା ହରାଇଛନ୍ତି । କୋଟି କୋଟି ଲୋକ ଗରିବ ହୋଇଯାଇଛନ୍ତି। ବିଶ୍ୱ ଏଭଳି ଏକ ମାରାତ୍ମକ ମହାମାରୀକୁ ରୋକିବାରେ ବିଫଳ ହୋଇଛି। କିନ୍ତୁ ଏହା ସତ ଯେ, ଭାକ୍ସିନ ଗ୍ଲୋବାଲ ଆସେସ୍ (କୋଭାକ୍ସ) ଯାହା ବିଶ୍ୱରେ ଟିକାର ସମ ଉପଲବ୍ଧତା ଉପରେ କାମ କରେ, ତାହା ବିଶ୍ୱ ସମୁଦାୟର ସମର୍ଥନ ପାଇବା ପରଠାରୁ ଏ କ୍ଷେତ୍ରରେ ବହୁତ କିଛି ପରିବର୍ତ୍ତନ ଆସିଛି ।

ମହାମାରୀ ପ୍ରକାଶ ପାଇବା ପରେ ଏହାର ମୁକାବିଲା କରିବା ଲାଗି ବୈଜ୍ଞାନିକମାନେ ଏକ ସୁରକ୍ଷିତ ଓ ପ୍ରଭାବୀ ଟିକା ବିକାଶ କରିବା ପାଇଁ ସକ୍ଷମ ହେବେ ବୋଲି ଆମେ ଜାଣିନଥିଲୁ। କିନ୍ତୁ ସେପ୍ଟେମ୍ବର ୨୦୨୦ରେ ଏଥିରେ ସଫଳତା ମିଳିଲା ଓ ଏବେ ଆମ ପାଖରେ ବହୁ ପ୍ରକାର କୋଭିଡ୍ ଟିକା ରହିଛି। ଟିକା ଉତ୍ପାଦନ ଶିଳ୍ପଗୁଡ଼ିକ ଅଧିକ ଟିକା ଉତ୍ପାଦନ କରିବାରେ ସଫଳ ହେବେ ବୋଲି ପୂର୍ବରୁ ଆମେ ମଧ୍ୟ ଜାଣି ନ ଥିଲେ। ହେଲେ ତାହା ସମ୍ଭବ ହୋଇପାରିଲା। ଘଟଣାକ୍ରମରେ ଗତବର୍ଷ ୧୧ ବିଲିୟନ ବା ୧୧ ଶହ କୋଟି ଡୋଜ୍ ଉତ୍ପାଦନ କରାଯାଇଥିଲା। ତେବେ ଦୁଃଖର ବିଷୟ, ଏତେସବୁ ସଫଳତା ପାଇଥିବାବେଳେ ମହାମାରୀ ଉପରେ ସମ୍ପୂର୍ଣ୍ଣ ବିଜୟ ହାସଲ କରାଯାଇପାରୁନାହିଁ। ସାରା ବିଶ୍ୱ ଏହା ବିରୋଧରେ ଲଢ଼େଇ ଜାରି ରଖିଥିଲେ ବି ସ୍ପଷ୍ଟତଃ ବିଫଳ ହୋଇଛି। ୨୦୨୧ରେ ପୃଥିବୀରେ ଅତ୍ୟଧିକ ଟିକା ଉତ୍ପାଦନ ହୋଇଥିଲା। ଏହା ୩ ଶହ କୋଟିରୁ ଊର୍ଦ୍ଧ୍ୱ ବୟସ୍କ ଲୋକଙ୍କୁ ଟିକା ଦେବା ଲାଗି ଯଥେଷ୍ଟ। ଏମାନଙ୍କ ମଧ୍ୟରୁ ଅଧିକାଂଶ ନିମ୍ନ ଆୟବର୍ଗ ବା ଗରିବ ଦେଶଗୁଡ଼ିକରେ ରହୁଛନ୍ତି, ଯେଉଁମାନେ ଏଯାବତ୍ ପ୍ରଥମ ଡୋଜ୍ ଟିକା ପାଇପାରିନାହାନ୍ତି। ଧନୀ ଦେଶଗୁଡ଼ିକରେ ହାରାହାରି ଟିକାକରଣର ହାର ୭୫%ରୁ ଅଧିକ ଏବଂ ସେମାନେ ଏବେ ବୁଷ୍ଟର ଡୋଜ୍ ଉପରେ ଧ୍ୟାନ ଦେଉଛନ୍ତି। ଅପରପଟେ ଆଫ୍ରିକାରେ ପାଖାପାଖି ୧୦% ଲୋକ ସମ୍ପୂର୍ଣ୍ଣ ଡୋଜ୍ ନେଇ ସାରିଛନ୍ତି ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରାଥମିକ ଟିକାକରଣ ସ୍ଥିତିରେ ପହଞ୍ଚିବାକୁ ବାକି ରହିଛି।

ନିକଟରେ କୋଭାକ୍ସ ବିଶ୍ୱର ବିଭିନ୍ନ ଦେଶକୁ ୧୦୦ କୋଟି ଟିକା ଯୋଗାଇ ଦେଇଛି। ଏହା ଟିକା ଯୋଗାଣ ବୃଦ୍ଧି,ସମଉପଲବ୍ଧତାର ନିଶ୍ଚିତତାକୁ ପ୍ରତିପାଦିତ କରୁଛି। କୋଭାକ୍ସ ମଧ୍ୟ ବିଶ୍ୱରେ ଦେଖାଦେଇଥିବା ଭୟଙ୍କର ପକ୍ଷପାତକୁ ସୁଧାରିଛି। ଏଭଳି ସଫଳତାରୁ ଜଣାପଡୁଛି ଯେ, କୋଭିଡ୍ ଟିକାର ଗଚ୍ଛିତ, ରପ୍ତାନୀ କିମ୍ବା ଏହାର ଚିକିତ୍ସା ଉପକରଣ ଉପରେ କେତେକ ଦେଶ ପ୍ରତିବନ୍ଧକ ଲଗାଇବା ସତ୍ତ୍ୱେ କୋଭାକ୍ସ ଏବଂ ଅନେକ ଦେଶର ସମ୍ମିଳିତ ଉଦ୍ୟମ ଏ କ୍ଷେତ୍ରରେ ଭଲ କାମ କରିପାରଛି ଓ ଆଗକୁ କରିବ। ଏଭଳି ଗତିକୁ ଲକ୍ଷ୍ୟକଲେ ଜଣାଯାଏ, କୋଆଲିଏଶନ ଫର୍ ଏପିଡେମିକ ପ୍ରିପାଏର୍ଡନେସ ଇନୋଭେଶନ ବା ମହାମାରୀ ରୋକିବାକୁ ଟିକା ବିକାଶ କରିବା ପାଇଁ ଆରମ୍ଭ କରାଯାଇଥିବା ବୈଶ୍ୱିକ ସମାବେଶୀ ବ୍ୟବସ୍ଥା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ୟୁନିସେଫ୍ ଏବଂ ଭାକ୍ସିନ ଓ ଇମ୍ୟୁନାଇଜେଶନ ପାଇଁ ବିଶ୍ୱସ୍ତରୀୟ ମେଣ୍ଟ(ଜିଏଭିଆଇ)ର ଭାଗୀଦାରିରେ ପ୍ରତିଷ୍ଠା କରାଯାଇଥିବା କୋଭାକ୍ସ ଲଗାତର ବିଶ୍ୱର ସମର୍ଥନ ପାଉଛି। ହେଲେ କରୋନାର ନୂଆ ରୂପ ଓମିକ୍ରନ୍‌କୁ ଦୃଷ୍ଟିରେ ରଖି ପ୍ରଥମ ବୁଷ୍ଟର ଡୋଜ୍ ଆରମ୍ଭ କରିବାକୁ ଧନୀଦେଶଗୁଡ଼ିକ ଆଗକୁ ବଢୁଥିବାରୁ ନିମ୍ନ ଆୟବର୍ଗର ଦେଶଗୁଡ଼ିକ ବିପଦ ଯେଭଳି ହ୍ରାସ କରିବାକୁ ଚେଷ୍ଟା କରାଯାଉଥିଲା ତାହା ଆଉ ସମ୍ଭବ ହୋଇପାରିବ ନାହିଁ। ଏଭଳି ପରିଣାମ କେବଳ ଏକ ବଡ଼ ବିଫଳତାକୁ ପ୍ରତିପାଦିତ କରିବ ତାହା ନୁହେଁ, ବରଂ ସାଧାରଣ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଘୋର ବିପର୍ଯ୍ୟୟ ଘଟାଇବ। ଆମେ ସମସ୍ତେ ଜାଣୁ ଯେ, ଯେ ପର୍ଯ୍ୟନ୍ତ ସମସ୍ତେ ସୁରକ୍ଷିତ ହୋଇ ରହିନାହାନ୍ତି ସେ ଯାଏ ପୃଥିବୀରେ କେହି ଜଣେ ହେଲେ ବି ସୁରକ୍ଷିତ ନୁହନ୍ତି। ଯେ ପର୍ଯ୍ୟନ୍ତ ପୃଥିବୀର ସବୁ ଅଞ୍ଚଳରେ ସବୁ ଲୋକଙ୍କୁ ଟିକାକରଣ ନ କରିଛେ, ସେ ପର୍ଯ୍ୟନ୍ତ କରୋନା ଭାଇରସ୍ ଲଗାତର ରୂପ ବଦଳାଇ ଚାଲିବ। ଫଳରେ ଆଗକୁ କରୋନାର ଅଧିକ ବିପଜ୍ଜନକ ନୂଆ ଏବଂ ଶକ୍ତିଶାଳୀ ରୂପ ଆବିର୍ଭାବ ହେବ। ଏହା ଯୋଗୁ ଏକ ବଡ଼ ବିପଦ ଦେଖାଦେବ। କୋଭିଡ୍–୧୯ ଉପରେ ବିଜୟ ଲାଭ କରିବା ପରିବର୍ତ୍ତେ କେବଳ ତାକୁ ସାମ୍ନା କରିବା ପାଇଁ ଆମକୁ ଅସଂଖ୍ୟ ବୁଷ୍ଟର ଟିକା ନେବାକୁ ପଡ଼ିବ। ବିକଳ୍ପ ଭାବେ, ବିଶ୍ୱର ସବୁ ଦେଶରେ ଲୋକମାନଙ୍କୁ ସୁରକ୍ଷିତ ରଖି ଆମେ ବୈଶ୍ୱିକ ଅର୍ଥବ୍ୟବସ୍ଥାକୁ ମଜଭୁତ କରିବା ସହ ସମ୍ପୂର୍ଣ୍ଣ ଭାବେ ବ୍ୟବସାୟ,ବାଣିଜ୍ୟ ଏବଂ ଯାତ୍ରା ଆରମ୍ଭ କରିପାରିବା। ଏଥିପାଇଁ ଧନୀ ଦେଶଗୁଡ଼ିକର ନୂଆ ପ୍ରତିବଦ୍ଧତା ଆବଶ୍ୟକ ଏବଂ ପ୍ରାଥମିକତାଭିତ୍ତିରେ ଯେଉଁ ଦେଶଗୁଡ଼ିକରେ ଟିକାର ସବୁଠୁ ଅଧିକ ଆବଶ୍ୟକତା ରହିଛି, ଟିକା ଉତ୍ପାଦନକାରୀମାନେ ସେମାନଙ୍କ ଅର୍ଡର ରଖିବାକୁ ପଡ଼ିବ। ଗରିବ ଦେଶଗୁଡ଼ିକ କିଭଳି ସମାନ ଭାବେ ଟିକା ପାଇବେ ବ୍ୟବସ୍ଥା କରିବାକୁ ହେବ। ବୁଷ୍ଟର କାର୍ଯ୍ୟକ୍ରମ , ନୂଆ ଟିକା ଗ୍ରହଣ କରିବା କିମ୍ବା ଅତିରିକ୍ତ ଡୋଜ ସମ୍ପର୍କିତ ଭବିଷ୍ୟତର ଆବଶ୍ୟକତାକୁ ଲକ୍ଷ୍ୟ କରି କାର୍ଯ୍ୟଧାରା ବୃଦ୍ଧି କରି ସ୍ଥିତିରେ ପରିବର୍ତ୍ତନ ଆଣିବାର ଦକ୍ଷତାକୁ ନିଶ୍ଚିତ କରିବାକୁ ପଡ଼ିବ। ଜିଏଭିଆଇର ଅଧ୍ୟକ୍ଷ ଭାବେ ମୁଁ ଏବଂ ଅନ୍ୟମାନେ କୋଭାକ୍ସରେ ସାମିଲ ହୋଇ ମଧ୍ୟ ଗତ ବର୍ଷ ମହାମାରୀ ବିରୋଧୀ ଲଢେଇରେ ପ୍ରଗତି ହୋଇପାରିନାହିଁ। ଏଥିରେ ଶିଥିଳତା ପରିଲକ୍ଷିତ ହୋଇ ଆସିଛି।

ଓମିକ୍ରନ ସଂକ୍ରମଣ ବ୍ୟାପକ ହେଉଛି। ଏହା ସତ୍ତ୍ୱେ ପୂର୍ବରୁ ପ୍ରକାଶ ପାଇଥିବା କରୋନା ଭାଇରସ୍‌ଠାରୁ ଏହା କମ୍ ବିପଜ୍ଜନକ ବୋଲି ଧାରଣା ସୃଷ୍ଟି ହୋଇଛି। ଏହି କାରଣରୁ ଆମେ ସମସ୍ତେ ଏବେ ମଧ୍ୟ ଏକ ବୈଶ୍ୱିକ ସଙ୍କଟ ମଧ୍ୟରେ ରହିଛୁ। କିନ୍ତୁ ଯୋଗାଣ ଓ ଚାହିଦା କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକ ୨୦୨୨ରେ ବୃଦ୍ଧି ପାଇବ। ବାସ୍ତବରେ ଆମେ କୋଭିଡ୍–୧୯ ମହାମାରୀର ପଞ୍ଝାରୁ ମୁକ୍ତ ହେବା ଭଳି ସମ୍ଭାବ୍ୟ ସ୍ଥିତିରେ ରହିଛୁ। ଏଣୁ 'ଶୀଘ୍ର' ହିଁ କାର୍ଯ୍ୟଧାରାର ମନ୍ତ୍ର ହେବା ଦରକାର। ଯେତେ ଶୀଘ୍ର ଭାଇରସ୍ ସଂକ୍ରମଣକୁ ଆୟତ୍ତ କରିବା, ସେତେ ଶୀଘ୍ର ସମାଜ ଓ ଅର୍ଥନୀତି କ୍ଷେତ୍ରରେ ଘଟାଇଥିବା ବିପର୍ଯ୍ୟୟ ଚକ୍ରକୁ ନଷ୍ଟ କରିବାରେ ସକ୍ଷମ ହୋଇପାରିବା। ଏଥିପାଇଁ ସବୁ ଦେଶର ଲୋକଙ୍କୁ କୋଭିଡ୍–୧୯ ଟିକାର ତ୍ୱରିତ, ସ୍ୱଚ୍ଛ ଏବଂ ସମ ଉପଲବ୍ଧତା ନିଶ୍ଚିତ କରିବା ଦରକାର।

କୋଭାକ୍ସ ବିଶ୍ୱର ବିଭିନ୍ନ ଦେଶକୁ ୧୦୦ କୋଟି ଟିକା ଯୋଗାଇ ସାରିଛି। ଏହା ପ୍ରମାଣିତ କରୁଛି ଯେ, କୌଣସି କାର୍ଯ୍ୟରେ ପ୍ରତିବଦ୍ଧତା ବଳରେ ଆମେ ବିଶ୍ୱସ୍ତରୀୟ ଆହ୍ୱାନଗୁଡ଼ିକୁ ସମ୍ମିଳିତ ଭାବେ ପ୍ରଭାବୀ ଢଙ୍ଗରେ ନିଶ୍ଚିତ ନିୟନ୍ତ୍ରଣ କରିପାରିବା। କିନ୍ତୁ ଏହି ଉପଲବ୍ଧି ମଧ୍ୟ ସୂଚାଇ ଦେଇଛି ଯେ, ଆଗକୁ ଆମକୁ ଆହୁରି ଅନେକ କିଛି କରିବାକୁ ବାକି ଅଛି। ସେଥିପାଇଁ ସରକାର, ଶିଳ୍ପ ଏବଂ ସିଭିଲ୍ ସୋସାଇଟିର ସାହାଯ୍ୟ ଲୋଡ଼ା। ଏମାନଙ୍କ ବିନା ସାହାଯ୍ୟରେ ଟିକାର ନିଷ୍ପକ୍ଷ ବଣ୍ଟନ କ୍ଷେତ୍ରରେ କୋଭାକ୍ସ ଏବଂ ଅନ୍ୟ ଅନ୍ତର୍ଜାତୀୟ ସଙ୍ଗଠନଗୁଡ଼ିକର ପ୍ରତିବଦ୍ଧତା କେବଳ ମହାମାରୀକୁ ଶେଷ କରିବ ପାରିବ ନାହିଁ। ବରଂ, ସମସ୍ତେ ଏକାଠି କାମ କଲେ କୋଭିଡ୍ ପଞ୍ଝାରୁ ସବୁଦିନ ପାଇଁ ମୁକୁଳିପାରିବା। ଏହି ବାଟରେ ଆମେ ଅଧିକ ଲାଭ ଉଠାଇପାରିବା।

**ପୂର୍ବତନ ପ୍ରଧାନମନ୍ତ୍ରୀ ପର୍ତ୍ତୁଗାଲ,**
**ପୂର୍ବତନ ପ୍ରେସିଡେଣ୍ଟ, ୟୁରୋପିଆନ କମିଶନ;**
**ଭାକ୍ସିନ ଆଲାଏନ୍ସ ( ଜିଏଭିଆଇ)ର ଅଧ୍ୟକ୍ଷ**

# ଜଳବାୟୁ ପରିବର୍ତ୍ତନ ଓ ତଟଭୂମି ଅବକ୍ଷୟ



ପ୍ରଫେସର କିଶୋର ସାମଲ

ଜଳବାୟୁ ପରିବର୍ତ୍ତନ ଯୋଗୁ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକ ଉପରେ ସମୁଦ୍ର ଉପକୂଳ ଓ ତାହାର ତଟଭୂମି ଅଞ୍ଚଳରେ ଭୂକ୍ଷରଣ ଭଳି ବହୁତ କୁପ୍ରଭାବ ପଡୁଛି। ଏପରିକି ଭାରତର ବେଳାଭୂମିରେ ଥିବା କେତୋଟି ବଡ଼ ବଡ଼ ସହର ୫୦ ବର୍ଷ ମଧ୍ୟରେ ସମୁଦ୍ରରେ ଜଳମଗ୍ନ ହେବାର ଆଶଙ୍କା ଦେଖାଦେଲାଣି। ଆମ ରାଜ୍ୟ ଓଡ଼ିଶାର ଦୁଇ ତିନୋଟି ବେଳାଭୂମିରେ ସମୁଦ୍ର ଅତଡା ଖାଉଛି। ସମୁଦ୍ର ତଟଭୂମିରେ ଅତଡା ଖାଉଥିବାରୁ କେନ୍ଦ୍ରାପଡ଼ା ଜିଲାର ରାଜନଗର ବ୍ଲକ ଅନ୍ତର୍ଭୁକ୍ତ ସାତଭାୟା ଗ୍ରାମପଞ୍ଚାୟତର କେତେଖଣ୍ଡ ଗ୍ରାମ ବଙ୍ଗୋପସାଗରରେ ଲୀନ ହୋଇଯାଇଛି। ଏହି ବେଳାଭୂମିରେ ୧୯୬୦ ଦଶକର ପ୍ରଥମ ଭାଗରୁ ତଟଭୂମିର ଅବକ୍ଷୟ ଆରମ୍ଭ ହୋଇଛି। ଅଙ୍ଗାରକାମ୍ଳ ନିର୍ଗମନ, ଜଳବାୟୁ ପରିବର୍ତ୍ତନ, ଉତ୍ତାପ ବୃଦ୍ଧି, ଉଭୟ ଉତ୍ତର ଓ ଦକ୍ଷିଣ ମେରୁ ଏବଂ ପର୍ବତମାଳାରେ ବରଫ ତରଳିବା ଯୋଗୁ ସମୁଦ୍ର ଜଳପତ୍ତନ ବୃଦ୍ଧି ପାଇ ଏହା ହେଉଛି ବୋଲି ବିଶ୍ୱାସ କରାଯାଉଛି। ସାତଭାୟା ଅଞ୍ଚଳରେ ଏହା କିଛି ଅଂଶରେ ସତ୍ୟ। ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ କେତେକାଂଶରେ ସମୁଦ୍ରକୂଳ ଖାଇବା ପାଇଁ ଦାୟୀ। ବିଶେଷତଃ ଓଡ଼ିଶାରେ ୧୯୭୧ ଓ ୧୯୯୯ ବାତ୍ୟାରେ ସାତଭାୟା ଗ୍ରାମପଞ୍ଚାୟତର କେତୋଟି ଗ୍ରାମର କିଛି ଅଂଶ ସମୁଦ୍ରରେ ଲୀନ ହୋଇଯାଇଥିଲା ଏବଂ ଅନେକ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଯେଉଁମାନେ ବଞ୍ଚିଗଲେ, କିନ୍ତୁ ନିଜର ଘରଦ୍ୱାର ହରାଇଲେ, କିଛି ଦିନ ପାଖ ଗ୍ରାମର କାହା ଘର ପିଣ୍ଡାରେ କିମ୍ବା ଏକ ପହ୍ଲା କରି ରହିଲେ। ତା'ପରେ ନୂଆ ଛୋଟ ଗାଁ ପ୍ରତିଷ୍ଠା କରି ବସବାସ କଲେ।

ଆମେ ଶିଳ୍ପ, ରାସ୍ତା, ରେଳଲାଇନ, ପ୍ରତିରୋଧ ନଦୀବନ୍ଧ ବା ଡ୍ୟାମ୍ ଓ ଅନ୍ୟାନ୍ୟ ଯୋଜନା ପାଇଁ ପରିବାରଗୁଡ଼ିକ ବିସ୍ଥାପିତ ଓ ବାସଚ୍ୟୁତ ହେବା ବିଷୟ ଜାଣିଥିଲୁ। ନଦୀର ଜଳପ୍ରବାହ ପ୍ରତିରୋଧ ପାଇଁ ନିର୍ମିତ ବଡ଼ ନଦୀବନ୍ଧ ଲାଗି ବାସଗୃହ, ଚାଷଜମି ଓ ଜଙ୍ଗଲ ସବୁ ଜଳମଗ୍ନ ହେଉଥିଲା। ଏହା ଥିଲା ମନୁଷ୍ୟକୃତ। କିନ୍ତୁ କେନ୍ଦ୍ରାପଡ଼ା ଜିଲାର ସାତଭାୟାରେ ବିସ୍ଥାପିତ ପରିବାରଙ୍କର ବାସଚ୍ୟୁତ, ଜଙ୍ଗଲ ଓ ଚାଷଜମି ଜଳମଗ୍ନ ଘଟଣାକୁ ମନୁଷ୍ୟକୃତ ବୋଲି ଧରା ନ ଯାଇ ଏହା କେବଳ ପ୍ରାକୃତିକ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଘଟିଛି ବୋଲି ଧାରଣା ହେଉଛି। ଗବେଷଣାର ଅନୁସନ୍ଧାନ ବେଳେ ଆମେ ଜାଣିବାକୁ ପାଇଲୁ ଯେ, ପ୍ରାୟ ସବୁ ବିସ୍ଥାପିତ ପରିବାରଙ୍କ ମତରେ ତାଙ୍କ ଗ୍ରାମ ବୁଡ଼ିଯିବାର ମୁଖ୍ୟ କାରଣ ହେଲା, ପାରାଦୀପ ବନ୍ଦର। ସମୁଦ୍ର ବିଜ୍ଞାନ ବିଶାରଦ ପ୍ରଫେସର କେ. ନାଗେଶ୍ୱର ରାଓଙ୍କ ମତରେ ମଧ୍ୟ ପାରାଦୀପ ବନ୍ଦର ପାଇଁ ୧୯୬୦ ଦଶକରୁ ସାତଭାୟାରେ ସମୁଦ୍ରକୂଳର ଅବକ୍ଷୟ ଦେଖା ଦେଇଛି। ବନ୍ଦର ପାଇଁ ଝାଉଁ ଓ ମାଙ୍ଗ୍ରୋଭ ଜଙ୍ଗଲ ଏବଂ ବାଲିକୁଦକୁ ନଷ୍ଟ କରାଯାଇଛି, ଯାହାଫଳରେ ସମୁଦ୍ରତଟର ବଡ଼ ବଡ଼ ଜୁଆରକୁ ରୋକିବା ଶକ୍ତି ଦୁର୍ବଳ ହୋଇଯାଇଛି ଓ ଅତଡ଼ା ଖାଇବାକୁ ଲାଗିଛି। ବନ୍ଦରକୁ ସୁରକ୍ଷା ପ୍ରଦାନ କରିବା ପାଇଁ ସମୁଦ୍ର କାନ୍ଥ ଓ ସ୍ପର ନିର୍ମାଣ କରାଯାଇଛି। ଏଥିପାଇଁ ଜଳସ୍ରୋତ ଓ ଉଚ୍ଚ ଜୁଆର ସାତଭାୟା ଆଡ଼କୁ ଗତିକରି ସେଠାରେ ସମୁଦ୍ର ତୀରରେ ପିଟି ହେଉଛି। ବନ୍ଦରର ନିୟମିତ ପ୍ରତିପାଳନ ସଫେଇ ମଧ୍ୟ ସମୁଦ୍ରତଟ ଗତିଶୀଳ ଖାଦ ସନ୍ତୁଳନ ଅବସ୍ଥାକୁ ବାଧା ଦେଉଛି। ଏହିସବୁ କାରଣ ଓ ଘଟଣା ପାଇଁ ଆଖପାଖର ବେଳାଭୂମିଗୁଡ଼ିକର ଅବକ୍ଷୟ ହେଉଛି। ବିଶେଷଜ୍ଞଙ୍କ ମତରେ ମହାନଦୀ ଓ ବ୍ରାହ୍ମଣୀରେ ଯଥାକ୍ରମେ ହୀରାକୁଦ ଓ ରେଙ୍ଗାଲିରେ ବଡ଼ ପ୍ରତିରୋଧ ନଦୀବନ୍ଧ(ଡ୍ୟାମ୍) ହେବା ଦ୍ୱାରା ମୁଖ୍ୟନଦୀ ଓ ସେମାନଙ୍କର ଶାଖାନଦୀ ମୁହାଣକୁ ଆସୁଥିବା ପଟୁମାଟି ଆଉ ଆସୁନାହିଁ। ଯାହାଦ୍ୱାରା ସାତଭାୟା ନିକଟରେ ସମୁଦ୍ରକୂଳରେ ପଟୁମାଟି ସହ ଖାଦର ସ୍ୱାଭାବିକ ଭାବରେ ଅଭିବୃଦ୍ଧି କମିଯାଉଛି। ତେଣୁ ସେଠାରେ ସାଗରବେଳାର ଅବକ୍ଷୟ ବଢୁଛି। ସମୁଦ୍ର କୂଳଖାଇ ଗ୍ରାମଗୁଡ଼ିକ ବୁଡ଼ିଯାଉଛି।

ସମୁଦ୍ରତଟର ଅବକ୍ଷୟ ବିଷୟରେ ବୈଜ୍ଞାନିକ ଓ ଭୂଗୋଳଶାସ୍ତ୍ର ବିଶାରଦମାନେ ଅଧିକ ଗବେଷଣା କରିବା ଆବଶ୍ୟକ। ଅଧିକାଂଶ ବାସଚ୍ୟୁତ ପରିବାର ନିଜ ଚେଷ୍ଟାରେ ପ୍ରତିଷ୍ଠିତ ପାଞ୍ଚଟି ଛୋଟ ଗାଁରେ ବସବାସ କରୁଥିଲେ ମଧ୍ୟ ତାଙ୍କ ଭିତରେ ଭୟ ରହିଲା ଯେ, ତାଙ୍କ ପ୍ରତିଷ୍ଠିତ ଛୋଟ ଗାଁଗୁଡ଼ିକ ମଧ୍ୟ ସମୁଦ୍ରରେ ଭବିଷ୍ୟତରେ ଲୀନ ହୋଇଯାଇପାରେ। ତେଣୁ ଏହି ବିସ୍ଥାପିତ ପରିବାରବର୍ଗଙ୍କ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ସାତଭାୟାଠାରୁ ୧୦କି.ମି. ଦୂରରେ ବଗପାଟିଆରେ ଏକ ପୁନଃବସତି କଲୋନି ନିର୍ମାଣ କରାଯାଇଛି। ବାସଚ୍ୟୁତ ପରିବାର ସେଠାରେ ବସବାସ ଆରମ୍ଭ କଲେଣି। କିନ୍ତୁ ବାସଚ୍ୟୁତ ପରିବାରଗୁଡ଼ିକ ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଛୋଟ ଗାଁ ଭଳି ଏହି ପୁନଃବସତି କଲୋନିରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

**ମୋ: ୯୪୩୭୦୪୮୪୯୬**

## ଏଇ ଭାରତରେ

ବ୍ୟାପକ ଜଙ୍ଗଲ ଧ୍ୱଂସ ଜଳବାୟୁ ପରିବର୍ତ୍ତନର କାରଣ ପାଲଟୁଛି। ଏହାଯୋଗୁ ପୃଥିବୀ ଭୀଷଣ ଭାବେ ପ୍ରଭାବିତ ହେବାରେ ଲାଗିଛି। ଏହାକୁ ଉପଲବ୍ଧି କରି କିଛି ବ୍ୟକ୍ତି ପରିବେଶ ସୁରକ୍ଷା ଚିନ୍ତା କରୁଛନ୍ତି ଓ ଏମାନଙ୍କ ମଧ୍ୟରେ କେରଳର ଅବଦୁଲ କରିମ୍ ଅନ୍ୟତମ। ସେ ଏକୁଟିଆ ୨୭ ଏକର ଜମିରେ ଜଙ୍ଗଲ ସୃଷ୍ଟି କରିଛନ୍ତି। ମୋଟରେ ଏହି ଜଙ୍ଗଲରେ ସେ ୫,୦୦୦ ଗଛ ବଢ଼ାଇପାରିଛନ୍ତି। ଅବଦୁଲଙ୍କ ବୟସ ୭୪। କସାରଗଡ଼ର ଏହି ବ୍ୟକ୍ତିଙ୍କ ନିଜସ୍ୱ ଉଦ୍ୟମରେ କିଛି ଦଶନ୍ଧି ମଧ୍ୟରେ ଏହି ଜଙ୍ଗଲ ସମ୍ଭବ ହୋଇଛି। ଏବେ ଜଙ୍ଗଲରେ ବିଭିନ୍ନ ପ୍ରଜାତିର ପକ୍ଷୀ, ବଣୁଆ ଜୀବ ଏବଂ ଔଷଧୀୟ ବୃକ୍ଷ ଦେଖିବାକୁ ମିଳୁଛି। ୭୦ ଦଶକରେ ଅବଦୁଲ ଗଲ୍ଫରେ କାମ କରୁଥିଲେ। ୟୁଏଇର ସଂସ୍ଥାପକ ଶେଖ୍ ଜୟିଦ ବିନ୍ ସୁଲତାନ ଅଲ୍ ନହ୍ୟାନ ମରୁଭୂମିକୁ ସବୁଜ କରିବା ଲାଗି ଯୋଜନା କରି ସଫଳ ହୋଇଥିଲେ ଓ ଏହି କାର୍ଯ୍ୟ କରିମ୍‌ଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଗଲ୍ଫରୁ ୧୯୭୭ରେ ସେ ଘରକୁ ଫେରିବା ପରେ ୫ ଏକର ଜମି କିଣି ବୃକ୍ଷରୋପଣ ଆରମ୍ଭ କରିଥିଲେ। ଧୀରେ ଧୀରେ ଅଧିକ ଜମି କିଣି ମୋଟରେ ୨୭ ଏକରକୁ ଜଙ୍ଗଲ କରି ତାଙ୍କ ସ୍ୱପ୍ନ ପୂରଣ କରିବା ସହ ପରିବେଶ ସୁରକ୍ଷାରେ ନିଜକୁ ନିୟୋଜିତ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨୦ ଜାନୁୟାରୀ ୧୯୯୭

- ପାକିସ୍ତାନ ପକ୍ଷରୁ କେତେକ ଅସ୍ତ୍ରଶସ୍ତ୍ରଧାରୀ ଲୋକଙ୍କୁ କାଶ୍ମୀର ଉପତ୍ୟକାକୁ ଅନୁପ୍ରବେଶ କରାଇବା ବେଳେ ସଂଘର୍ଷ ଘଟି ୨୪ ନିହତ।
- ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ ବିଶ୍ୱମୋହନ ଭଟ୍ଟ ବିଶ୍ୱପ୍ରସିଦ୍ଧ 'ଗ୍ରାମି' ପୁରସ୍କାର ପାଇଁ ମନୋନୀତ।
- କପୁରଥାଲା ଜିଲାର ହୁସେନପୁର–ତିବ୍ରା ରାସ୍ତାର ଭୁଲାନୀ ଗ୍ରାମ ନିକଟରେ ଏକ ମିନିବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୨ ବରଯାତ୍ରୀ ମୃତ।
- କଲିକତା ସହରତଳି ଅଞ୍ଚଳରେ ଥିବା ବହୁତଳ ବିଶିଷ୍ଟ ଅଫିସ ବିଲ୍ଡିଂ 'ଏଭରେଷ୍ଟ ହାଉସ'ରେ ଅଗ୍ନିକାଣ୍ଡ ଘଟି ୨୦ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 3 | | | | | | | 2 | |
| | | 8 | 9 | | | 4 | | |
| | 9 | | | 4 | | | | |
| 1 | | 5 | | 8 | | | 3 | |
| | 2 | | | | | | 7 | 6 |
| 7 | 4 | | | 9 | | | | 5 |
| | | | 5 | | | | | |
| | 7 | | | | 6 | | | |
| | | | | | 7 | 6 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 5 | 8 | 9 | 2 | 7 | 3 | 1 |
| 2 | 1 | 8 | 5 | 7 | 3 | 9 | 6 | 4 |
| 3 | 9 | 7 | 6 | 4 | 1 | 5 | 2 | 8 |
| 7 | 6 | 4 | 3 | 8 | 5 | 2 | 1 | 9 |
| 8 | 5 | 2 | 1 | 6 | 9 | 3 | 4 | 7 |
| 9 | 3 | 1 | 4 | 2 | 7 | 8 | 5 | 6 |
| 4 | 2 | 6 | 7 | 3 | 8 | 1 | 9 | 5 |
| 1 | 8 | 9 | 2 | 5 | 6 | 4 | 7 | 3 |
| 5 | 7 | 3 | 9 | 1 | 4 | 6 | 8 | 2 |

ଗତକାଲିର ଉତ୍ତର

# ଜାତୀୟ ମାନ୍ୟତା ବନାମ ପାଇକ ବିଦ୍ରୋହ



ବିପିନ ବିହାରୀ ମହାନ୍ତି

୧୮୫୭ ମାର୍ଚ୍ଚ ୨୯ରେ ଇଂରେଜମାନଙ୍କ ବିରୋଧରେ ଏକ ବିଦ୍ରୋହ ଅଗ୍ନିର ମହାବିସ୍ଫୋରଣ ହେଲା, ଯାହାକୁ ଇଂରେଜ ଐତିହାସିକମାନେ 'ସିପାହୀ ବିଦ୍ରୋହ' ନାମରେ ନାମିତ କରିଛନ୍ତି। କିନ୍ତୁ ପ୍ରକୃତପକ୍ଷେ ଏଥିରେ ଭାରତର ସିପାହୀମାନେ ନେତୃତ୍ୱ ଗ୍ରହଣ କରି ନ ଥିଲେ। ତାଙ୍କର ମଧ୍ୟ କେହି ଖ୍ୟାତନାମା ସିପାହୀ ବିଦ୍ରୋହ କରି ନ ଥିଲେ। ଝାନ୍ସୀର ରାଣୀ ଲକ୍ଷ୍ମୀବାଈ, ଦିଲ୍ଲୀର ନାମମାତ୍ର ସମ୍ରାଟ୍ ବାହାଦୂର ଶାହ, ମରହଟ୍ଟା ନେତା ଦାଦା ସାହେବ ଓ ତାନ୍ତିଆ ଟୋପେ ପ୍ରମୁଖ ଏ ସଂଗ୍ରାମ ପରିଚାଳନା କରି ନ ଥିଲେ କି ସେମାନେ ବି ସିପାହୀ ନଥିଲେ। ଏତଦ୍‌ଭିନ୍ନ ଏଥିରେ ସିପାହୀ ଯେତିକି ସଂଖ୍ୟକ ଯୋଗ ଦେଇନଥିଲେ, ତା'ଠାରୁ ଅଧିକ ଦେଶବାସୀ ଓ ସାଧାରଣ ଲୋକ ଯୋଗ ଦେଇଥିଲେ। ଏଣୁ ଯଥାର୍ଥରେ କେବଳ ସିପାହୀ ବିଦ୍ରୋହ ନଥିଲା। ବରଂ ଇଂରେଜ ବିରୋଧରେ ଏହାକୁ ଭାରତୀୟମାନଙ୍କର ମହାସଂଗ୍ରାମର ଅୟମାରମ୍ଭ କୁହାଯାଇପାରିଥା'ନ୍ତା। ଅଥଚ ସେ କାଳର ବିଖ୍ୟାତ ଇଂରେଜ ଶାସନକର୍ତ୍ତା ସାର୍ ଜନ୍ ଲରେନ୍ସ ଏବଂ ବିଶିଷ୍ଟ ଐତିହାସିକ ସାର୍ ଜନ୍ ଉଇଲିୟମ୍ କେ' ଏ ବିଦ୍ରୋହକୁ ଯଥାକ୍ରମେ 'ସିପାହୀ ବିଦ୍ରୋହ' ଓ 'ସିପାହୀ ଯୁଦ୍ଧ' ବୋଲି ନାମିତ କରିଛନ୍ତି। ସେମାନେ କେବେହେଲେ ଏହାକୁ ଭାରତୀୟ ମୁକ୍ତିସଂଗ୍ରାମର ପ୍ରଥମ ପାହାଚ ବୋଲି ଉଲ୍ଲେଖ କରିନାହାନ୍ତି। ତାଙ୍କର ଏ ମତକୁ ଅନ୍ୟାନ୍ୟ ଇଂରେଜ ଐତିହାସିକମାନେ ମଧ୍ୟ ଗ୍ରହଣ କରି ନେଇଛନ୍ତି।

ଭାରତର କେତେକ ଜାତୀୟବାଦୀ ଐତିହାସିକ ଏହି ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଅଭିହିତ କରନ୍ତି। ଏହା ସ୍ୱାଧୀନତାର ଯୁଦ୍ଧ ନ ଥିଲା। ବିଦ୍ରୋହର ନେତାମାନଙ୍କର ବ୍ୟକ୍ତିଗତ କ୍ରୋଧଥିଲା ସେମାନଙ୍କର ବିଦ୍ରୋହର କାରଣ, ଜାତୀୟ ଜାଗରଣ ନୁହେଁ। ଏ ସଂଗ୍ରାମ ଆକସ୍ମିକ ଥିଲା ଏବଂ ଆକସ୍ମିକ ଭାବେ ଚାଲିଗଲା। ଏହା କ୍ଷଣିକ ଥିଲେ ବି ବ୍ରିଟିଶ୍ ବିରୋଧରେ ଏକ ମହାସଂଗ୍ରାମ ବୋଲି କହିପାରିବା। କିନ୍ତୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି କହିପାରିବା ନାହିଁ। ତଥାକଥିତ ଏହି ୧୮୫୭ର ସିପାହୀ ବିଦ୍ରୋହ ପୂର୍ବରୁ ୧୮୧୭ରେ ହୋଇଥିଲା ଓଡ଼ିଶାର ପାଇକ ବିଦ୍ରୋହ। ଏହି ସଂଗ୍ରାମର ନେତୃତ୍ୱ ନେଇଥିଲେ ଖୋର୍ଦ୍ଧା ରାଜାଙ୍କର ବକ୍ସି (ସେନାପତି) ଜଗବନ୍ଧୁ ବିଦ୍ୟାଧର ମହାପାତ୍ର। ଏହାର ପରିବ୍ୟାପ୍ତ ଥିଲା ମୋଗଲବନ୍ଦୀ ଉପକୂଳ ଅଞ୍ଚଳରୁ କୁଜଙ୍ଗଠାରୁ ସୁଦୂର ଗଞ୍ଜାମ ସହ ଆଠଗଡ଼, ରେଢ଼ାଖୋଲ ଓ ସୁଦୂର ଘୁମୁସର ପର୍ଯ୍ୟନ୍ତ। ତେବେ ଇଂରେଜ ବିରୋଧରେ ବିରୁଦ୍ଧାଚରଣ କରିବାର କିଛି କାରଣ ବି ଥିଲା।

ପ୍ରଥମତଃ : ପୂର୍ବେ ଓଡ଼ିଶାର ରାଜାମାନେ ପାଇକମାନଙ୍କୁ ନିଜର ଜମି ଭୋଗ କରିବା ପାଇଁ ଦେଇଥିଲେ। ପାଇକ ଦଳପତିମାନଙ୍କର ଜାଗିର ଥିଲା। ସ୍ୱାଧୀନତା ହରାଇବା ପରେ ପାଇକମାନେ ଏଥିରୁ ବଞ୍ଚିତ ହୋଇଗଲେ। ସେମାନେ ରାଜାମାନଙ୍କ ପାଇକ (ସୈନିକ) ଓ ନିଜ ବୃତ୍ତି ପାଇଁ କୃଷକ ଥିଲେ। ଏହାଦ୍ୱାରା ତାଙ୍କ ବୃତ୍ତି ଓ ରାଜା ପ୍ରଦତ୍ତ ନିଷ୍କର ଜମି ବି ଗଲା। ଦ୍ୱିତୀୟତଃ : ବ୍ରିଟିଶ୍ ସରକାରଙ୍କର ଭୂ–ରାଜସ୍ୱ ନୀତି ଯୋଗୁଁ ଓଡ଼ିଶା କୃଷକଙ୍କ ମଧ୍ୟରେ ହାହାକାର ପଡ଼ିଯାଇଥିଲା ଏବଂ ନିଜସ୍ୱ ଆୟ ବୃଦ୍ଧି ପାଇଁ ଇଂରେଜ ସରକାର ବାରମ୍ବାର ବନ୍ଦୋବସ୍ତ କରାଇ କର ବୃଦ୍ଧି କରୁଥିଲେ। ତୃତୀୟତଃ : ଓଡ଼ିଶାର ପୁରାତନ ଜମିଦାର ବଂଶଗୁଡ଼ିକ ବ୍ରିଟିଶ୍ ରାଜସ୍ୱ ନୀତି ବଳରେ ଲୋପ ପାଇବାକୁ ବସିଲେ। ଏମିତିକି ଯେଉଁ ଜମିଦାରମାନେ ରାଜସ୍ୱ ଦେଇ ପାରୁନଥିଲେ, ତାଙ୍କ ଜମିଜମାକୁ କଲିକତାଠାରେ ନିଲାମ କରିଦେଉଥିଲେ। ଚତୁର୍ଥତଃ: ବ୍ରିଟିଶ୍‌ରାଜ ପୂର୍ବରୁ ଓଡ଼ିଶାର ଉପକୂଳବାସୀମାନେ ଲୁଣମାରି ବିକି ପେଟ ପୋଷୁଥିଲେ। ବ୍ରିଟିଶ୍ ସରକାର ତାଙ୍କର ବୃତ୍ତି ବନ୍ଦ କରିଦେଲେ। ପଞ୍ଚମତଃ : ଇଂରେଜ ଶାସନକୁ ଯିବା ପୂର୍ବରୁ ଓଡ଼ିଶାର ପ୍ରଜାମାନେ ରାଜା ଓ ଜମିଦାରମାନଙ୍କୁ ଶସ୍ୟ ଓ ଜିନିଆକର ରାଜସ୍ୱ ପ୍ରଦାନ କରୁଥିଲେ। ଇଂରେଜ ସରକାର ମୁଦ୍ରା ପ୍ରଚଳନ ଫଳରେ ସେମାନେ କଉଡ଼ି ଓ ଶସ୍ୟ ପରିବର୍ତ୍ତେ ଟଙ୍କା ଆକାରରେ ଖଜଣା ଦାବି କଲେ। ଏଥିରେ କୃଷକମାନେ ଅସୁବିଧାରେ ପଡ଼ିଲେ ଓ ତାଙ୍କର କ୍ଷତି ହେଲା। ଷଷ୍ଠତଃ : ଉପରୋକ୍ତ କାରଣଗୁଡ଼ିକ ନେଇ ଗଭୀର ଜନ ଅସନ୍ତୋଷ ବଢ଼ି ଯାଇଥିଲା ବେଳେ ସେମାନଙ୍କ ବିଦ୍ରୋହର ନେତୃତ୍ୱ ନେବା ପାଇଁ ଜଣେ ନେତା ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ, ଯିଏକି ଖୋର୍ଦ୍ଧା ରାଜାଙ୍କର ସେନାନାୟକ ଆବିର୍ଭାବ ହେଲେ। ସପ୍ତମତଃ : ଖୋର୍ଦ୍ଧାଠାରେ ବକ୍ସି ଜଗବନ୍ଧୁ ପାଇକ ବିଦ୍ରୋହ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଗଞ୍ଜାମ ଅଞ୍ଚଳରେ ବିଶେଷତଃ ଘୁମୁସର ଇଲାକାର କନ୍ଧମାନେ ହଠାତ୍ ବିଦ୍ରୋହ ଘୋଷଣା କରି ଇଂରେଜ ସରକାରଙ୍କ ବିରୋଧରେ ଅସ୍ତ୍ର ଧାରଣ କଲେ ଏବଂ ସେଠାରୁ ୪୦୦ କନ୍ଧ ସଂଗ୍ରାମୀ ଖୋର୍ଦ୍ଧା ଆସି ପାଇକମାନଙ୍କ ସହ ସାମିଲ ହେଲେ।

ବାଣପୁରରୁ ଆରମ୍ଭ ହେଲା ଏକ ଆନ୍ଦୋଳନ। ତା'ପରେ ଚିଲିକା କୂଳରେ ଲୁଣ୍ଠନ ହେଲା ସରକାରୀ ଲୁଣ ଗୋଦାମ। ପରେ ପରେ ଥରାଇଲା ଖୋର୍ଦ୍ଧା। ଅନୁରୂପ ଦମନକାରୀମାନେ ଦଖଲ କଲେ ସମଗ୍ର ସହର ଓ ରାଜକୋଷ ଲୁଣ୍ଠନ କଲେ। କ୍ରମଶଃ ପିପିଲି ଓ ପୁରୀ ବିଦ୍ରୋହର ତରିକା ଏକ। ଠିକ୍ ଏତିକିବେଳେ ପୁରୀର ରାଜା ୨ୟ ମୁକୁନ୍ଦଦେବ ପାଇକମାନଙ୍କ ସହ ଏ ବିଦ୍ରୋହରେ ଯୋଗ ଦେଲେ। ଏଥିଅନ୍ତେ କଟକର ସାରଙ୍ଗଗଡ଼। ସଂଗ୍ରାମ ବ୍ୟାପକ ହେଲା। କନିକା ଓ କୁଜଙ୍ଗ ରାଜାମାନେ ଖୋର୍ଦ୍ଧା ପାଇକଙ୍କୁ ସାହାଯ୍ୟ କଲେ। ସେଠି ମଧ୍ୟ ବିଦ୍ରୋହ ପ୍ରବଳ ହେଲା। ସରକାର ତାଙ୍କ ଦମନଲୀଳା ଚଳାଇଥା'ନ୍ତି। ସବୁ ସତ୍ତ୍ୱେ ପୁରୀ ରାଜା ବନ୍ଦୀ ହେଲେ। ବକ୍ସି ଜଗବନ୍ଧୁ କିଛିଦିନ ଆତ୍ମଗୋପନ ପରେ ୧୮୨୫ରେ ବନ୍ଦୀ ହେଲେ। ୧୮୨୯ ରେ ତାଙ୍କର ମୃତ୍ୟୁ ହେଲା। ଏ ସଂଗ୍ରାମ ୧୮୫୭ ମସିହା ସଂଗ୍ରାମ ପରି ହଠାତ୍ ଏବଂ କ୍ଷଣିକ ନଥିଲା। ଏ ସଂଗ୍ରାମ ଆରମ୍ଭ ହେଲା ୧୮୧୭ରେ ଏବଂ ସରିଲା ୧୮୨୫ରେ।

୧୮୧୭ର ସଂଗ୍ରାମ ସଂପୂର୍ଣ୍ଣ ଭାବରେ ଥିଲା ଜାତୀୟ ପ୍ରେମର ବହ୍ନି, ଯେଉଁଥିରେ ଆମର ନେତା ଜୟୀ ରାଜଗୁରୁ (ପ୍ରଥମ ଶହୀଦ), ସଚ୍ଚିଦାନନ୍ଦ ପଟ୍ଟନାୟକ, ଗୋପାଳ ଛୋଟରାୟ, ବିଷ୍ଣୁ ପାଇକରାୟ, ରାମ ସେଠୀ, ନାଥୁ ପ୍ରଧାନ, ନରସିଂହ, ପିଣ୍ଡିକ ବାହୁବଳେନ୍ଦ୍ର ଏବଂ ପର୍ଶୁରାମ ରାଉତରାୟ ପ୍ରମୁଖ ପାଇକ ଏବଂ ଆହୁରି ଅନେକ ଆତ୍ମବଳି ଦେଇଛନ୍ତି। ଏ ସଂଗ୍ରାମ ଖାଲି ଖୋର୍ଦ୍ଧା କି ଓଡ଼ିଶା ନୁହେଁ, ପରିବ୍ୟାପ୍ତ ଅଞ୍ଚଳଯାଏଁ ନୂତନ ଜାତୀୟତାବାଦୀ, ସ୍ୱାଧୀନତାର ଚେତନା ଓ ବ୍ରିଟିଶ୍ ବିରୋଧାତ୍ମକ ଭାବଧାରା ସୃଷ୍ଟି କରିଥିଲା, ଯାହାକି ୧୮୫୭ରେ ନ ଥିଲା। ଏହା ବିସ୍ତୃତ ଥିଲାବେଳେ ତାହା ଥିଲା ସଂକୁଚିତ। ଏହା ଦୀର୍ଘସ୍ଥାୟୀ ବେଳେ ତାହା ଥିଲା କ୍ଷଣସ୍ଥାୟୀ। ଅବଶ୍ୟ ଯୁଦ୍ଧର କାରଣଗୁଡ଼ିକ ପ୍ରାୟତଃ ଏକ; କିନ୍ତୁ ଉଦ୍ଦେଶ୍ୟ ଭିନ୍ନ। ଉପରୋକ୍ତ କାରଣଗୁଡ଼ିକ ବିଚାରକଲେ ଅବଶ୍ୟ ସେତେବେଳେ ଏହାର ଗୁରୁତ୍ୱ କେହି ବୁଝି ନ ଥିଲେ। ୧୮୧୭ ମସିହା ପାଇକ ବିଦ୍ରୋହର ଦୀର୍ଘ ୨୦୦ ବର୍ଷ ପରେ ଖାଲି ଓଡ଼ିଶା ନୁହେଁ, ଜାତୀୟ ସ୍ତରରେ ଏହାକୁ ସମସ୍ତେ ଉପଲବ୍ଧି କଲେ। ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ମୋଦି ଏବଂ ବର୍ତ୍ତମାନର ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଯିଏକି ବରୁଣେଇ ତଳେ ପାଇକ ସ୍ମୃତିର ଶିଳାନ୍ୟାସ କରିଛନ୍ତି, ସେମାନେ ଏହାକୁ ଜାତୀୟ ମାନ୍ୟତା ''ସ୍ୱାଧୀନତା ସଂଗ୍ରାମର ପ୍ରଥମ ପାହାଚ ୧୮୧୭'' ବୋଲି ଏକପ୍ରକାର ସ୍ୱୀକୃତି ଦେଇସାରିଛନ୍ତି ଏବଂ ଯାହା ଏକ ସକାରାତ୍ମକ ମତ ଓ ସଂସଦରେ ଗୃହୀତ ହେବା କଥା। ଅଥଚ ସେଠି ବର୍ତ୍ତମାନର କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କ୍ରିଷ୍ଣା ରେଡ୍ଡୀ ନକାରାତ୍ମକ ମତ ଦେଇଛନ୍ତି। ଇତିହାସରୁ ଦୁଇଟିଯାକ ସଂଗ୍ରାମର ତୁଳନାତ୍ମକ ବିଚାର କରାଯାଉ ଏବଂ ମତ ରଖାଯାଉ ଯେ ପ୍ରକୃତରେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ସ୍ମାରକୀ କିଏ ?

**ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ,**
**ବିପିନ ବିହାରୀ ପାଠାଗାର, ଜଟଣୀ, ଖୋର୍ଦ୍ଧା**
**ମୋ: ୯୯୩୮୩୪୧୩୮**

## ପାଠକ ଶ୍ରେଷ୍ଠ ବିଚାରକ

### ବିପର୍ଯ୍ୟସ୍ତ ମଣ୍ଡି ବ୍ୟବସ୍ଥା

ମହାଶୟ,

ପୁରୀ ଜିଲାରେ ମଣ୍ଡି ଖୋଲିବା ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ଚାଷୀ ଚିନ୍ତାରେ ପଡ଼ିଥିବା ବେଳେ ଦଲାଲଙ୍କ ରାଜ କହିଲେ ନ ସରେ। 'ଜୱାଦ୍' କୋହଲା ପାଗ ଏବଂ ବର୍ଷା ଯୋଗୁ ଅମଳ ହୋଇଥିବା ଧାନର ଏଫ୍‌କୋ ମାନ ହାରାହାରି ୨୦ ଉପରେ ରହିଛି। ପୁରୀ ଜିଲାର ସତ୍ୟବାଦୀ, ଗୋପ, ବ୍ରହ୍ମଗିରି, ନିମାପଡ଼ା, ଡେଲାଙ୍ଗ, ପିପିଲି ସମେତ ଅଧିକାଂଶ ବ୍ଲକରେ ଗତବର୍ଷଠାରୁ ଖରିଫଧାନ କିଣାରେ ଅବ୍ୟବସ୍ଥା ଚରମସୀମାରେ ପହଞ୍ଚିଛି। ସ୍ଥିତି ଏଭଳି ଯେ ମିଲ୍‌ର ଏଜେଣ୍ଟମାନେ ଗତ କିଛିଦିନ ହେବ ଗାଁ ଗାଁ ବୁଲି କୁଇଣ୍ଟାଲ ପିଛା ଧାନ ୧୧୦୦ ଟଙ୍କାରୁ ୧୩୦୦ ଟଙ୍କା ଭିତରେ ଧାନଚାଷୀଙ୍କଠାରୁ ସିଧାସଳଖ କିଣିବାକୁ ଜାଲ ବିଛାଇଛନ୍ତି। ସତ୍ୟବାଦୀ ବ୍ଲକରେ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟିର ଚାଲବାଜୀ ଯୋଗୁ ଚାଷୀମାନେ ଶୋଷଣର ଶିକାର ହେଉଛନ୍ତି। 'ଜୱାଦ୍' ବାତ୍ୟାପରେ ଧାନ ବିକ୍ରି ଭଳି ଚାଷୀଙ୍କ ମୂଳ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଧାନବିକ୍ରି ପ୍ରକ୍ରିୟାରେ ଯେତେ ସଂସ୍ଥାରୁ ଧାନ ଆଣିବାକୁ ସରକାର ଏବଂ ପ୍ରଶାସନ ଚେଷ୍ଟା କଲେ ବି ମିଲର୍ସମାନେ ଖାତିର ନ କରିବା ଚାଷୀମାନଙ୍କ ଆର୍ଥିକ ସମସ୍ୟାରେ ପ୍ରବନ୍ଧକ ସାଜିଛି। ପୁରୀ ଜିଲାର ସତ୍ୟବାଦୀ ସମେତ ଅଧିକାଂଶ ବ୍ଲକର ଜଣାଶୁଣା ଚାଷୀଙ୍କୁ ବାଦ୍ ଦେଲେ ଅଗଣିତ ଚାଷୀ ମିଲର୍ସ ହାବୁଡ଼ରେ ପଡ଼ି ସ୍ୱଳ୍ପ ଦରରେ ଧାନ ଟେକି ଦେଉଛନ୍ତି। ପୁରୀ ଜିଲାରେ ଧାନ ଶୁଖାଇବାକୁ କିଛି ବନ୍ଦୋବସ୍ତ ନ ଥିବାରୁ ଚାଷୀମାନେ ବାଧହୋଇ ମିଲ୍‌କୁ ଧାନ ନେଉଛନ୍ତି। ମାନସିକ ସ୍ତରରେ ଚାଷୀ ନାକେଦମ, ମିଲର୍ସ, ଦଲାଲ୍ ମାଲାମାଲ।

**–ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହେ ପୁରୁଷ, ଭୁବନର ଗୌରବ, ପାଳକ,
ସୁନ୍ଦର, ସୁଭଗ ମମ ନୟନର ଜ୍ୟୋତି,
ତୋହରି ନିର୍ଦ୍ଦେଶେ ମୁଁ ଯେ ଚଳେଁ ମଥା ପୋତି
ତୋର ବିନୁ ଅନ୍ଧୁଣୀ ମୁଁ, ଜୀବନ–ଚାଳକ !
–(ପୁରୁଷ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ପୂର୍ବତନ ମନ୍ତ୍ରୀଙ୍କ ସ୍ତ୍ରୀ ଜିଲା ପରିଷଦ ପ୍ରାର୍ଥୀ


ସୁବାସିନୀ ନାଏକ

**ବାରିପଦା ଅଫିସ,୧୯।୧:** ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ୨୩ନଂ. ଜୋନ୍‌ରୁ ଜିଲା ପରିଷଦ ପ୍ରାର୍ଥୀ ଭାବେ ପୂର୍ବତନ ମନ୍ତ୍ରୀ ଗୋଲକ ନାଏକଙ୍କ ସ୍ତ୍ରୀ ସୁବାସିନୀ ବୁଧବାର ବିଜେଡି ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ୨୦୦୦ ଓ ୨୦୦୪ରେ ଖୁଣ୍ଟା ନିର୍ବାଚନ ମଣ୍ଡଳୀରୁ ଭାଜପା ଟିକେଟରେ ବିଧାୟକ ନିର୍ବାଚିତ ହୋଇ ଭାଜପା-ବିଜେଡି ମେଣ୍ଟ ସରକାରରେ ଗୋଲକ ମନ୍ତ୍ରୀ ରହିଥିଲେ। ପରେ ୨୦୧୪ରେ ସେ ବିଜେଡିରେ ଯୋଗଦେଇ ଉଦଳା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହେବା ପରେ ଜିଲା ଯୋଜନା ବୋର୍ଡର ଅଧକ୍ଷ ଦାୟିତ୍ୱ ସଫଳତାର ସହ ତୁଲାଇଥିଲେ। ତେବେ ଅସୁସ୍ଥତା କାରଣରୁ ଏବେ ସେ ରାଜନୀତିଠାରୁ ଦୂରେଇ ରହିଥିଲା ବେଳେ ତାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ସ୍ତ୍ରୀ ସୁବାସିନୀ ରାଜନୀତି ମୈଦାନକୁ ଓହ୍ଲାଇଛନ୍ତି। ଶିକ୍ଷୟିତ୍ରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ସେ ନିର୍ବାଚନ ମଣ୍ଡଳୀ ଜନସାଧାରଣଙ୍କ ସୁଖ ଦୁଃଖର ସାଥୀ ହେବା ପାଇଁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା କହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ସରକାରୀ ହୋର୍ଡିଂ, ବ୍ୟାନର ହଟାଇବାକୁ ଦାବି କଲା ଭାଜପା

**ଭୁବନେଶ୍ୱର,୧୯।୧(ବ୍ୟୁରୋ):** ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ଆଇନ ସମସ୍ତଙ୍କ ପାଇଁ ସମାନ ଏବଂ ନିର୍ବାଚନ ପରିପ୍ରେକ୍ଷୀରେ ଏହାର ତଦାରଖ କରି ବିହୀତ ପଦକ୍ଷେପ ନେବା ରାଜ୍ୟ ନିର୍ବାଚନ କମିଶନଙ୍କର ଦାୟୀତ୍ୱ। ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ସମସ୍ତ ସରକାରୀ କାର୍ଯ୍ୟାଳୟ, ରାସ୍ତାଘାଟ, ଛକ ଏବଂ ପ୍ରମୁଖ ସ୍ଥାନଗୁଡିକରେ ବିଜ୍ଞାପନ ହୋର୍ଡିଂ, ପୋଷ୍ଟର ଓ ବ୍ୟାନର ଉଚ୍ଛେଦ ହେବା ଉଚିତ୍। ଏପରିକି ସିମେଣ୍ଟ ଓ ଲୁହା ପାଇପ୍‌ରେ ସ୍ଥାୟୀ ଭାବେ ନିର୍ମିତ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ଥିବା ବଡ ବଡ ବିଜ୍ଞାପନ ପ୍ରଦର୍ଶିତ ହେଉଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ମଧ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଜିଲାପାଳଙ୍କ କାର୍ଯ୍ୟାଳୟ, ଡାକ୍ତରଖାନା, ବିଦ୍ୟାଳୟ ପରିସର ସମେତ ରାଜ୍ୟର ବିଭିନ୍ନ ସ୍ଥାନଗୁଡିକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋଚିତ୍ର ଥିବା ଜାଗା ମିଶନ, ଜଳଶକ୍ତି ମିଶନ, ମିଶନ ଶକ୍ତି, ପୂର୍ତ୍ତ ବିଭାଗ, ବିଜୁଳି ବୋର୍ଡ ଆଦିରେ ବଡ ବଡ ହୋର୍ଡିଂ, ପୋଷ୍ଟର ଓ ବ୍ୟାନର ସର୍ବସାଧାରଣରେ ପ୍ରଦର୍ଶିତ ହେବା ଦୁର୍ଭାଗ୍ୟର ବିଷୟ ବୋଲି ଭାଜପା ବୁଧବାର ଅଭିଯୋଗ କରିଛି। ଏହାର ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ବର୍ତ୍ତମାନ ସୁଦ୍ଧା ନିଆଯାଇନାହିଁ। ସରକାରୀ ଅର୍ଥରେ ଦଳୀୟ ନେତାଙ୍କ ଫଟୋ ଥିବା ଯୋଗୁ ଏହା ଭୋଟରଙ୍କୁ ପ୍ରଭାବିତ କରିବ। ଏହା କାରଣରୁ ଆଗାମୀ ପଞ୍ଚାୟତ ନିର୍ବାଚନ ଅବାଧ, ମୁକ୍ତ ଓ ନିରପେକ୍ଷ ଭାବେ ଅନୁଷ୍ଠିତ ହେବାକୁ ନେଇ ବହୁ ସନ୍ଦେହ ସୃଷ୍ଟି ହୋଇଛି। ଏ ସମସ୍ତ ବିଜ୍ଞାପନକୁ ତୁରନ୍ତ ହଟାଇବା ପାଇଁ ରାଜ୍ୟ ନିର୍ବାଚନ କମିଶନ ବିହୀତ ପଦକ୍ଷେପ ନେବାକୁ ଭାଜପା ତରଫରୁ ଦାବୀ କରାଯାଇଛି।

### ଭାଜପାରେ ଯୋଗଦେଲେ ମାହାଙ୍ଗାର ପୂର୍ବତନ ଅଧକ୍ଷା

**ଭୁବନେଶ୍ୱର,୧୯।୧(ବ୍ୟୁରୋ):** ମାହାଙ୍ଗାର ପୂର୍ବତନ ବ୍ଲକ ଅଧକ୍ଷା କନକଲତା ବେହେରା ବୁଧବାର ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ନୂତନ ଭାବେ ଦଳରେ ସାମିଲ ହୋଇଥିବା ବେହେରାଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଯାଇଛି। ଏହି ଅବସରରେ କଟକ ଜିଲା ଭାଜପା ସଭାପତି ପ୍ରକାଶ ବେହେରା ଓ ଜିଲାର ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ସେହିପରି ରାଜ୍ୟ କାର୍ଯ୍ୟାଳୟଠାରେ ସମୀରଙ୍କ ଉପସ୍ଥିତିରେ ପୁରୀ ଜିଲା କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ସତ୍ୟବାଦୀ ମିଶ୍ର, ପମସରା ପଞ୍ଚାୟତ ସମିତି ସଭ୍ୟ ତଥା ଯୁବ ବିଜେଡି ନେତା ସରୋଜ ପ୍ରଧାନ, ଓରାକଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ବରିଷ୍ଠ ବିଜେଡି ନେତା ମନୋଜ ଗୁରୁ ନିଜ ସମର୍ଥକଙ୍କ ଗ୍ରହଣରେ ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇଛନ୍ତି।

# ଭୋଟ୍‌ର ୪୮ ଘଣ୍ଟା ପୂର୍ବରୁ ମଦ ବିକ୍ରି ବନ୍ଦ

- ଦୃଢ଼ ପଦକ୍ଷେପ ନେବାକୁ ରାଜ୍ୟ ଅବକାରୀ ବିଭାଗକୁ ଚିଠି
- ଭୋଟଦାନ କେନ୍ଦ୍ର ନିକଟରେ ଲାଇସେନ୍ସପ୍ରାପ୍ତ ବନ୍ଧୁକ ମନା
- ସବୈତନିକ ଛୁଟି ଘୋଷଣା ଲାଗି ପ୍ରସ୍ତାବ

**ଭୁବନେଶ୍ୱର,୧୯।୧(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଉପରେ ନିର୍ବାଚନ କମିଶନର ଗୁରୁତ୍ୱାରୋପ କରିଛନ୍ତି। ଭୋଟ ଗ୍ରହଣର ୪୮ଘଣ୍ଟା ପୂର୍ବରୁ ଏବଂ ତା' ପରଦିନ ପର୍ଯ୍ୟନ୍ତ ଯେଉଁ ସ୍ଥାନରେ ନିର୍ବାଚନ ହେବାକୁ ଥିବ ସେଠାରେ ମଦ ବିକ୍ରୟ ଓ ବଣ୍ଟନ ଉପରେ ନିଷେଧାଦେଶ ଜାରି କରାଯାଇଛି। ଏପରି କି ଏହି ସମୟରେ ଅନ୍ୟସ୍ଥାନରୁ ମାଦକଦ୍ରବ୍ୟର ପରିବହନ, ହୋଟେଲ କିମ୍ବା ରେଷ୍ଟୁରାଣ୍ଟ, ଦୋକାନରେ ଅବା ଅନ୍ୟ କୌଣସିଠାରେ ମଦର ବ୍ୟବହାର କରାଯାଇପାରିବ ନାହିଁ ବୋଲି ନିର୍ବାଚନ କମିଶନର ସମସ୍ତ ପ୍ରକାର ବାରଣ କରିଛନ୍ତି। ଏହାକୁ କଡ଼ାକଡ଼ି ପାଳନ କରିବାକୁ ରାଜ୍ୟ ଅବକାରୀ ବିଭାଗକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି।

ଫେବୃୟାରୀ ୧୬ରୁ ୨୪ତାରିଖ ମଧ୍ୟରେ ୫ଟି ପର୍ଯ୍ୟାୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପାଦନ କରିବା ନିମନ୍ତେ ଲାଇସେନ୍ସପ୍ରାପ୍ତ ବନ୍ଧୁକ ବା ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ସହ ମତଦାନ କେନ୍ଦ୍ରକୁ ଯିବା କିମ୍ବା ସେଠାରେ ଚଳପ୍ରଚଳ ହେବା ଉପରେ ନିଷେଧାଦେଶ ଜାରି କରାଯାଇଛି। ଫେବୃୟାରୀ ୧୪ରୁ ଅପରାହ୍ନ ୫ ଘଟିକାରୁ ମାର୍ଚ୍ଚ ୧ତାରିଖ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ନିର୍ବାଚନ ଅଧିକାରୀ ପୁଲିଂ ଅଧିକାରୀ, ପୋଲିସ୍ ଅଧିକାରୀ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ବ୍ୟତୀତ କୌଣସି ବ୍ୟକ୍ତି ମତଦାନ କେନ୍ଦ୍ର କିମ୍ବା ମତଦାନ କେନ୍ଦ୍ର ଆଖପାଖ ଅଞ୍ଚଳରେ ରହିପାରିବେ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନର ସମ୍ପୃକ୍ତ ବିଭାଗକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି।

ପଞ୍ଚାୟତ ନିର୍ବାଚନରେ ମତଦାନ ନିମନ୍ତେ ସମସ୍ତ ସରକାରୀ କର୍ମଚାରୀ, ବେସରକାରୀ ଅନୁଷ୍ଠାନର କର୍ମଚାରୀ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନର କର୍ମଚାରୀଙ୍କୁ ମତଦାନ ଦିନଟିକୁ ରାଜ୍ୟ ନିର୍ବାଚନ କମିଶନ ସବୈତନିକ ଛୁଟି ଦିନ ଭାବେ ଘୋଷଣା କରିବା ପାଇଁ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି। ଯେଉଁ କର୍ମଚାରୀମାନଙ୍କ ମତଦାନ କେନ୍ଦ୍ରଠାରୁ କର୍ମସ୍ଥଳ ଦୂର ହୋଇଥିବ ସେମାନେ ୩ ଦିନ ସ୍ୱତନ୍ତ୍ର ସିଏଲ୍ ପାଇବେ ବୋଲି ନିର୍ବାଚନ କମିଶନ ସମ୍ପୃକ୍ତ ବିଭାଗକୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ସେହିପରି ଗ୍ରାମାଞ୍ଚଳରେ ବିଭିନ୍ନ ଅନୁଷ୍ଠାନ କିମ୍ବା ଶିଳ୍ପାନୁଷ୍ଠାନଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀଙ୍କୁ ନିର୍ବାଚନରେ ମତଦାନର ସୁଯୋଗ ଦେବା ପାଇଁ ରାଜ୍ୟ ନିର୍ବାଚନ କମିଶନ ମତଦାନ ଦିବସକୁ ସବୈତନିକ ଛୁଟି ଦିବସ ଭାବେ ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମାଞ୍ଚଳରେ ରହି ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟରତ ଶ୍ରମିକ/କାରିଗରମାନେ ଏହାର ସୁଯୋଗ ନେଇ ମତଦାନ କରିପାରିବେ ବୋଲି ରାଜ୍ୟ ନିର୍ବାଚନ କମିଶନ ସମ୍ପୃକ୍ତ ଶ୍ରମ ବିଭଗକୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ନିର୍ବାଚନ ହେଉଥିବା ଅଞ୍ଚଳରେ ସମସ୍ତ କର୍ମଚାରୀଙ୍କୁ ମତଦାନର ସୁଯୋଗ ଦେବା ନିମନ୍ତେ ରାଜ୍ୟ ନିର୍ବାଚନ କମିଶନ ଭୋଟ ଗ୍ରହଣ ଦିନକୁ ସମ୍ପୃକ୍ତ ଅଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ବାଣିଜ୍ୟିକ ଅନୁଷ୍ଠାନ, ଶିଳ୍ପାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ସମ୍ପୃକ୍ତ ଅଞ୍ଚଳରେ ଜୁଡ଼ିସିଆଲ୍ କୋର୍ଟ ଥାଏ, ତେବେ ଭୋଟ ଗ୍ରହଣ ଦିନ କୋର୍ଟ ମଧ ବନ୍ଦ ରହିବ ବୋଲି ନିର୍ବାଚନ କମିଶନ ସରକାରଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି।



ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ପୂର୍ବରୁ ବୁଧବାର ଭାଜପାରେ ସାମିଲ ହେଉଛନ୍ତି ପୂର୍ବତନ ସିଡିଏସ୍ ସ୍ୱର୍ଗତ ଜେନେରାଲ ବିପିନ ରାୱତ୍‌ଙ୍କ ସାନଭାଇ କଲୋନେଲ (ଅବସରପ୍ରାପ୍ତ) ବିଜୟ ରାୱତ୍ (ମଝି)। ନିକଟରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି।

# ପୂର୍ବତନ ବିଧାୟକ ଜିଲା ପରିଷଦ ପ୍ରାର୍ଥୀ


ଉପଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଜେନା।


ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରି ପ୍ରାର୍ଥିପତ୍ର ଦାଖଲ କରିବାକୁ ଯାଉଛନ୍ତି।

**ଭଦ୍ରକ ଅଫିସ/ସୁନ୍ଦରଗଡ଼, ୧୯।୧ (ଡି.ଏନ୍.ଏ.)**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦୁଇ ପୂର୍ବତନ ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ସେମାନେ ହେଲେ ଭଦ୍ରକ ଜିଲା ଭଣ୍ଡାରିପୋଖରୀର ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଜେନା ଏବଂ ସୁନ୍ଦରଗଡ଼ ଜିଲା ରଘୁନାଥପାଲିର ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରି। ଉଭୟ ଜିଲା ପରିଷଦ ଆସନ ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି।

ପ୍ରଫୁଲ୍ଲ ଭଦ୍ରକ ଉପଜିଲାପାଳ ମନୋଜ କୁମାର ପାତ୍ରଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହାନ୍ତିପଡ଼ା ଗାଁର ହୋଇଥିବା ବେଳେ ୧୫ ନଂ. ଜୋନ୍‌ରୁ ବିଜେଡି ପକ୍ଷରୁ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ। ୧୯୯୧ ଉପନିର୍ବାଚନରେ ଜନତା ଦଳ ଟିକେଟରେ ବିଜୟୀ ହୋଇ ୨୧ ମାସ ପାଇଁ ବିଧାୟକ ହୋଇଥିଲେ। କିଛିଦିନ ପାଇଁ ଜିଲା ବିଜେଡିର ସମ୍ପାଦକ ଦାୟିତ୍ୱ ତୁଲାଇଛନ୍ତି। ୨୦୧୯ରେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିଲେ। ପରେ ପୁଣି ବିଜେଡିରେ ସାମିଲ ହୋଇ ପଞ୍ଚାୟତ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି।

ସେହିପରି ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ଜେଏମ୍ଏମ୍‌ର ବିଧାୟକ ଥିବା ହାଲୁ ମୁଣ୍ଡାରି ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଶ୍ରା ବ୍ଲକ 'କ' ଜୋନ୍‌ରୁ ଜିଲା ପରିଷଦ ସଭ୍ୟ ପାଇଁ ବିଜେଡି ପ୍ରାର୍ଥୀ ହୋଇଛନ୍ତି। ଏନେଇ ତାଙ୍କୁ ପଚାରିବାରୁ ସେ କହିଲେ, ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କ ନୀତି ଆଦର୍ଶ ଓ ବିଜେଡି ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିରେ ୨୦୧୯ରେ ଯୋଗ ଦେଇଥିଲେ। ବିଜେଡି ସରକାର ଆଦିବାସୀ, ହରିଜନ, ଗରିବଙ୍କ ପାଇଁ ଅନେକ କିଛି ଯୋଜନା କରିଛନ୍ତି। ନିଜ ଅଞ୍ଚଳରେ ତୃଣମୂଳସ୍ତରରେ ସବୁ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ପ୍ରାର୍ଥୀ ହୋଇଛନ୍ତି। କିଛିବି ସମସ୍ୟା ରହିଯାଇଥିଲେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣି ସମାଧାନ କରିବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି। ମୁଣ୍ଡାରିଙ୍କ ସମେତ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ୬ଟି ଜୋନ୍‌ର ବିଜେଡି ପ୍ରାର୍ଥୀମାନେ ପାନପୋଷ ଉପଜିଲାପାଳ କାର୍ଯ୍ୟାଳୟରେ ବୁଧବାର ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ଚାକିରି ଛାଡ଼ି ରାଜନୀତିରେ ଇଞ୍ଜିନିୟର

**ସମ୍ବଲପୁର,୧୯।୧(ବ୍ୟୁରୋ)**


ଜୟନ୍ତ ପ୍ରଧାନ

ମେକାନିକାଲ ଇଞ୍ଜିନିୟରିଂ ପାଠ ସାରିବା ପରେ ଏକ ଘରୋଇ କମ୍ପାନୀରେ ଚାକିରି କରି ମାସିକ ୭୨ ହଜାର ଟଙ୍କା ଦରମା ପାଉଥିବା ଯୁବକ ଏବେ ରାଜନୀତିକୁ ଓହ୍ଲାଇଛନ୍ତି। ସେ ହେଲେ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଲପିଣ୍ଡା ଗ୍ରାମର ଇଞ୍ଜିନିୟର ଜୟନ୍ତ ପ୍ରଧାନ। ସମିତିସଭ୍ୟ ପଦ ପାଇଁ ବୁଧବାର ସେ ଯୁଯୁମୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ସୁରଜ ବିଶ୍ୱାଳଙ୍କ ଉପସ୍ଥିତିରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ରାଜନୀତିକୁ ଆସିବା ସମ୍ପର୍କରେ ସେ କହିଛନ୍ତି, ପଢା ପରେ ବାହାରେ ରହି ଚାକିରି କରୁଥିଲି। ମେକାନିକାଲ ଇଞ୍ଜିନିୟର ହୋଇଥିବାରୁ ପ୍ରାୟ ସମୟରେ କଳକାରଖାନାରେ କାମ ପଡିଥାଏ। କୋଭିଡ୍ ସମୟରେ କାମର ଚାପ କମି ଯାଇଥିଲା। ତେଣୁ ଅଧିକ ସମୟ ଗାଁରେ କଟିଥିଲା। ଲୋକଙ୍କ ସମସ୍ୟା ସହ ଜଡିତ ରହି ସମାଧାନ କରିବାକୁ ଚେଷ୍ଟା କରିଥିଲି। କୋଭିଡ୍ ପ୍ରଥମ ଲହର ସମୟରେ ଗାଁ ଉତ୍ସବ ଅନୁଷ୍ଠାନର ଅନ୍ୟ ସଦସ୍ୟଙ୍କ ସହ ମିଶି ଆଖପାଖ ଗ୍ରାମରୁ ଭିକ୍ଷାମାଗି ସହାୟତା ସଂଗ୍ରହ କରିଥିଲୁ। ପରେ ଉକ୍ତ ଟଙ୍କାକୁ ସରକାରଙ୍କ ରିଲିଫ ପାଣ୍ଠିକୁ ଦାନ କରିଥିଲୁ। ଏହି ସମୟରେ ଲୋକଙ୍କ ସେବା କରିବାକୁ ପ୍ରେରଣା ମିଳିଥିଲା। ଯୁଯୁମୁରା ପଞ୍ଚାୟତରେ ସରପଞ୍ଚ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ସମିତିସଭ୍ୟ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛି।

## ସରପଞ୍ଚ ପ୍ରାର୍ଥୀ ହେଲେ ବିଟେକ୍ ଇଞ୍ଜିନିୟର

**ମାଧପୁର,୧୯।୧**


ପଞ୍ଚାୟତ ଅଫିସରରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ପ୍ରିୟଦର୍ଶିନୀ।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢ଼ିବାକୁ ଜଣେ ଉଚ୍ଚଶିକ୍ଷିତା ଆଗ୍ରହ ପ୍ରକାଶ କରିଛନ୍ତି। ବିଟେକ ଇଞ୍ଜିନିୟର ହୋଇଥିଲେ ମଧ ଚାକିରି ପାଇଁ ଅପେକ୍ଷା ନ କରି ରାଜନୀତିକୁ କ୍ୟାରିୟର କରିବାକୁ ଆଗେଇ ଆସିଛନ୍ତି। ବୁଧବାର ଏହି ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ୩ ଜଣଙ୍କ ମଧ୍ୟରେ ଅଛନ୍ତି ବିଟେକ ଇଞ୍ଜିନିୟର ପ୍ରିୟଦର୍ଶିନୀ ସ୍ୱାଇଁ। ତାଙ୍କ ଘର ତିତିରିକଟା। ଏ ସମ୍ପର୍କରେ ପ୍ରିୟଦର୍ଶିନୀ କହିଛନ୍ତି, କେବଳ ଚାକିରି ଉଦ୍ଦେଶ୍ୟରେ ପାଠ ପଢ଼ିନାହିଁ। ଉଚ୍ଚଶିକ୍ଷିତ ହୋଇ ଜନସାଧାରଣଙ୍କ ସେବା କରିବା ଏକ ବଡ଼ କାର୍ଯ୍ୟ।

## ପ୍ରାର୍ଥୀଙ୍କୁ ଜିତାଇବାକୁ ତାରିଣୀଙ୍କ ନାଁରେ ଶପଥ

**ଚର୍ଚ୍ଚାରେ ବଦ୍ରି-ଦେବାଶିଷଙ୍କ ଭିଡିଓ**

**ଆନନ୍ଦପୁର, ୧୯।୧(ସ୍ୱ.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ଗାଁରେ ରାଜନୀତି ସରଗରମ ହୋଇଛି। ବିଭିନ୍ନ ଦଳର ନେତା ସେମାନଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ଚୟନ କରି ନାମାଙ୍କନ ପତ୍ର ଦାଖଲ କରିବାରେ ବ୍ୟସ୍ତ ରହୁଛନ୍ତି। ଏହି ସମୟରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଏବଂ ତାଙ୍କ ପୁଅ ଦେବାଶିଷ ପାତ୍ରଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ବିଧାୟକ ପାତ୍ର ନିଜ ସମର୍ଥିତ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ବହୁ ଭୋଟ ବ୍ୟବଧାନରେ ବିଜୟୀ କରିବା ପାଇଁ କହୁଥିବା ବେଳେ ତାଙ୍କ ପୁଅ ଦେବାଶିଷ ଏକ ପ୍ରାର୍ଥୀ ଚୟନ ସଭାରେ ଉପସ୍ଥିତ ରହି ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଭୋଟରଙ୍କୁ ମା' ତାରିଣୀଙ୍କ ନାମରେ ଶପଥ ପାଠ କରାଉଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି।

# ଟାୱାର ନାହିଁ ତ ଭୋଟ୍ ନାହିଁ


ଆଡାଶିପଡ଼ା ପଞ୍ଚାୟତବାସୀ।

**ତୃତୀୟ ଦିନରେ ବି ପଡ଼ିଲାନି ପ୍ରାର୍ଥିପତ୍ର**

**ବଲସକୁମ୍ପା,୧୯।୧:** ଟାୱାର ନାହିଁ ତ ଭୋଟ୍ ନାହିଁ। ପୁଣି ସ୍ୱାସ୍ଥ୍ୟସେବା ସୁବିଧା ମଧ ନାହିଁ। ତେଣୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ବର୍ଜନ କରିବେ ବୋଲି କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଆଡାଶିପଡ଼ା ପଞ୍ଚାୟତବାସୀ ନିଷ୍ପତ୍ତି ନେଇଛନ୍ତି। ପ୍ରାର୍ଥିପତ୍ର ଦାଖଲର ତୃତୀୟ ଦିନରେ ବି ପଞ୍ଚାୟତର କୌଣସି ପଦବୀ ପାଇଁ କେହି ହେଲେ ନାମାଙ୍କନ ଦାଖଲ କରିନାହାନ୍ତି। ପଞ୍ଚାୟତ ସ୍ଥାପନର ବହୁ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏହି ପଞ୍ଚାୟତବାସୀ ବିଭିନ୍ନ ମୌଳିକ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ସେଥିମଧ୍ୟରୁ ମୋବାଇଲ୍ ଟାୱାର ଏକ ପ୍ରମୁଖ ସମସ୍ୟା। ଅଞ୍ଚଳରେ ଟାୱାର ନିର୍ମାଣ କରିବା ପାଇଁ ବାରମ୍ବାର ଦାବି କରାଯାଉଥିଲେ ସୁଦ୍ଧା ସରକାର କର୍ଣ୍ଣପାତ କରୁନାହାନ୍ତି। ଫଳରେ ଏହି ଅଞ୍ଚଳରେ କାହାରି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ କିମ୍ବା କୌଣସି ଦୁର୍ଘଟଣା ଘଟିଲେ ଆମ୍ବୁଲାନ୍ସ, ଦମକଳ ଓ ପୋଲିସର ଜରୁରିକାଳୀନ ସେବା ମିଳି ପାରୁନାହିଁ। ତେଣୁ ସରକାରଙ୍କ ଅଣଦେଖା ନୀତିକୁ ବିରୋଧ କରି ଭୋଟ ବର୍ଜନ କରିବା ପାଇଁ ପଞ୍ଚାୟତବାସୀ ନିଷ୍ପତ୍ତି ନେଇଛନ୍ତି।

# ସରପଞ୍ଚ, ସମିତି ସଭ୍ୟ ପାଇଁ ବିଧାୟକଙ୍କ ସମର୍ଥନ

**ଜଗତ୍‌ସିଂହପୁର ଅଫିସ, ୧୯।୧**


ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ବିଜେଡି ଲେଖା ଥିବା ଜଣେ ସମର୍ଥିତ ପ୍ରାର୍ଥୀଙ୍କୁ ଏକ ଲେଖା ଦେଉଛନ୍ତି।

ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବର ପଦବୀ ପାଇଁ ଦଳୀୟ ଟିକେଟ୍ ନାହିଁ। କିନ୍ତୁ ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀର କୁଜଙ୍ଗ ବ୍ଲକରେ ଶଙ୍ଖ ଚିହ୍ନ ଥିବା ପ୍ୟାଡ୍‌ରେ ବିଧାୟକ ସମର୍ଥନ ଦେଉଥିବା ଦେଖିବାକୁ ମିଳୁଛି। ମିଳିଥିବା ସୂଚନା ଅନୁଯାୟୀ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କ ସିଲ୍ ସହ ଦସ୍ତଖତ ଥିବା ପ୍ୟାଡ୍‌ରେ ଉଲ୍ଲେଖ ଅଛି, ମଙ୍ଗରାଜପୁର ପଞ୍ଚାୟତର ସମିତି ସଭ୍ୟ ଭାବେ ପଙ୍କଜିନୀ ତରାଇ ଓ ସରପଞ୍ଚ ଅବନ୍ତି ମାଝିଙ୍କୁ ସେ ସମର୍ଥନ କରୁଛନ୍ତି। ଏହି ନିର୍ବାଚନ ମଣ୍ଡଳୀ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଳର ପଞ୍ଚାୟତ ସରପଞ୍ଚ ଭାବେ ଉମେଶ କୁମାର ବେହେରା ଓ ସମିତିସଭ୍ୟ ରାଜକୁମାରୀ ଦାସଙ୍କୁ ସମର୍ଥନ କରୁଛନ୍ତି। ଅନୁରୂପ ଭାବେ ଜିଲାର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପଦବୀ ପାଇଁ ବିଜେଡି ଦଳୀୟ ଚିହ୍ନ ଓ ନେତୃତ୍ୱଙ୍କ ଦସ୍ତଖତ ଥିବା କାଗଜ ଟିକେଟ୍ ଆକାରରେ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ବାସ୍ତବରେ ଏହାର ସତ୍ୟାସତ୍ୟ ପ୍ରମାଣ ହୋଇ ନ ଥିଲେ ସୁଦ୍ଧା ସାଧାରଣରେ ଏଭଳି ଆଲୋଚନା ଓ କାଗଜ ବଣ୍ଟନ ନିର୍ବାଚନରେ ବାଧା ସୃଷ୍ଟି କରିବା ସମ୍ଭାବନା ରହିଛି। ଏ ସମ୍ପର୍କରେ ବିଧାୟକ ରାଉତରାୟଙ୍କୁ ପଚାରିବାରେ ପଞ୍ଚାୟତଗୁଡିକରେ ଏକାଧିକ ବିଜେଡି ସମର୍ଥିତ ଆଶାୟୀ ପ୍ରାର୍ଥୀ ହେବା ପାଇଁ ଚାହୁଁଛନ୍ତି। ତେଣୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନେଇଛନ୍ତି ବୋଲି ସେ କହିଛନ୍ତି।

# ବିଜେଡି ପ୍ୟାଡ୍‌ରେ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କ ନାମ

- ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ
- ଦଳର ବ୍ଲକ ସଭାପତି ଓ ବିଧାୟକଙ୍କ ଖଣ୍ଡନ

**ଜଗତ୍‌ସିଂହପୁର ଅଫିସ, ୧୯।୧**


ବିଜେଡି ପ୍ୟାଡ୍‌ରେ ସରପଞ୍ଚ ଓ ସମିତିସଭ୍ୟ ସମର୍ଥିତ ପ୍ରାର୍ଥୀଙ୍କ ନାମ ରହିଛି।

ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବର ପଦବୀ ନିର୍ଦ୍ଦଳୀୟ। କିନ୍ତୁ ଜଗତ୍‌ସିଂହପୁର ଜିଲାରେ ଏଥିରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଛି। ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପଦବୀ ପାଇଁ ବିଜେଡି ପ୍ରାର୍ଥୀ ଚୟନ କରିଥିବା ସମ୍ପର୍କିତ ଚିଠି ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ ତାଙ୍କ ଲେଟର ପ୍ୟାଡ୍‌ରେ ବିଧାୟକ ବିଜୟ ଶଙ୍କର ଦାସଙ୍କୁ ଲେଖିଛନ୍ତି ଯେ, ୧୬।୧।୨୨ ସକାଳ ୯ଟାରେ ସେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସରକାରୀ ବାସଭବନରେ ଉପସ୍ଥିତ ହୋଇଥିଲେ। ତିର୍ତ୍ତୋଲ ବ୍ଲକର ବିଭିନ୍ନ ପଞ୍ଚାୟତ ବିଷୟରେ ଆଲୋଚନା ହୋଇଥିଲା। ସେଥିମଧ୍ୟରୁ ଗରାମ ପଞ୍ଚାୟତ ସମିତିସଭ୍ୟ ପଦବୀ ପାଇଁ ପ୍ରିୟଦର୍ଶିନୀ ବିଶ୍ୱାଳ, ତୁଳଙ୍ଗ ପଞ୍ଚାୟତ ସରପଞ୍ଚ ନିବେଦିତା ମଲ୍ଲିକ ଓ ବିରିଡୋଳ ପଞ୍ଚାୟତର ସମିତି ସଭ୍ୟ ପଦବୀରେ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ନାମ ସର୍ବସମ୍ମତିକ୍ରମେ ଅନୁମୋଦିତ ହୋଇଥିଲା। ପଟିଲୋ ପଞ୍ଚାୟତ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା ନ କରିବାକୁ ସ୍ଥିର ହୋଇଥିଲା। ଏହି ଚିଠି ମାଧ୍ୟମରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଜେଡି ତିର୍ତ୍ତୋଲ ବ୍ଲକ ସଭାପତି ବିଶ୍ୱାଳ ତାଙ୍କ ଦଳୀୟ ପ୍ୟାଡ୍‌ରେ ସିଲ୍ ସହ ଦସ୍ତଖତ କରି ପଠାଇଥିବା ଜଣାପଡିଛି। ବଡ଼ କଥା ହେଲା ଏହି ପ୍ୟାଡ୍‌ର ବାମ ପାର୍ଶ୍ୱରେ ବିଜେଡି ଜିଲା ସଭାପତି ମୁଦୁଲିଙ୍କ ସିଲ୍ ସହ ଦସ୍ତଖତ ମଧ ରହିଛି। ଏହା ଉପରେ ବିଧାୟକ, ତିର୍ତ୍ତୋଲ ଲେଖା ହୋଇଥିବାବେଳେ ତା' ତଳେ ଜିଲା ପର୍ଯ୍ୟବେକ୍ଷକଙ୍କ ନିର୍ଦ୍ଦେଶମତେ ପ୍ରେରଣ କରାଗଲା ବୋଲି ଉଲ୍ଲେଖ ଅଛି। ଏହି ପ୍ୟାଡ୍‌କୁ ନେଇ ତିର୍ତ୍ତୋଲ ସମେତ ସାରା ଜିଲାରେ ରାଜନୈତିକ ପରିବେଶ ଚଳଚଞ୍ଚଳ ହୋଇପଡ଼ିଛି। ଏହା ଉପରେ ବିଜେଡି ତିର୍ତ୍ତୋଲ ବ୍ଲକ ସଭାପତି ବିଶ୍ୱାଳ ପଚାରିବାରେ ବିଧାୟକ ଦାସ ହେଉଛନ୍ତି ନିର୍ବାଚନମଣ୍ଡଳୀ ମୁଖ୍ୟ। ତାଙ୍କ ନିର୍ଦ୍ଦେଶକ୍ରମେ ମୁଁ ଚାଲିବି। ଏସବୁ ମିଛ କଥା। ବିଧାୟକ ଦାସ କହିଛନ୍ତି ସରପଞ୍ଚ, ସମିତି ସଭ୍ୟ ପଦବୀ ଦଳୀୟ ସମର୍ଥିତ ଥାନ୍ତି। କିନ୍ତୁ ଦଳୀୟ ନ ଥାନ୍ତି। ଚିଠି ସତ କି ମିଛ ମୁଁ ଜାଣିନି। ଦେଖିଲା ପରେ ଯାହା କିଛି କହିପାରିବି। ସେହିପରି ବିଧାୟକ ଦାସଙ୍କ ଲେଟର ପ୍ୟାଡରେ ଦସ୍ତଖତ ସହ ତିର୍ତ୍ତୋଲ ବ୍ଲକର ୧୦ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କୁ ସମର୍ଥନ ଏକ ଚିଠିରେ ଦେଖିବାକୁ ମିଳିଛି। ଭାଜପା ନେତା ବିଭୁ ପ୍ରସାଦ ତରାଇ କହିଛନ୍ତି, ବିଜେଡି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିବାରେ ବଡ଼ ଦଳ। ତେବେ ଲେଟର ପ୍ୟାଡ୍‌ଟି ସତ ହୋଇଥିଲେ ସାଂଘାତିକ ବୋଲି ବିଭିନ୍ନ ମହଲରେ ଆଲୋଚନା ଚାଲିଛି।

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ଯୁବକ ଗୁରୁତର

ଗୋପାଳପୁର,୧୯।୧(ଡି.ଏନ.ଏ.)
ବ୍ରହ୍ମପୁର-ଗୋଳନ୍ଥରା ରେଳଷ୍ଟେଶନ ମଧ୍ୟରେ ବୁଧବାର ଏକ ଏକ୍ସପ୍ରେସ୍ ଟ୍ରେନ୍‌ରୁ ଜଣେ ଯାତ୍ରୀ ଖସିପଡ଼ି ଗୁରୁତର ଆହତ ହୋଇଛନ୍ତି। ସେ ପଶ୍ଚିମବଙ୍ଗ ଅଞ୍ଚଳର ବୋଲି ସୂଚନା ମିଳିଛି। ସମ୍ପୃକ୍ତ ଯୁବକ ଦାଦନ ଖଟିବା ପାଇଁ ଟ୍ରେନ୍ ଯୋଗେ ହାଓଡାରୁ ଚେନ୍ନାଇ ଅଭିମୁଖେ ଯାଉଥିଲେ। ଦୁର୍ଭାଗ୍ୟବଶତଃ ବ୍ରହ୍ମପୁର-ଗୋଳନ୍ଥରା ରେଳଷ୍ଟେଶନ ମଧ୍ୟସ୍ଥ ସିଂହଳା ରୋଡ ରେଳଫାଟକ ନିକଟରେ ଯୁବକ ଜଣକ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

### ଦୁଇ ବାଇକ୍ ମୁହାଁମୁହିଁ, ୨ ଗୁରୁତର

ଆର.ଉଦୟଗିରି,୧୯।୧(ଡି.ଏନ.ଏ.):
ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଫାଣ୍ଡି ସ୍ଥିତ ଜିରାଙ୍ଗ ପଞ୍ଚାୟତ ସମ୍ମୁଖରେ ବୁଧବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୪ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତରଙ୍କୁ ବ୍ରହ୍ମପୁର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ଜିରାଙ୍ଗ ପଞ୍ଚାୟତର ଅଣ୍ଡରାଗଡ଼ ଗ୍ରାମର ଦାଶରଥି ପାଇକ, ନିତ୍ୟାନନ୍ଦ ପାଇକ, ଗୋରଖ ନାୟକ ଓ ଶେଖର ନାୟକ। ଦାଶରଥି ଓ ନିତ୍ୟାନନ୍ଦ ବାଇକ୍‌ରେ ଅଣ୍ଡରାଗଡ଼ ଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ଅନ୍ୟ ଏକ ମୋଟରସାଇକଲ ସହ ମୁହାଁମୁହିଁ ଧକ୍କା ହୋଇଥିଲା।

### ଜିଲା କୋର୍ଟ ପରିସର କଣ୍ଟେନମେଣ୍ଟ ଘୋଷଣା

ପାରଳାଖେମୁଣ୍ଡି,୧୯।୧(ଡି.ଏନ୍.ଏ.):
ଗଜପତି ଜିଲା କୋର୍ଟ ପରିସରକୁ ବୁଧବାର କଣ୍ଟେନମେଣ୍ଟ ଜୋନ ଭାବେ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। କୋର୍ଟରେ କାର୍ଯ୍ୟରତ ୪୦ଜଣ ସଂକ୍ରମିତ ଚିହ୍ନଟ ପରେ ୪ ଦିନ ପାଇଁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛି ଜିଲା ପ୍ରଶାସନ , ଦୁଇ ଦିନ ପୂର୍ବରୁ ପାରଳାଖେମୁଣ୍ଡି ସହରର ତିନୋଟି ୱାର୍ଡର ୪ ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିଲା। ପୁଣି ଥରେ ଅତ୍ୟଧିକ କର୍ମଚାରୀ ସଂକ୍ରମିତ ଚିହ୍ନଟ ପରେ କୋର୍ଟ ପରିସରକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି।

### ବସ୍ ଧକ୍କାରେ ଜଣଙ୍କର ମୃତ୍ୟୁ

ଦିଗପହଣ୍ଡି,୧୯।୧(ଡି.ଏନ.ଏ.):ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଜକର ଗ୍ରାମ ନିକଟରେ ଏକ ଘରୋଇ ବସ ଧକ୍କାରେ ଜଣେ ଛେଳି ଚରାଳୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜକର ଗ୍ରାମର ରମେଶ କନ୍ୟାରୀ। ସେ ରାସ୍ତା କଡରେ ଛେଳି ଚରାଉଥିବା ବେଳେ ଦିଗପହଣ୍ଡିରୁ ଚିକିଟି ଅଭିମୁଖେ ଯାଉଥିବା ବସ (ଓଆର ୨୦ - ୩୧୬୫) ଏୟାରଟେଲ ଟାୱାର ନିକଟରେ ମଙ୍ଗଳବାର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ରମେଶଙ୍କୁ ପ୍ରଥମେ ଚିକିଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ବିଳମ୍ବିତ ରାତିରେ ଡାକ୍ତର ରମେଶଙ୍କୁ ମୃତ ଘୋଷଣା କରିଥିଲେ।

### ଦିଗପହଣ୍ଡିରେ ୧.୨୭ଲକ୍ଷ ଭୋଟର ମତଦାନ କରିବେ

ଦିଗପହଣ୍ଡି,୧୯।୧(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକର ୨୫ ଗୋଟି ପଞ୍ଚାୟତରେ ସର୍ବମୋଟ ୧୨୭୨୧୩ ଜଣ ଭୋଟର ରହିଛନ୍ତି। ଏମାନଙ୍କ ମଧ୍ୟରୁ ପୁରୁଷ ଭୋଟର ସଂଖ୍ୟ ୬୫ ହଜାର ୯୪୧ ଥିବା ବେଳେ ମହିଳା ଭୋଟର ସଂଖ୍ୟା ୬୧ହଜାର ୨୧୬ ରହିଛି। ସେମାନେ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସେମାନଙ୍କର ୨୫ ସରପଞ୍ଚ,୨୫ ସମିତିସଭ୍ୟ, ୪ ଜଣ ଜିଲା ପରିଷଦ ଓ ୩୮୧ ଜଣ ୱାର୍ଡ ସଭ୍ୟଙ୍କୁ ନିର୍ବାଚିତ କରିବେ। ୨୦୧୭ ନିର୍ବାଚନରେ ଭୋଟର ସଂଖ୍ୟାର ସ୍ଥିତି ଥିଲା ୧୨୪୫୦୧। ଗତ ନିର୍ବାଚନ ତୁଳନାରେ ଚଳିତ ବର୍ଷରେ ୨୭୧୨ ନୂଆ ଭୋଟର ତାଲିକାଭୁକ୍ତ ହୋଇଛନ୍ତି। ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କର ରଣନୀତି ଆପଣାଇଛନ୍ତି। ଦିଗପହଣ୍ଡି ବ୍ଲକରୁ ୨୫ ହଜାରରୁ ଊର୍ଦ୍ଧ୍ୱ ରାଜ୍ୟ ବାହାରେ ରହିଥିବା ଏକ ଆକଳନରୁ ଜଣାପଡିଛି। ସେହି ଭୋଟର ବର୍ତ୍ତମାନ ପ୍ରାର୍ଥୀମାନଙ୍କୁ ବିଜୟୀ କରିବାର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାନ୍ତି। ସାଧାରଣତଃ ପଞ୍ଚାୟତ ନିର୍ବାଚନରେ ଗୋଟିଏ ଭୋଟର ମୂଲ୍ୟ ବିଜୟ ରାସ୍ତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ସେଥିପାଇଁ ଆଶାୟୀ ପ୍ରାର୍ଥୀମାନେ ରାଜ୍ୟ ବାହାରେ ଦାଦନ ଖଟୁଥିବା ଭୋଟରମାନଙ୍କ ଉପରେ ନଜର ପକେଇଛନ୍ତି। ରାଜ୍ୟ ବାହାରୁ ସେମାନଙ୍କୁ ଆଣିବା ପାଇଁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇବାରେ ଲାଗିଛନ୍ତି। ଯେଉଁମାନେ ନୂଆ ଭୋଟର ତାଲିକାରେ ସାମିଲ୍ ହୋଇଛନ୍ତି ।

# ଷ୍ଟ୍ରେଚରରେ ନେବା ବେଳେ ରାସ୍ତାରେ ପ୍ରସବ

## ଗଜପତିରେ ଥମୁନି ଜନନୀ ଯନ୍ତ୍ରଣା

ଆର,ଉଦୟଗିରି, ୧୯।୧(ଡି.ଏନ୍.ଏ.)

ଗଜପତି ଜିଲାରେ ଜନନୀ ଯନ୍ତ୍ରଣା ଲାଗି ରହିଛି। ଅନେକ ଗ୍ରାମକୁ ରାସ୍ତା ନ ଥିବାରୁ ଜନନୀ ଓ ନବଜାତକ ଅସୁରକ୍ଷିତ ରହୁଛନ୍ତି। ଗତ ସୋମବାର ନୂଆଗଡ଼ ବ୍ଲକ ଅନ୍ତର୍ଗତ ଅନୁଗୁରୁ ପଞ୍ଚାୟତର ଜୟପୁର ଗ୍ରାମରେ ଭଲ ରାସ୍ତା ନ ଥିବାରୁ ପ୍ରସୂତି ଓ ନବଜାତକକୁ ଷ୍ଟ୍ରେଚର ୨କିମି ଅଣାଯାଇଥିବା ଦେଖାଯାଇଥିଲା। ମଙ୍ଗଳବାର ପୁଣି ଆମ୍ବୁଲାନ୍ସ ନ ଥିବାରୁ ଷ୍ଟ୍ରେଚରରେ ବୋହି ମେଡିକାଲକୁ ନେବା ବେଳେ ଅଧା ରାସ୍ତାରେ ଜଣେ ମହିଳା ପ୍ରସବ କରିଛନ୍ତି। ଏଭଳି ଅଭାବନୀୟ ଘଟଣା ଆର.ଉଦୟଗିରି ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଜାମଡୁଲ ଗାଁରେ ଦେଖିବାକୁ ମିଳିଛି।

ଜାମଡୁଲ ଗାଁର ଝୁନୁ ଯାନୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ସ୍ଥାନୀୟ ଆଶା କର୍ମୀ ଗାୟତ୍ରୀ ଯାନୀ ତାଙ୍କ ପାଖରେ ପହଞ୍ଚିଥିଲେ। ସେହି ଅଞ୍ଚଳରେ ନେଟୱର୍କ ସୁବିଧା ନ ଥିବାରୁ ତୁରନ୍ତ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ପାରି ନଥିଲେ । ପରେ ବାଧ ହୋଇ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୋହି ମେଡିକାଲ ଆଣିବା ବ୍ୟବସ୍ଥା କରିଥଲେ। ଘରଠାରୁ କିଛି ଦୂର ଆଣିବା ପରେ ମହିଳା ଜଣକ ରାସ୍ତା ପାର୍ଶ୍ୱରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ସେଠାରୁ ଏକ ଅଟୋ ଡକାଇ ଅଟୋ ଯୋଗେ ରାମଗିରି ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଏବେ ଉଭୟ ମା ଓ ଶିଶୁର ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଜଣାପଡ଼ିଛି।


ପ୍ରସୂତିଙ୍କୁ ନିଆଯାଉଛି ।

# ସ୍କର୍ପିଓ, ବୋଲେରୋ, ପିକ୍‌ଅପ୍ ଜବତ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୧୯।୧

ବ୍ରହ୍ମପୁର ସହରର ବିଭିନ୍ନ ଅଞ୍ଚଳରୁ ଗତ କିଛିଦିନ ତଳେ ୬ଟି ବୋଲେରୋ ଓ ପିକ୍‌ଅପ୍ ଚୋରି ହୋଇଥିଲା। ଏହି ଘଟଣାରେ ବଡ଼ବଜାର ଥାନା ପୋଲିସ ଖୋର୍ଦ୍ଧା ଜିଲା ଜଟଣୀ ଥାନା ତାରାବୋଇ ଗ୍ରାମରୁ ଏକ ବୋଲେରୋ ଜବତ କରିଥିଲା। ଏ ସଂକ୍ରାନ୍ତରେ ଖୋର୍ଦ୍ଧା ଟାଉନ୍ ଥାନା ମୁକୁନ୍ଦପ୍ରସାଦ ଗ୍ରାମର ଉର୍ଜ୍ଜ ଖାନ୍‌ଙ୍କୁ ଗିରଫ କରାଯାଇଥିବା ବ୍ରହ୍ମପୁର ଟାଉନ୍ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି। ଏହା ସହିତ ଜଟଣୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୁଚାଇ ରଖାଯାଇଥିବା ଅନ୍ୟ ଏକ ସ୍କର୍ପିଓ ଓ ପିକ୍‌ଅପ୍ ମଧ୍ୟ ଜବତ ହୋଇଛି। ଉର୍ଜ୍ଜ ଏକ ଚୋର ଗ୍ୟାଙ୍ଗ୍ ସହିତ ମିଶି ବିଭିନ୍ନ ସ୍ଥାନରେ ଗାଡ଼ି ଚୋରି କରିଥିବା ଜଣାପଡିଛି। ପୋଲିସ ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ବିଭିନ୍ନ ସ୍ଥାନରୁ ଗୋରୁ ଚୋରି କରିବା ପାଇଁ ଏମାନେ ବୋଲେରୋ ବ୍ୟବହାର କରୁଥିଲେ। ସେହିପରି ସ୍କର୍ପିଓରେ ଚୋରମାନେ ଖୋର୍ଦ୍ଧାରୁ ବ୍ରହ୍ମପୁର ଆସି ଗାଡ଼ି ଚୋରି କରିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ବଡ଼ବଜାର ଥାନା ଅନ୍ତର୍ଗତ ପାଣିଗ୍ରାହୀନଗରରେ ରହୁଥିବା ଜଗଦୀଶ ତ୍ରିପାଠୀଙ୍କ ବୋଲେରୋ ଗତ ୧୨ତାରିଖରେ ଚୋରି ହୋଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ନଂ.୭/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଗାଡ଼ିକୁ ଟ୍ରାକ୍ କରି ପୋଲିସ ତା'ର ସନ୍ଧାନ ପାଇ ଖୋର୍ଦ୍ଧାରେ ଚଢ଼ାଉ କରିଥିଲା। ଚୋରି ଗାଡ଼ି ସହ ଅନ୍ୟ ଦୁଇଟି ଗାଡ଼ି ମଧ୍ୟ ଜବତ କରିଛି। ତେବେ ଏହି ଚୋରି ର୍ୟାକେଟରେ ସମ୍ପୃକ୍ତ ଥିବା ଅନ୍ୟ ସଦସ୍ୟ ଫେରାର ରହିଛନ୍ତି।


ଗିରଫ ଅଭିଯୁକ୍ତ ।

# ମୁଣ୍ଡମରାଇ ରାଜନୈତିକ ହିଂସା ଘଟଣା, ୭ ଗିରଫ

ଧରାକୋଟ,୧୯।୧(ଡି.ଏନ୍.ଏ.)
ଧରାକୋଟ ବ୍ଲକ ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମରେ ଗତ ମଙ୍ଗଳବାର ପଞ୍ଚାୟତ ନିର୍ବାଚନ ଲାଗି ନାମାଙ୍କନ ଦାଖଲକୁ ନେଇ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ପୋଲିସ ବୁଧବାର ୭ ଜଣଙ୍କୁ ଗିରଫ କରିଛି। ଗୋଟିଏ ଗୋଷ୍ଠୀର ଶିବଶଙ୍କର ପାତ୍ରଙ୍କ ଏତଲାକ୍ରମେ ମାମଲା ନଂ. ୧୯/୨୨ରେ ଲୋକନାଥ ପାତ୍ର, କୃଷ୍ଣଚନ୍ଦ୍ର ଗୌଡ, ବଳରାମ ଗୌଡ ଓ ଅଜିତ କୁମାର ପରିଡ଼ାଙ୍କୁ ଗିରଫ ପରେ କୋର୍ଟ ଚାଲଣ କରାଯାଇଛି। ସେହିପରି ଅନ୍ୟ ଗୋଷ୍ଠୀର କୃଷ୍ଣଚନ୍ଦ୍ର ଗୌଡଙ୍କ ଏତଲା ପ୍ରକାରେ ମାମଲା ନଂ.୨୦/୨୨ରେ ଶିବଶଙ୍କର ପାତ୍ର, ଜଗନ୍ନାଥ ସେଠୀ ଓ ପଞ୍ଚୁ ଡାକୁଆଙ୍କୁ କୋର୍ଟ ଚାଲଣ କରାଯାଇଛି। ସୂଚନାଯୋଗ୍ୟ, ମୁଣ୍ଡମରାଇ ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ପାଇଁ ନାମାଙ୍କନ ପତ୍ର ଦାଖଲକୁ ନେଇ ଏହି ହିଂସାକାଣ୍ଡ ହୋଇଥିଲା। ଏକ ନିର୍ଦ୍ଦିଷ୍ଟ ଦଳର ଗୋଟିଏ ଗୋଷ୍ଠୀ ପକ୍ଷରୁ ନାମାଙ୍କନ ଦାଖଲ କରିବାକୁ ଚାହୁଁଥିବା ବେଳେ ସେହି ଦଳର ଅନ୍ୟ ଗୋଷ୍ଠୀ ଏହାକୁ ବିରୋଧ କରିବାରୁ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଗୋଷ୍ଠୀ ସଂଘର୍ଷରେ ୩ ଜଣ ଆହତ ହୋଇଥିଲେ। ଅନେଶ ନାୟକ ଗୁରୁତର ହୋଇ ବ୍ରହ୍ମପୁରରେ ଓ ବୁଲୁ ଗୌଡ ଆସିକା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

# ୯୭ ଏକର ଜମିର ଗଞ୍ଜେଇ ଗଛ ନଷ୍ଟ


ଗଞ୍ଜେଇ ଗଛ ନଷ୍ଟ କରାଯାଉଛି।

ଆର.ଉଦୟଗିରି,୧୯।୧(ଡି.ଏନ.ଏ.)

ଆର.ଉଦୟଗିରି ଥାନା ନୂଆଗଡ଼ ବ୍ଲକର କିରାମା ପଞ୍ଚାୟତ କେଡିପଦର ମୌଜା ଅଞ୍ଚଳ ଜଙ୍ଗଲରୁ ଅବକାରୀ, ପୋଲିସ, ବନବିଭାଗ ଏବଂ ରାଜସ୍ୱ ବିଭାଗ ଚଢ଼ାଉ କରି ବିପୁଳ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ସଂରକ୍ଷିତ ଜଙ୍ଗଲ ଉପରେ ବେଆଇନ ଭାବେ ୯୭. ୪୦ ଏକର ଜମିରେ ଲଗାଯାଇଥିବା ୧ଲକ୍ଷ ୯୪ ହଜାର ୮୦ ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି। ଅବକାରୀ ଇନ୍ସପେକ୍ଟର, ଆର.ଉଦୟଗିରି ଥାନାଧିକାରୀ, ସ୍ଥାନୀୟ ବନ ବିଭାଗ, ରାଜସ୍ୱ ବିଭାଗ ଅବକାରୀ ଓ ପୋଲିସ ବିଭାଗ କର୍ମଚାରୀ ମିଳିତ ଭାବେ ମଧ୍ୟାହ୍ନ ୧୨ ଟାରୁ ୩ ଟା ପର୍ଯ୍ୟନ୍ତ କଟର ମେଶିନ୍ ସାହାଯ୍ୟରେ ଗଞ୍ଜେଇ ଗଛକୁ ନଷ୍ଟ କରିଥିଲେ। ଏ ନେଇ ନଂ.୧୧/୨୨ରେ ମାମଲା ରୁଜୁ କରାଯାଇଛି। ଏଥିରେ କୌଣସି ବ୍ୟକ୍ତି ଗିରଫ ହୋଇନାହାନ୍ତି।

# ମେଧାବୃତ୍ତି ପରୀକ୍ଷାରେ ୧୮ ଛାତ୍ରୀଛାତ୍ରଙ୍କ ସଫଳତା

## ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶ୍ରେଷ୍ଠ ବିଦ୍ୟାଳୟ ଘୋଷିତ

ବ୍ରହ୍ମପୁର ଅଫିସ,୧୯।୧

ଚଳିତବର୍ଷର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବିରଳ କୃତିତ୍ୱ ହାସଲ କରିଥିବାରୁ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରାଜ୍ୟରେ ଶ୍ରେଷ୍ଠ ବିଦ୍ୟାଳୟ ରୂପେ ଘୋଷଣା ହୋଇଛି। ଏଥିସହ ୨୦୨୧ ଶିକ୍ଷା ବର୍ଷର ପ୍ରକାଶିତ ମୁଖ୍ୟମନ୍ତ୍ରୀ ମେଧା ପରୀକ୍ଷାରେ ମଧ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ରେକର୍ଡ ସଫଳତା ହାସଲ କରିଛନ୍ତି। ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଥମ ଶ୍ରେଷ୍ଠ ୨୦ ଜଣଙ୍କ ମଧ୍ୟରୁ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୮ ଛାତ୍ରୀଛାତ୍ର ମେଧାବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ୧ମ ର୍ୟାଙ୍କ ଅନ୍ୱେଷା ମହାରଣା, ୨ୟ ର୍ୟାଙ୍କ ସୌମ୍ୟ ଜଗନ୍ନାଥ ପାଢ଼ୀ, ୩ୟ ର୍ୟାଙ୍କରେ ସଞ୍ଚିତା ପ୍ରିୟଦର୍ଶିନୀ, ୬ଷ୍ଠ ର୍ୟାଙ୍କରେ ଅନିଲ କୁମାର ହୋତା, ୭ମ ର୍ୟାଙ୍କ ମନଷା ପଣ୍ଡା, ୮ମ ର୍ୟାଙ୍କ ଅଶ୍ମିତ ସାହୁ, ୯ମ ର୍ୟାଙ୍କ ଆୟୁଷ୍ମାନ ଦତ୍ତ, ୧୦ମ ର୍ୟାଙ୍କ ଅପିତା ପ୍ରିୟଦର୍ଶିନୀ ମହାନ୍ତି, ୧୧ ର୍ୟାଙ୍କ ମୋନାଲିସା ବାରିକ, ୧୨ ର୍ୟାଙ୍କ ସୁମାନ ନାୟକ, ୧୩ ର୍ୟାଙ୍କ ସାଗରିକା ସାହୁ, ୧୪ ର୍ୟାଙ୍କ ଓମକାରନାଥ ମିଶ୍ର, ୧୫ର୍ୟାଙ୍କ ଅନ୍ୱେଷା ଦାଶ, ୧୬ ର୍ୟାଙ୍କ ମାନ୍ୟତା ଚୌଧୁରୀ, ୧୭ ର୍ୟାଙ୍କ ସୁଚିତ୍ରା ଦେବୀ ବକ୍ସି, ୧୮ ର୍ୟାଙ୍କ ସ୍ମିତି ପଣ୍ଡା, ୧୯ ର୍ୟାଙ୍କ ଆଲୋକ କୁମାର ସାହୁ ଓ ୨୦ ର୍ୟାଙ୍କ ଆଞ୍ଚଲ ତାରିଣୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଛାତ୍ରଛାତ୍ରୀମାନଙ୍କ ଏହି ରାଜ୍ୟସ୍ତରୀୟ ସଫଳତା ପାଇଁ ପରିଚାଳନା ସମିତି ସଦସ୍ୟମାନେ ପ୍ରଧାନାଚାର୍ଯ୍ୟ ଏସ୍.ମୋହନ ରାଓ ଓ ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ତଥା ଗୁରୁଜୀ ଗୁରୁମାଙ୍କୁ ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଶ୍ରୀକାନ୍ତ ମହାପାତ୍ର, ଉପ ସଭାପତି ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ସୁଦର୍ଶନ ପାଢୀ, ହରିକୃଷ୍ଣ ପାଢୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବି.ଗଜପତି ରାଓ କୃତଜ୍ଞତା ଜଣାଇଛନ୍ତି।

### ଜୁଆ ଆଡ୍ଡାରେ ଚଢାଉ, ୬ ଗିରଫ

ଆସିକା,୧୯।୧(ଡି.ଏନ୍.ଏ.)
ଗାଙ୍ଗପୁର ଥାନା ଅନ୍ତର୍ଗତ କୁଲାଙ୍ଗୀ ଗ୍ରାମରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ମଙ୍ଗଳବାର ରାତିରେ ପୋଲିସ ଚଢାଉ କରିଥିଲା। ସେଠାରୁ ୫୩,୩୮୦ ଟଙ୍କା ଜବତ କରାଯିବା ସହ ୬ ଜଣଙ୍କୁ ଗିରଫ କରାଯାଇଛି । ଏ ନେଇ ଗାଙ୍ଗପୁର ଥାନାରେ ନଂ.୩୨/୨୨ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଦେବ କୁମାର ଗମାଙ୍ଗ ସୂଚନା ଦେଇଛନ୍ତି।

### ଆସିକା:ବିଜେଡି ଜିଲାପରିଷଦ ପ୍ରାର୍ଥୀ ତାଲିକା ଘୋଷିତ

ଆସିକା,୧୯।୧(ଡି.ଏନ୍.ଏ.)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ଆସିକା ଓ କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ମୋଟ ୬ଟି ଜିଲା ପରିଷଦ ଆସନ ଲାଗି ବିଜେଡି ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା ହୋଇଛି । ଆସିକା ବ୍ଲକ ଅନ୍ତର୍ଗତ ୧ ନଂ. ଜୋନ ଲାଗି ତନ୍ମୟୀ ନାହାକ, ୨ ନଂ. ଜୋନ ଲାଗି ଅନିମା ପରିଡା, ୩ ନଂ. ଜୋନରେ ବି. ମନୋଜ କୁମାର ଦୋରା ଓ ୪ ନଂ.ଜୋନରେ ସୌଦାମିନୀ ନାହାକଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ୫ନଂ ଜୋନରେ ବଳରାମ ପ୍ରଧାନ ଓ ୬ ନମ୍ବର ଜୋନ ଲାଗି ସଙ୍ଗୀତା ସ୍ୱାଇଁଙ୍କୁ ପ୍ରାର୍ଥୀ ଚୟନ କରାଯାଇଥିବା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଯାଇଛି ।

# ୧୧ ଜିଲା ପରିଷଦ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ଫୁଲବାଣୀ ଅଫିସ/ରାଇକିଆ/ ଦାରିଙ୍ଗବାଡ଼ି(ଡି.ଏନ୍.ଏ.),୧୯।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରାର୍ଥିପତ୍ର ଦାଖଲର ତୃତୀୟ ଦିନ ବୁଧବାର କନ୍ଧମାଳ ଜିଲାରେ ୧୧ ଜଣ ଜିଲା ପରିଷଦ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଫୁଲବାଣୀ ଉପଜିଲାପାଳଙ୍କ ନିକଟରେ ଫୁଲବାଣୀ ନିର୍ବାଚନ ମଣ୍ଡଳୀର ଖଜୁରିପଡା ୪ନଂ. ଜୋନରୁ କଂଗ୍ରେସର ଚନ୍ଦ୍ରା ବେହେରା, ୩ନଂ. ଜୋନରୁ ସ୍ୱପ୍ନାରାଣୀ ମଲ୍ଲିକ, ୧୨ନଂ ଜୋନରୁ ଅଙ୍ଗଦ ଦିଗାଲ ଓ ୧୪ନଂ. ଜୋନରୁ ଶିବାନୀ କହଁର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀର ୭ଟି ଜୋନରେ ବିଜେଡି ସମର୍ଥିତ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରଛନ୍ତି। ୫ ନଂ. ଜୋନ ଜି.ଉଦୟଗିରିରେ ଲିଲିମା ପ୍ରଧାନ, ୭ନଂ. ଜୋନ ଟିକାବାଲିରେ ସାଧବାଣୀ ନାୟକ, ୮ନଂ ଜୋନ ଟିକାବାଲିରେ ନମିତା କହଁର, ୧୭ ନଂ ଜୋନ ରାଇକିଆରେ ସୁନନ୍ଦା ବେହେରା, ୧୮ନଂ. ରାଇକିଆରେ ମମତାରାଣୀ ପ୍ରଧାନ, ୧୦ନଂ ଜୋନ ଦାରିଙ୍ଗିବାଡିରେ ରଞ୍ଜନ କୁମାର ପ୍ରଧାନ, ୧୧ନଂ. ଜୋନ ଦାରିଙ୍ଗିବାଡିରେ ରମାକାନ୍ତ ମାଝି ସେମାନଙ୍କ ସମର୍ଥକଙ୍କ ଗହଣରେ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ।

# ରାସ୍ତା ଉପରେ ଘର, ଲୋକେ ହଟହଟା

ଦାରିଙ୍ଗବାଡ଼ି,୧୯।୧(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ପ୍ରମୁଖ ବଜାରଠାରୁ ବିଦ୍ୟାଳୟକୁ ଯିବା ରାସ୍ତାକୁ କିଛି ଲୋକ ଅବରୋଧ କରି ନିଜ ବାସଗୃହ ତିଆରି କରିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି । ଦୈନିକ ଉକ୍ତ ରାସ୍ତା ଦେଇ ଦଡ଼ିବାଡ଼ି, ନାଦାମାଲା ସମେତ କୁମ୍ଭାରସାହି ଓ ଦୁଇଟି ବିଦ୍ୟାଳୟକୁ ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି। ହେଲେ ଉକ୍ତ ରାସ୍ତା ଉପରେ ଘର ନିର୍ମାଣ କରି ରହିଥିବାରୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସେହିପରି ଡ୍ରେନ୍ ଉପରେ ଘରଗୁଡ଼ିକ ଥିବାରୁ ସେଠାରେ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ । ଏଣୁ ସେଠାରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇ ମଶା ବଂଶ ବୃଦ୍ଧି ପାଉଛି । ସେଠାରେ ଘର କରି ରହିଥିବା ଲୋକମାନେ ରାସ୍ତା ଉପରେ ଅଇଁଠା ବାସନ ଧୋଉଥିବାରୁ ପରିବେଶ ଦୂଷିତ ହୋଇଛି । ସେହିପରି ରାସ୍ତା ଉପରେ ନିଜ ଲୁଗାପଟା ଧୋଇବା ସହ ଉକ୍ତ ପଞ୍ଚାୟତ ରାସ୍ତାକୁ ନିଜ ଜମି ଭଳି ବ୍ୟବହାର କରୁଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ଶୀଘ୍ର ଏହାର ସ୍ଥାୟୀ ସମାଧାନ କରିବା ପାଇଁ ସ୍ଥାନୀୟବାସୀ ଦାବି କରିଛନ୍ତି।


ପଞ୍ଚାୟତ ରାସ୍ତା ଉପରେ ବିଭିନ୍ନ କାର୍ଯ୍ୟ କରାଯିବାରୁ ଯାତାୟାତରେ ସମସ୍ୟା ହେଉଛି ।

# ପଞ୍ଚାୟତ ନିର୍ବାଚନ: ତୃତୀୟ ଦିନରେ ପ୍ରାର୍ଥିପତ୍ର ଦାଖଲ

ଆସିକା/ଶେରଗଡ଼/ଗଞ୍ଜାମ/ ଗୋପାଳପୁର/ପୁରୁଷୋତ୍ତମପୁର/ ଧରାକୋଟ/ଚିକିଟି/ଖଲ୍ଲିକୋଟ/ ଦିଗପହଣ୍ଡି/କବିସୂର୍ଯ୍ୟନଗର/ପାତ୍ରପୁର/ କାଶୀନଗର/ଆର୍.ଉଦୟଗିରି/ ଜି.ଉଦୟଗିରି/କ.ନୂଆଗାଁ/ଦାରିଙ୍ଗବାଡ଼ି, ୧୯।୧(ଡି.ଏନ୍.ଏ.)

ଆସିକା ବ୍ଲକରେ ବୁଧବାର ମୋଟ ୨୩୬ଟି ନାମାଙ୍କନ ଦାଖଲ ହୋଇଛି । ସେଥିମଧ୍ୟରୁ ୱାର୍ଡମେମ୍ବର ପଦବୀ ଲାଗି ୧୬୯, ସରପଞ୍ଚ ପଦବୀ ଲାଗି ୪୯ ଓ ସମିତିସଭ୍ୟ ଲାଗି ୧୮ଟି ନାମାଙ୍କନପତ୍ର ରହିଛି। ଅପରପକ୍ଷେ ଆସିକା ବ୍ଲକର ୪ଟି ଜିଲାପରିଷଦ ଆସନ ଲାଗି ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୪ଟି ନାମାଙ୍କନ ପତ୍ର ଦାଖଲ ହୋଇଛି । ଶେରଗଡ ବ୍ଲକର ତହଁର ପଞ୍ଚାୟତ,ଗୋବିନ୍ଦପୁର ପଞ୍ଚାୟତ ପାଇଁ ଜଣେ ଲେଖାଏ ସମିତିସଭ୍ୟ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ୫ଟି ପଞ୍ଚାୟତ ଅଲରିଗଡ଼, ଧନନ୍ତର,କରଡାକଣା, ଥୁରୁବୁରାଇ ପଞ୍ଚାୟତରେ ୫ଜଣ ସରପଞ୍ଚ ପ୍ରାର୍ଥୀ ଓ ୪୩ ୱାର୍ଡ ସଭ୍ୟ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏ ନେଇ ବିଡିଓ ଶମ୍ଭୁନାଥ ନନ୍ଦି ସୂଚନା ଦେଇଛନ୍ତି।
ଗଞ୍ଜାମ ବ୍ଲକର କାଇଁଚପୁର ସରପଞ୍ଚ ପ୍ରାର୍ଥିନୀ କେ.ପୁନମ ରେଡି ଓ ମାଳିଜଗନ୍ନାଥପୁର ଗ୍ରାମର ମଞ୍ଜୁ ମହାପାତ୍ର ସମିତିସଭ୍ୟା ପ୍ରାର୍ଥିନୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।


କବିସୂର୍ଯ୍ୟନଗରରେ ନାମାଙ୍କନ ପତ୍ର ଦାଖଲ କରାଯାଉଛି।


ଖଲ୍ଲିକୋଟରେ ବିଚିତ୍ର ଜାଲି ନାମାଙ୍କନ ପତ୍ର ଦାଖଲ କରୁଛନ୍ତି ।

ରଙ୍ଗେଇଲୁଣ୍ଡା ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟରେ ୱାର୍ଡସଭ୍ୟ, ସରପଞ୍ଚ ଓ ସମିତିସଭ୍ୟଙ୍କ ନାମାଙ୍କନ ପତ୍ର ଦାଖଲ ହୋଇଛି। ୨୨ ଜଣ ସମିତିସଭ୍ୟ ପ୍ରାର୍ଥୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୪୫ ଜଣ ବିଭିନ୍ନ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ରୂପେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏଥିସହ ୧୨୯ ଜଣ ୱାର୍ଡମେମ୍ବର ନିମନ୍ତେ ପ୍ରାର୍ଥିପତ୍ର ଦାଖଲ ହୋଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।
ପୁରୁଷୋତ୍ତମପୁର ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ତୃତୀୟ ଦିନ ବିତିଥିଲେ ସୁଦ୍ଧା ଟିଙ୍ଗୁଡିଘାଇ ପଞ୍ଚାୟତରୁ କେହିହେଲେ ପ୍ରାର୍ଥିପତ୍ର ଦାଖଲ କରିନାହାନ୍ତି। ଏହି ତୃତୀୟ ଦିନରେ ତିନିଜଣ ହେବିୱେଟ ନେତା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲିଙ୍ଗରାଜ ସାହୁ ଭୀମପୁର ପଞ୍ଚାୟତରୁ ସମିତିସଭ୍ୟ, ବଡଖରିଡାରୁ ଅନିଲ କୁମାର ଦାଶ ସମିତି ସଭ୍ୟ ଓ ପାଣ୍ଡିଆ ପଞ୍ଚାୟତରୁ ପି. ଗୋପାଳ ସମିତି ସଭ୍ୟ ପ୍ରାର୍ଥୀଙ୍କ ସମେତ ସମୁଦାୟ ୨୪୯ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।
ଧରାକୋଟ ବ୍ଲକର ୧୮ ପଞ୍ଚାୟତ ମଧ୍ୟରୁ ୧୦୭ ଜଣ ୱାର୍ଡମେମ୍ବର ପକାଇଥିବା ବେଳେ ୨୦ଜଣ ସରପଞ୍ଚ ପଦବୀ ପାଇଁ ଓ ୧୩ ଜଣ ସମିତି ସଭ୍ୟ ପଦବୀ ପାଇଁ ବ୍ଲକ କାର୍ଯ୍ୟାଳୟରେ ନିଜ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି।
ଚିକିଟି ବ୍ଲକ ୧୭ ଗୋଟି ପଞ୍ଚାୟତରେ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ, ୱାର୍ଡ୍ ସଭ୍ୟ ପଦବୀ ପାଇଁ ସମୁଦାୟ ୮୭ଜଣ ପ୍ରାର୍ଥୀପତ୍ର ଦଖଲ କରିଛନ୍ତି।
ଖଲ୍ଲିକୋଟ ବ୍ଲକର ୨୯ ପଞ୍ଚାୟତରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ୱାର୍ଡମେମ୍ବର ୧୭୨, ବିଭିନ୍ନ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ୩୫ ଜଣ ଓ ସମିତିସଭ୍ୟ ପ୍ରାର୍ଥୀ ୧୯ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଖଲିକୋଟ ବିଧାୟିକାଙ୍କ ନିଜ ପଞ୍ଚାୟତ କେଶପୁର ପଞ୍ଚାୟତରେ ବିଧାୟିକା ବିରୋଧି ଗୋଷ୍ଠୀର ପ୍ରାର୍ଥୀ ବିଚିତ୍ର ଜାଲି ନାମାଙ୍କନପତ୍ର ଦାଖଲ କରିଥିଲେ।
ଦିଗପହଣ୍ଡିରେ ୩୮ସରପଞ୍ଚ,୧୫ ସମିତିସଭ୍ୟ ଓ ୨୦୨ ଜଣ ୱାର୍ଡ ସଭ୍ୟ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କୋଭିଡ୍ କଟକଣା ଲାଗୁ ହୋଇଥିବା ଯୋଗୁ ପ୍ରାର୍ଥୀମାନେ ବିନା ଶୋଭାଯାତ୍ରାରେ ନିଜେ ନିଜେ ଯାଇ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରାର୍ଥୀପତ୍ର ପ୍ରଦାନ କରିଥିବା ବିଡିଓ ହଳଧର ଶବରଙ୍କଠାରୁ ସୂଚନା ମିଳିଛି।
କବିସୂର୍ଯ୍ୟନଗରର ୨୧ ପଞ୍ଚାୟତ ଲାଗି ତୃତୀୟ ଦିବସ ସୁଦ୍ଧା ୨୦୬ ନାମାଙ୍କନ ପତ୍ର ଦାଖଲ ହୋଇଥିବା ବ୍ଲକ ନିର୍ବାଚନ ଅଧିକାରୀ ବାସୁଦେବ ନାୟକ ସୂଚନା ଦେଇଛନ୍ତି।
ପାତ୍ରପୁର ବ୍ଲକରେ ତୃତୀୟ ଦିନରେ ୧୫୬ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।
କାଶୀନଗର ବ୍ଲକରେ ବୁଧବାର ମୋଟ ୮୮ ଜଣ ବିଭିନ୍ନ ପଦବୀ ପାଇଁ ନାମାଙ୍କନ ଭରିଛନ୍ତି। ୱାର୍ଡ ସଭ୍ୟ ପାଇଁ ୬୩ ଜଣ, ସରପଞ୍ଚ ନିମନ୍ତେ ୧୧ ଓ ସମିତିସଭ୍ୟ ପଦବୀ ପାଇଁ ୧୪ଟି ମନୋନୟନ ପତ୍ର ଦାଖଲ ହୋଇଛି।
ଆର.ଉଦୟଗିରିରେ ୩୯୨ଜଣ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରଥମ, ଦ୍ୱିତୀୟ ଦିନ କୋଭିଡ ନୟମ ମାନିଥିଲେ। ତୃତୀୟ ଦିନରେ କୋଭିଡ ନିୟମକୁ ଫୁ କରି ସାମାଜିକ ଦୂରତାକୁ ଭୁଲି ଭିଡ଼ ଜମିଥିବା ଦେଖିବାକୁ ମିଳିଛି।
ଜି.ଉଦୟଗିରିରେ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଚାଲିଥିବା ବେଳେ ତୃତୀୟ ଦିନରେ ବୁଧବାର ୫୪ ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।
କ.ନୂଆଗାଁ ବ୍ଲକରେ ୫୬ଟି ପ୍ରାର୍ଥିପତ୍ର ଦାଖଲ ହୋଇଥିବା ନିର୍ବାଚନ ଅଧିକାରୀ ତଥା ବିଡିଓ ଶରତ କୁମାର ପାତ୍ର ସୂଚନା ଦେଇଛନ୍ତି।
ଦାରିଙ୍ଗବାଡ଼ିରେ ତ୍ରିସ୍ତରୀୟ ନିର୍ବାଚନ ପାଇଁ ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡ ସଭ୍ୟାସଭ୍ୟ ପାଇଁ ପ୍ରାର୍ଥୀପତ୍ର ସଂଗ୍ରହ କାର୍ଯ୍ୟ ଚାଲିଛି। ୩ ଦିନରେ ମୋଟ ୨୫୧ ନିଜ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବିଧାୟକ ସାଲୁଗା ପ୍ରଧାନ କହିଛନ୍ତି। କୋଭିଡ ଗାଇଡଲାଇନକୁ ଗୁରୁତ୍ୱ ଦିଆଯାଉଥିବା ବିଡିଓ ଗଦାଧର ପାତ୍ର କହିଛନ୍ତି।

### ଘରପଟ୍ଟା ପାଇଁ ଦାବିପତ୍ର

ରାୟଗଡା ଅଫିସ, ୧୯।୧:
ଘର ପଟ୍ଟା ପାଇଁ ଜିଲା ଉନ୍ନୟନ ଅଧିକାରୀଙ୍କୁ ଗୁଣପୁର ବ୍ଲକ ୱାର୍ଡ ନମ୍ବର ୧୧ର ଜଗନ୍ନାଥ ଗୁଡା ବାସୀ ଦାବିପତ୍ର ଦେଇଛନ୍ତି। ସେମାନେ ୨୦ ବର୍ଷ ହେବ ଉକ୍ତ ଜାଗାରେ ବସବାସ କରୁଛନ୍ତି। ଓଡିଶା ବସ୍ତି ବାସିନ୍ଦା ଭୂମି ଅଧିକାର ଅଧିନିୟମ ଅନୁଯାୟୀ ସେମାନଙ୍କୁ ଜମି ପଟା ପ୍ରଦାନ କରାଯିବା କଥା। କିନ୍ତୁ ଆଜି ପର୍ଯ୍ୟନ୍ତ ଘର ପଟ୍ଟା ମିଳିଲାନି ବୋଲି ସେମାନେ ଅମିଯୋଗ କରିଛନ୍ତି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କୁଡୁମୁଲୁଗୁମ୍ମା,୧୯।୧(ଡି.ଏନ.ଏ.):

କୁଡୁମୁଲୁଗୁମ୍ମା ଗ୍ରାମସ୍ଥିତ ଦେଶୀ ମଦଭାଟିରେ କାର୍ଯ୍ୟରତ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ତାଙ୍କ ନାମ ବିବେକ କୁମାର। ପୋଲିସ ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ସେ ବିହାରରୁ ଆସି ଏଠାରେ ବୁଧବାର ମଦଭାଟିରେ କାର୍ଯ୍ୟରେ ଯୋଗ ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଖଇରପୁଟ ପଠାଯାଇଛି। ଘଟଣାର ଅଧିକ ତଦନ୍ତ ଚାଲିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ରହସ୍ୟ ଜଣାପଡିବ ବୋଲିଥାନା ଅଧିକାରୀ ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା କହିଛନ୍ତି। ଏନେଇ ନଂ. ୩/୨୨ରେ ମାମଲା ରୁଜୁ ହୋଇଛି ।

# ମୁକ୍ତେଶ୍ୱର କ୍ରିକେଟ କ୍ଲବ ଚାମ୍ପିୟନ



ମୁକ୍ତେଶ୍ୱର କ୍ରିକେଟ କ୍ଲବର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୧୯।୧(କ୍ରୀଡ଼ା ପ୍ରତିନିଧି)

କେଶୁରା ଖେଳ ପଡ଼ିଆରେ ପଞ୍ଚାନନ ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ କଟକର ରାଇଜିଂ ଷ୍ଟୁଡେଣ୍ଟ୍ସକୁ ୮ ଉଇକେଟରେ ହରାଇ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଡେଣ୍ଟ୍ସ ୩୪.୨ ଓଭରରେ ୧୮୮ ରନ କରିଥିଲା। ଦଳ ପକ୍ଷରୁ ଅବିନାଶ ନାୟକ ସର୍ବାଧିକ ୪୦ ଓ ତାରାକାନ୍ତ ସାମଲ ୩୮ ରନ କରିଥିଲେ। ବିପକ୍ଷ ଦଳର ଜୀବନ କୁମାର ଜେନା ୫ ଉଇକେଟ ସଫଳତା ପାଇଥିବାବେଳେ ବି. ଶିବା ୨ଟି ଉଇକେଟ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ୩୧.୪ ଓଭରରେ ୨ ଉଇକେଟ ହରାଇ ୧୯୦ ରନ ସଂଗ୍ରହ କରି ନେଇଥିଲା। ପ୍ରିୟବ୍ରତ ପ୍ରିୟରଞ୍ଜନ ୮୪ ଓ ଅନୁରାଗ ଷଡ଼ଙ୍ଗୀ ୭୪ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଅନୁରାଗ ଷଡ଼ଙ୍ଗୀ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶରତ ସାହୁ ଓ ଦିଲୀପ ସାମଲ ମ୍ୟାଚ ପରିଚାଳନା କରିଥିଲେ। ସୌରଭ ବିଶ୍ୱାସ ସ୍କୋରର ଥିଲେ। ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦,୦୦୦ ଓ ରନର୍ସଅପ୍ ଦଳକୁ ୨୦,୦୦୦ଟଙ୍କା ପ୍ରଦାନ କରିଥିଲେ। ବିପ୍ଳବ ସାମନ୍ତରାୟ ମ୍ୟାନ୍ ଅଫ୍ ଦି ସିରିଜ, ବିଭାଂଶୁ ରାୟ ଶ୍ରେଷ୍ଠ ବ୍ୟାଟର, ଜୀବନ କୁମାର ଜେନା ଶ୍ରେଷ୍ଠ ବୋଲର, ଗୌରିଶ ପାତ୍ର ଶ୍ରେଷ୍ଠ ଫିଲ୍ଡରଭାବେ ପୁରସ୍କୃତ ହୋଇଥିଲେ। କେଶୁରା ଗ୍ରାମର ସଭାପତି ଶୁକଦେବ ସ୍ୱାଇଁ, ଚୈତନ୍ୟ ସ୍ୱାଇଁ, ପଞ୍ଚାନନ ଜେନା ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଜେନା ଏବଂ ଉପାଧ୍ୟକ୍ଷ ପ୍ରମୋଦ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

# ପନିକିପଟା ପ୍ରିମିୟର ଲିଗ୍ ଆରମ୍ଭ


ପ୍ରିମିୟର ଲିଗ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଓ ଖେଳାଳିମାନେ।

**ଭୁବନେଶ୍ୱର, ୧୯।୧ (କ୍ରୀଡ଼ା ପ୍ରତିନିଧି):** ପଟିଆଗଡ଼ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନ୍ତର୍ଗତ ୫ମ ପନିକିପଟା ପ୍ରିମିୟର ଲିଗ୍ ବୁଧବାର ପଟିଆ ସ୍କୁଲ ପଡ଼ିଆରେ ଆରମ୍ଭ ହୋଇଛି। ଏଥିରେ ଫ୍ରାଞ୍ଚାଇଜ୍‌ଭିତ୍ତିକ ୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ଫାୟାର ବଲ୍ ଦଳର ମାଲିକ ନିର୍ମଳ ମହାରଣା ରହିଥିବାବେଳେ କଳିଙ୍ଗ ଯୁବସେନାର ଅନିଲ କୁମାର ରାଉତ, କିଙ୍ଗ୍ସ ଇଲେଭେନ ପଟିଆର ନିହାଲ ଜେନା ଓ ସ୍ୱାର୍ଟନ ଏକାଦଶର ମାଲିକ ହେଉଛନ୍ତି ରାଜେଶ ଜେନା। ପଟିଆଗଡ଼ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ପ୍ରିମିୟର ଲିଗ୍ ୨୨ ତାରିଖରେ ଶେଷ ହେବ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୨,୦୦୦ ଓ ରନର୍ସଅପ୍ ଦଳକୁ ୧୫,୦୦୦ଟଙ୍କା ପ୍ରଦାନ କରାଯିବ। ପ୍ରଥମ ଦିବସରେ ୩ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାର୍ଟନ ଏକାଦଶକୁ କିଙ୍ଗ୍ସ ଇଲେଭେନ ପଟିଆ, କଳିଙ୍ଗ ଯୁବସେନାକୁ ଫାୟାରବଲ୍ ଏବଂ ଫାୟାରବଲ୍‌କୁ କିଙ୍ଗ୍ସ ଇଲେଭେନ ପରାସ୍ତ କରିଛି। ବିଜୁ ଜନତା ଦଳ ଜିଲା ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ପୂର୍ବତନ କର୍ପୋରେଟର ଜୟନ୍ତୀ ଜେନା, ସଞ୍ଜୟ କୁମାର ସେଠୀ, ସାମାଜିକ କର୍ମୀ ତ୍ରୈଲୋକ୍ୟ ରାଉତ ଓ ଚିତ୍ତରଞ୍ଜନ ପାତ୍ର ଅତିଥିଭାବେ ଯୋଗଦେଇ ପ୍ରିମିୟର ଲିଗ୍‌କୁ ଉଦ୍‌ଘାଟନ କରିଥିଲେ। ପ୍ରଦୀପ ଜେନା, ଅନିଲ କୁମାର ରାଉତ, ଅଜିତ ସାମଲ, ଆକାଶ ଜେନା, ଶାଶ୍ୱତ ପାତ୍ର ଓ ସଚ୍ଚିଦାନନ୍ଦ ବାରିକଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହେଉଛି। ସେହିପରି ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ପଟିଆଗଡ଼ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ୨୩ ତାରିଖରେ ଅନୁଷ୍ଠିତ ହେବ।

## ବିନା ଦର୍ଶକରେ ହେବ ଶୀତକାଳୀନ ଅଲିମ୍ପିକ୍ସ

**ବେଜିଂ,୧୯।୧:** କରୋନା ଭାଇରସ କଟକଣା ପାଇଁ ବେଜିଂରେ ଲକ୍‌ଡାଉନ ଜାରି ହେବ। ତେଣୁ ୨୦୨୨ ଶୀତକାଳୀନ ଅଲିମ୍ପିକ୍ସ ବିନା ଦର୍ଶକରେ ଆୟୋଜନ ହେବ। ତେଣୁ ବେଜିଂ କ୍ରୀଡ଼ା ପ୍ରଶଂସକ ଏଥିରେ ନିରାଶ ହୋଇଛନ୍ତି। ଜନସାଧାରଣଙ୍କ ପାଇଁ ଟିକେଟ ବିକ୍ରି ହେବ ନାହିଁ ବୋଲି ସୋମବାର ଆୟୋଜକମାନେ ଘୋଷଣା କରିଛନ୍ତି। କେବଳ ସ୍ୱତନ୍ତ୍ର କେତେଜଣ ଦର୍ଶକଙ୍କୁ ଅନୁମତି ଦିଆଯିବ। ବେଜିଂ ନ୍ୟାଶନାଲ ଷ୍ଟାଡିୟମ, ବେଜିଂ କେନ୍ଦ୍ରସ୍ଥଳୀରେ ଥିବା କେତୋଟି ଇନ୍‌ଡୋର ଭେନ୍ୟୁଗୁଡ଼ିକୁ ମଧ୍ୟ ସିଲ୍ କରି ଦିଆଯାଇଛି। ଏହି ନିଷ୍ପତ୍ତି ବିରୋଧରେ ସ୍ୱର ଉତ୍ତୋଳନ ହେଲେ ତାହାକୁ ଦବାଇ ଦିଆଯିବାର ଆଶଙ୍କା ରହିଛି। ତେବେ ଦର୍ଶକମାନେ ଟିଭିରେ ସିଧା ପ୍ରସାରଣ ଓ ଅନ୍‌ଲାଇନ ଲାଇଭ ଷ୍ଟ୍ରିମିଂ ମାଧ୍ୟମରେ ଶୀତକାଳୀନ ଅଲିମ୍ପିକ୍ସକୁ ଉପଭୋଗ କରିପାରିବେ। ବିଶ୍ୱର ପ୍ରଥମ ସହର ଭାବେ ବେଜିଂ ଉଭୟ ଶୀତକାଳୀନ ଓ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଆୟୋଜନ କରିବ। ଚାଇନାରେ ଏବେ ୨୦ ମିଲିୟନ ଲୋକ ଲକ୍‌ଡାଉନ୍‌ରେ ରହିଛନ୍ତି। ପୂର୍ବରୁ କୌଣସି ବିଦେଶୀ ପ୍ରଶଂସକଙ୍କୁ ମଧ୍ୟ ଦେଶ ମଧ୍ୟକୁ ପ୍ରବେଶ କରିବାର ଅନୁମତି ଦିଆଯିବ ନାହିଁ ବୋଲି ଆୟୋଜକମାନେ ଘୋଷଣା କରିସାରିଛନ୍ତି।

## ଭାରତୀୟ ମହିଳା ଫୁଟ୍‌ବଲ ଦଳର ୨ ପଜିଟିଭ

**ମୁମ୍ବାଇ,୧୯।୧:** ଗୁରୁବାରଠାରୁ ଏଏଫ୍‌ସି ମହିଳା ଏସିଆନ କପ୍ ଆରମ୍ଭ ହେବାକୁ ଯାଉଛି। ତେବେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ କରୋନା ସଙ୍କଟ ଦେଖାଦେଇଛି। ଭାରତୀୟ ଦଳର ଦୁଇଜଣ ସଦସ୍ୟ କରୋନା ପଜିଟିଭ ବୋଲି ଜଣାପଡିଛି। ଟୁର୍ଣ୍ଣାମେଣ୍ଟ ବାୟୋ ବବଲ୍‌ରେ କରୋନା ଭାଇରସ ପ୍ରବେଶ କରିଛି। ସଂକ୍ରମିତ ଦୁଇ ସଦସ୍ୟଙ୍କୁ ଆଇସୋଲେଶନରେ ରଖାଯାଇଛି ଓ ସେମାନଙ୍କର ଚିକିତ୍ସା କରାଯାଉଛି ବୋଲି ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ତରଫରୁ କୁହାଯାଇଛି। ଖେଳାଳିଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦିଆଯାଉଛି ବୋଲି ପ୍ରକାଶ କରାଯାଇଛି।

# ୨୦୨୨ ପରେ ଅବସର ନେବେ ସାନିଆ

ମେଲବୋର୍ନ,୧୯।୧



ଭାରତୀୟ ମହିଳା ଅଭିଜ୍ଞ ଟେନିସ ତାରକା ସାନିଆ ମିର୍ଜା ୨୦୨୨ ସିଜନ ପରେ କ୍ୟାରିୟର ଶେଷ କରିବେ। ଫିଟ୍‌ନେସ ଦୃଷ୍ଟିରୁ ଦେହ ଥକିବା ଆରମ୍ଭ କଲାଣି। ପୂର୍ବପରି ଫିଟ୍‌ନେସ ବଜାୟ ରଖିବା କଷ୍ଟକର ହୋଇପଡିଲାଣି ବୋଲି ଅଷ୍ଟ୍ରେଲିଆନ ଓପନ ମହିଳା ଡବଲ୍ସ ପ୍ରଥମ ରାଉଣ୍ଡରେ ପରାଜୟ ବରଣ କରିବା ପରେ ସେ ପ୍ରକାଶ କରିବା ନିଜ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି। ୩୫ ବର୍ଷୀୟା ସାନିଆ ତାଙ୍କ ଉଜ୍ଜ୍ୱଳମୟ କ୍ୟାରିୟରରେ ୩ଟି ମିକ୍ସଡ ଡବଲ୍ସ ଟ୍ରଫି ସହ ମୋଟ ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ପୁଅକୁ ଏବେ ୩ ବର୍ଷ ହେଲାଣି। ତେଣୁ ତାକୁ ନେଇ ଅତ୍ୟଧିକ ଯାତ୍ରା କରିବା ଠିକ୍ ନୁହେଁ ବୋଲି ଭାବୁଛି। ପୁଣି କରୋନା ମହାମାରୀ ସ୍ଥିତିକୁ ଆହୁରି ଅଧିକ ଜଟିଳ କରିଛି। ନିଜ ଓ ପରିବାର ହିତ ଦୃଷ୍ଟିରୁ ଏପରି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି ବୋଲି ମ୍ୟାଚ ପର ଖବରଦାତା ସମ୍ମିଳନୀରେ ସାନିଆ କହିଛନ୍ତି। ପୂର୍ବ ଭଳି ଫିଟ୍‌ନେସ୍ ମଧ୍ୟ ରହୁନାହିଁ। ଆଣ୍ଠୁ ସମସ୍ୟା ମଧ୍ୟ ଜାରି ରହିଛି। ବୟସ ମଧ୍ୟ ବଢ଼ିବାରେ ଲାଗିଛି ବୋଲି ସେ କହିଛନ୍ତି।

ଉଲ୍ଲେଖଥାଉ କି ସାନିଆ ଓ ସୁଇଜରଲାଣ୍ଡର ମାର୍ଟିନା ହିଙ୍ଗିସ୍ ଏକଦା ମହିଳା ଡବଲ୍ସ ର୍‍ୟାଙ୍କିଙ୍ଗ୍‌ରେ ୧ ନମ୍ବର ସ୍ଥାନ ଅଧିକାର କରିଥିଲେ। ଯେ ପର୍ଯ୍ୟନ୍ତ ଟେନିସକୁ ଉପଭୋଗ କରୁଥିବି ସେ ପର୍ଯ୍ୟନ୍ତ ଖେଳ ଜାରି ରଖିବି ବୋଲି କହିଥିଲି। ପୂର୍ବରୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଓ ଫିଟ୍‌ନେସ ହାସଲ କରିବା ପାଇଁ ମଧ୍ୟ କଠିନ ପରିଶ୍ରମ କରିଥିଲି। କିନ୍ତୁ ଏବେ ଶରୀର ଅନୁମତି ଦେଉନାହିଁ ବୋଲି ସେ କହିଛନ୍ତି। ଏହା ମୋ କ୍ୟାରିୟରର ଅନ୍ତିମ ସିଜନ। ତେଣୁ ପୁଣି ଥରେ ଅଷ୍ଟ୍ରେଲିଆନ ଓପନ୍ ଖେଳିବାକୁ ଆସିବି ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଜାତୀୟ ଆଇସଷ୍ଟକ୍‌ରେ ଓଡ଼ିଶାକୁ ବ୍ରୋଞ୍ଜ



ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଖେଳାଳି।

**ଭୁବନେଶ୍ୱର,୧୯।୧:** ଗତ ୧୫ରୁ ୧୭ ମଧ୍ୟରେ କଶ୍ମୀରର ଗୁଲମାର୍ଗରେ ଜାତୀୟ ଆଇସ୍‌ଷ୍ଟକ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଆଇସ୍‌ଷ୍ଟକ୍ ଦଳକୁ ଟିମ୍ ଗେମ୍ ଓ ଲଙ୍ଗ୍ ଡିଷ୍ଟାନ୍ସ ଇଭେଣ୍ଟରେ ବ୍ରୋଞ୍ଜ ପଦକ ମିଳିଛି। ବ୍ରୋଞ୍ଜ ପଦକ ହାସଲ କରିଥିବା ଓଡ଼ିଶା ଦଳରେ କୁନାଲ ବେହେରା, ଅଂଶୁମାନ ଭୌମିକ, ଆଶୁତୋଷ ପୂଜାରୀ ଓ ଯଶୋବନ୍ତ ସାମିଲ ଥିଲେ। କୋଚ୍ ହରିଶ ବେହେରାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ଏଥିରେ ୨୦ଟି ରାଜ୍ୟ ଦଳ ଭାଗ ନେଇଥିଲେ। ବ୍ରୋଞ୍ଜ୍ ବିଜୟୀ ଓଡ଼ିଶା ଖେଳାଳିମାନଙ୍କୁ ଆଇସ୍‌ଷ୍ଟକ୍ ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

## ଆଇସିସି ମହିଳା ଟି୨୦ ଦଳରେ ମନ୍ଧାନା

**ଦୁବାଇ, ୧୯।୧ (ପି.ଟି.):** ଆଇସିସି ମହିଳା ଟି୨୦ ଟିମ୍ ଅଫ୍ ଦି ଇୟର ଦଳରେ ଭାରତର ସ୍ମୃତି ମନ୍ଧାନା ସ୍ଥାନ ପାଇଛନ୍ତି। ୨୦୨୧ରେ ଚମତ୍କାର ପ୍ରଦର୍ଶନ ପାଇଁ ତାଙ୍କୁ ଏହି ସଫଳତା ମିଳିଛି। ତେବେ କୌଣସି ଭାରତୀୟ ପୁରୁଷ ଟି୨୦ ଟିମ୍ ଅଫ୍ ଦି ଇୟର ଦଳରେ ସ୍ଥାନ ପାଇନାହାନ୍ତି। ଟି୨୦ରେ ଭାରତୀୟ ଦଳର ଉପ-ଅଧିନାୟିକା ଥିବା ମନ୍ଧାନା ୨୦୨୧ରେ ଏହି ଫର୍ମାଟରେ ଦେଶର ସର୍ବାଧିକ ସ୍କୋରର ରହିଥିଲେ। ସେ ୩୧.୮୭ ଆଭରେଜରେ ୨୫୫ ରନ କରିଥିଲେ। ୨୫ ବର୍ଷୀୟା ଏହି ଖେଳାଳି ୯ଟି ମ୍ୟାଚ ଖେଳି ୨ଟି ଅର୍ଦ୍ଧଶତକ ହାସଲ କରିଥିଲେ। ତାଙ୍କ ଷ୍ଟ୍ରାଇକ୍ ହାର ଥିଲା ୧୩୧.୪୪। ମନ୍ଧାନା ଏକମାତ୍ର ଭାରତୀୟ ଭାବେ ଟିମ୍‌ରେ ସ୍ଥାନ ପାଇଛନ୍ତି। ଇଂଲଣ୍ଡ ଖେଳାଳିଙ୍କ ଆଧିପତ୍ୟ ରହିଥିବାବେଳେ ନାଟ୍ ସ୍କିଭର ଅଧିନାୟିକା ହୋଇଛନ୍ତି।

## ରାଜ୍ୟ ଖବର

# ପରିବେଶ ମଞ୍ଜୁରୀ ଲଘୁ ଉତ୍ସରୁ ୨୫ ସୁଦ୍ଧା ଉତ୍ତୋଳନ ନିର୍ଦ୍ଦେଶ

ଭୁବନେଶ୍ୱର,୧୯।୧(ବ୍ୟୁରୋ)

### ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନ ସମୀକ୍ଷା ବୈଠକ

ଲଘୁ ଖଣିଜ ପଦାର୍ଥ ଉତ୍ସଗୁଡ଼ିକରୁ ନିୟମିତ ରାଜସ୍ୱ ଆଦାୟ, ବେଆଇନ ଉଠାଣ ଓ ଚୋରି ସହିତ ଆନ୍ତଃରାଜ୍ୟ ଚାଲାଣକୁ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପରିବେଶ ମଞ୍ଜୁରୀ ମିଳିସାରିଥିବା ସମସ୍ତ ଉତ୍ସଗୁଡ଼ିକରୁ ଜାନୁୟାରୀ ୨୫ ସୁଦ୍ଧା ଲଘୁଖଣିଜ ପଦାର୍ଥ ଉତ୍ତୋଳନ କାର୍ଯ୍ୟ ଆରମ୍ଭ କରାଯିବ । ଓର୍‌ସାକ ସହାୟତାରେ ଡିଜିପିଏସ୍ ସର୍ଭେ ଦ୍ୱାରା ରାଜ୍ୟର ପ୍ରମୁଖ ନଦୀଗୁଡ଼ିକର ବାଲୁକା ଉତ୍ସକୁ ଚିହ୍ନଟ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବୁଧବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନ ଅନ୍ତର୍ଗତ ୧୦ଟି ଜିଲାର ଅତିରିକ୍ତ ଜିଲାପାଳମାନଙ୍କର ଏକ ସମୀକ୍ଷା ବୈଠକ ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ହୋଇଯାଇଛି। ଜିଲାଗୁଡ଼ିକରେ ହେଉଥିବା ବିଭିନ୍ନ ପ୍ରକାର ଉନ୍ନତିମୂଳକ ତଥା ଭିତ୍ତିଭୂମି ପ୍ରକଳ୍ପ ଯଥା ରେଳ, ଜାତୀୟ ରାଜପଥ ଓ ଜଳସେଚନ ନିମନ୍ତେ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ଅଗ୍ରାଧିକାର ଭିତ୍ତିରେ ଶେଷ କରିବାକୁ ଅତିରିକ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ କୋଟିଆର ସର୍ବାଙ୍ଗୀନ ବିକାଶକୁ ଅଧିକ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦିଆଯାଇଛି। ଏହି ପ୍ରସଙ୍ଗରେ କୋରାପୁଟ ଜିଲା ପ୍ରଶାସନକୁ ପ୍ରତି ୧୫ ଦିନରେ ସମସ୍ତ ବିକାଶମୂଳକ କାର୍ଯ୍ୟକୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ରେଜିଷ୍ଟ୍ରେଶନ ଅଫିସରେ ଏକକ ପଇଠ ବ୍ୟବସ୍ଥା ଉପରେ ବିଚାରବିମର୍ଶ କରିବାକୁ ଆଇଜିଆର(ଇନ୍ସପେକ୍ଟର ଜେନେରାଲ ଅଫ ରେଜିଷ୍ଟ୍ରେଶନ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅନୁଯାୟୀ ସମସ୍ତ ଜନସେବାଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଫଇସଲା କରିବା, ବେ-ବନ୍ଦୋବସ୍ତ, ଗ୍ରାମକଣ୍ଠ ପରମବୋକ ଓ ନଜୁଲ ଜମିଜମାଗୁଡ଼ିକର ଶୀଘ୍ର ଫଇସଲା ଓ ସମାଧାନ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଅତିରିକ୍ତ ଜିଲାପାଳମାନେ ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ତହସିଲଦାରମାନଙ୍କ ସହିତ ସମୀକ୍ଷା ବୈଠକ କରି ସ୍କୁଲ ଓ କଲେଜଗୁଡ଼ିକରେ ଥିବା ଜମିଜମା ସମସ୍ୟାକୁ ସମାଧାନ କରିବା ସହ ଆସନ୍ତା ମାର୍ଚ୍ଚ ୫ ତାରିଖ ମଧ୍ୟରେ ଅନୁଷ୍ଠାନଗୁଡ଼ିକୁ ଜମିପଟ୍ଟା ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।। ବସୁନ୍ଧରା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଯଥାଶୀଘ୍ର ଜମି ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯାହାଦ୍ୱାରା ପଞ୍ଚାୟତିରାଜ ବିଭାଗର ଆବାସ ଯୋଜନାକୁ ଶୀଘ୍ର କାର୍ଯ୍ୟକାରୀ କରାଯାଇପାରିବ । ବିଭିନ୍ନ ରାଜସ୍ୱ ଅଧିକାରୀ ପଦବୀ ପୂରଣ, ପେନ୍‌ସନ, ପଦୋନ୍ନତି ଓ ଚାକିରି ନିୟମିତ ନିମିତ୍ତ ସର୍ବଦା ତତ୍ପର ହୋଇ କାମ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଏବଂ ଅତିରିକ୍ତ ଜିଲାପାଳମାନେ ନିୟମିତ ଭାବେ ସ୍ଥାନୀୟ ସମସ୍ୟାଗୁଡ଼ିକର ସମୀକ୍ଷା କରିବା ସହିତ ୫-ଟି ଓ ମୋ ସରକାର କାର୍ଯ୍ୟସୂତ୍ରୀ ଆଧାରରେ ରାଜସ୍ୱ ପ୍ରଶାସନକୁ ସ୍ୱଚ୍ଛ, ନିର୍ମଳ ଓ ସଶକ୍ତୀକରଣ କରିବା ପାଇଁ ସବୁପ୍ରକାର ପଦକ୍ଷେପ ନେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏହିପରି ଡିଭିଜନସ୍ତରୀୟ ସମୀକ୍ଷା ବୈଠକ ପ୍ରତି ମାସରେ ଅନୁଷ୍ଠିତ ହେବ ବୋଲି ବିଭାଗ ତରଫରୁ ଜଣାପଡ଼ିଛି। ଏଥିରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ବିଭାଗର ବହୁ ବରିଷ୍ଠ ଅଧିକାରୀ, ଆଇଜିଆର, ଓଡ଼ିଶା ଏବଂ ଭୂ-ଅଭିଲେଖ ଓ ସର୍ବେକ୍ଷଣ ସଂସ୍ଥାର ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ଅଧିକାରୀ ଯୋଗ ଦେଇଥିଲେ।

# ୬୦% ଓମିକ୍ରନ

- ୨୪୯ ନମୁନାରୁ ୧୪୫ ରିପୋର୍ଟ ପଜିଟିଭ୍
- ଓମିକ୍ରନ୍ ଆକ୍ରାନ୍ତ ସଂଖ୍ୟା ୩୪୭କୁ ବୃଦ୍ଧି

ଭୁବନେଶ୍ୱର,୧୯।୧(ବ୍ୟୁରୋ)



ତୃତୀୟ ଲହରରେ ସଂକ୍ରମଣ ହୁହୁ ହୋଇ ବଢ଼ି ଚାଲିଛି। ରାଜ୍ୟରେ ଏବେ ଦୈନିକ ୧୧ ହଜାରରୁ ଊର୍ଦ୍ଧ୍ୱ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଓମିକ୍ରନ୍ ପାଇଁ ସଂକ୍ରମଣ କ୍ରମାଗତ ଦ୍ରୁତଗତିରେ ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ କହୁଛନ୍ତି। ଏ ପରିସ୍ଥିତିରେ ଓମିକ୍ରନ୍ ଚିହ୍ନଟ ହାରକୁ ଦେଖିଲେ ରାଜ୍ୟରେ କରୋନାର ଏହି ନୂଆ ଭାରିଆଣ୍ଟର ସ୍ଥିତି ଦୃଢ଼ ହୋଇସାରିଥିବା ବାରି ହୋଇପଡୁଛି। ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍) ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଗତ ୯ରୁ ୧୬ ତାରିଖ ମଧ୍ୟରେ ୨୪୯ଜଣ କରୋନା ଆକ୍ରାନ୍ତଙ୍କ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ଆସିଥିଲା। ସେଥିମଧ୍ୟରୁ ୧୪୫ଟିର ରିପୋର୍ଟ ପଜିଟିଭ୍ ଆସିଛି, ଅର୍ଥାତ୍ ସଂକ୍ରମଣ ହାର ପ୍ରାୟ ୬୦% ରହିଛି। ଏହାକୁ ହିସାବକୁ ନେଲେ ରାଜ୍ୟରେ ଦୈନିକ ଚିହ୍ନଟ ହେଉଥିବା କରୋନା ଆକ୍ରାନ୍ତଙ୍କ ମଧ୍ୟରେ ବି ପ୍ରାୟ ୬୦% ଓମିକ୍ରନ ସଂକ୍ରମିତ ହୋଇଥିବେ। ଅଧିକ ନମୁନାର ଜିନୋମ ସିକ୍ୱେନ୍ସିଂ କରାଗଲେ ଆହୁରି ଅଧିକ ଓମିକ୍ରନ ସଂକ୍ରମିତ ଚିହ୍ନଟ ହେବେ ବୋଲି ଆଶଙ୍କା କରାଯାଉଛି। ସେପଟେ ରାଜ୍ୟକୁ ଆସିଥିବା 'ଓମିସିଓର' କିଟ୍‌ରେ ପରୀକ୍ଷଣ ଆରମ୍ଭ ହେଲେ ରାଜ୍ୟରେ ଓମିକ୍ରନ ସ୍ଥିତି ଓ ଦୈନିକ ଆକ୍ରାନ୍ତ ସଂଖ୍ୟା ସ୍ପଷ୍ଟ ହୋଇଯିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶାବ୍ୟକ୍ତ କରିଛନ୍ତି।

ଇତିମଧ୍ୟରେ ରାଜ୍ୟର ସବୁ ଜିଲାକୁ ଓମିକ୍ରନ୍ ଭୂତାଣୁ ବ୍ୟାପିଯାଇଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡିଛି। ଡିସେମ୍ବର ୨୧ରେ ଓଡ଼ିଶାରେ ପ୍ରଥମେ ୨ଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାପରେ ଡିସେମ୍ବର ୨୩ ତାରିଖରେ ୨ଜଣ, ୨୬ରେ ୪ଜଣ, ୨୯ରେ ଜଣେ, ୩୦ରେ ୫ଜଣ, ଜାନୁୟାରୀ ୨ରେ ୨୩ଜଣ, ୫ରେ ୨୪ଜଣ, ୮ରେ ୧୪ଜଣ, ୧୦ରେ ୨୮ଜଣ, ୧୨ରେ ୬୭ଜଣ ଓ ୧୫ ତାରିଖରେ ଆଉ ୩୨ଜଣ ଚିହ୍ନଟ ହେବା ପରେ ଏହି ସଂଖ୍ୟା ୨୦୨କୁ ବୃଦ୍ଧି ପାଇଥିଲା। ତେବେ ଏହି ଭୂତାଣୁ ଫୁସ୍‌ଫୁସ୍‌ରେ ପହଞ୍ଚିବାବେଳକୁ ଦୁର୍ବଳ ହୋଇଯାଉଥିବାରୁ ମୃତ୍ୟୁ ହାର ଅତି ନଗଣ୍ୟ ରହୁଛି। କିନ୍ତୁ ସଂକ୍ରମଣ ହାର କ୍ଷିପ୍ର ବେଗରେ ବଢୁଥିବାରୁ ଚିନ୍ତା ବଢୁଛି।

# ୬ ସ୍ଥାନରେ ଖୋଲିଲା କୋର୍ଟ

କଟକ ଅଫିସ,୧୯।୧

ରାଜ୍ୟର ୬ଟି ସ୍ଥାନରେ ନୂତନ କୋର୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ସେଗୁଡିକ ହେଲା ମାଲକାନଗିରି ଜିଲା କୁଡୁମୁଲୁଗୁମାଠାରେ ସିଭିଲ ଜଜ ତଥା ଜେଏମ୍‌ଏଫ୍‌ସି, କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ସିନିୟର ସିଭିଲ ଜଜ୍ ତଥା ସହକାରୀ ସେସନ ଜଜ୍(ମହିଳା ଅଦାଲତ), କେନ୍ଦ୍ରାପଡାରେ ସିନିୟର ସିଭିଲ ଜଜ୍, ଯାଜପୁରରେ ସିନିୟର ସିଭିଲ ଜଜ୍, ବଲାଙ୍ଗୀରରେ ସିନିୟର ସିଭିଲ ଜଜ୍ ଓ କେନ୍ଦୁଝରରେ ସିନିୟର ସିଭିଲ ଜଜ୍ ତଥା ସହକାରୀ ସେସନ ଜଜ୍(ମହିଳା ଅଦାଲତ)। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭର୍ଚୁଆଲ ମାଧ୍ୟମରେ ଏହାର ଉଦ୍‌ଘାଟନ କରି କହିଥିଲେ, ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବିଚାରପତି, ଜୁଡିସିଆଲ ଅଧିକାରୀ, ଓକିଲ ସଂଘର ସଦସ୍ୟ, ସ୍ଥାନୀୟ ପ୍ରଶାସନ ଓ ପୋଲିସର ପ୍ରମୁଖ ଭୂମିକା ରହିଛି। କୁଡୁମୁଲୁଗୁମା ପରି ଉପାନ୍ତ ଅଞ୍ଚଳରେ କୋର୍ଟ ଖୋଲିବା ଦ୍ୱାରା ଆଦିବାସୀମାନେ ବିଶେଷଭାବେ ଉପକୃତ ହେବେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି ଏସ୍. ପୂଜାହାରୀ, ଜଷ୍ଟିସ ବିଶ୍ୱନାଥ ରଥ, ଏସ୍.କେ. ସାହୁ, ବି.ପି. ରାଉତରାୟ, ହାଇକୋର୍ଟ ରେଜିଷ୍ଟ୍ରାର ଅଧିକାରୀଙ୍କ ସମେତ ସମସ୍ତ କୋର୍ଟର ବିଚାରପତି ଏବଂ ଓକିଲ ସଂଘର ସଦସ୍ୟ ଉପସ୍ଥିତ ଥିଲେ।

# ହାଇୱା ଧକ୍କାରେ ୨ ଯୁବକ ମୃତ

ଭଦ୍ରକ ଅଫିସ/ପଦ୍ମପୁର, ୧୯।୧ (ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଚାନ୍ଦବାଲି-ବାଇପାସ୍ ରାସ୍ତାର ଇଚ୍ଛାପୁର ଛକ ନିକଟରେ ବୁଧବାର ଏକ ହାଇୱା ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ତିହିଡ଼ି ଥାନା ବୋଡ଼କ ପଞ୍ଚାୟତ ବଡ଼େଇପଦା ଗ୍ରାମର ବିକାଶ ପତି ଓ ପ୍ରିୟବ୍ରତ ସାମଲ। ଉଭୟେ ବାଇକ୍‌ରେ ଭଦ୍ରକ ଆସୁଥିବା ବେଳେ ଇଚ୍ଛାପୁର ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ସାବରଙ୍ଗ ଥାନାଧିକାରୀ ଶୋଭନ କୁମାର ସ୍ୱାଇଁ ଓ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ମିଳିଲା ନିଖୋଜ ଛାତ୍ରଙ୍କ ଗଳିତ ମୃତଦେହ

ପରଜଙ୍ଗ, ୧୯।୧(ଡି.ଏନ୍.ଏ.)

### ପିଉସୀଙ୍କ ଘରେ ରହି ପଢୁଥିଲେ


ବିଶ୍ୱଭୂଷଣ ପଣ୍ଡା।

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମୁଣ୍ଡେଇଲୋ ଗ୍ରାମର ଦଶମ ଶ୍ରେଣୀ ଛାତ୍ର ବିଶ୍ୱଭୂଷଣ ପଣ୍ଡା (୧୫)ଙ୍କ ଗଳିତ ମୃତଦେହ ଝିଲି-ପଥରଗଡ଼ ବାମ୍ ରାସ୍ତାର ଏକ ପୋଲ ତଳୁ ବୁଧବାର ପୋଲିସ ଜବତ କରିଛି। ସେ ଗତ ୧୦ ତାରିଖରୁ ନିଖୋଜ ଥିଲେ। ପ୍ରାଥମିକ ତଦନ୍ତରୁ ଏହା ହତ୍ୟାକାଣ୍ଡ ବୋଲି ପୋଲିସ କହିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିଛି। ଏ ସଂକ୍ରାନ୍ତରେ ପରଜଙ୍ଗ ଥାନାରେ ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ମୁଣ୍ଡେଇଲୋ ଗ୍ରାମର ଜିତେନ୍ଦ୍ର ପଣ୍ଡାଙ୍କ ପୁଅ ବିଶ୍ୱଭୂଷଣ ମହାବିରୋଡ ଗ୍ରାମସ୍ଥିତ ତାଙ୍କ ପିଉସୀ ରୀତାରାଣୀ ପଣ୍ଡାଙ୍କ ଘରେ ରହି ପଢୁଥିଲେ। ଚଳିତ ବର୍ଷ ସେ ମାଟ୍ରିକ୍ ପରୀକ୍ଷା ଦେଇଥାଆନ୍ତେ। ଗତ ୧୦ ତାରିଖ ଅପରାହ୍ଣରେ କ୍ଷୀର ଆଣିବା ପାଇଁ ବଜାରକୁ ଯାଇ ସେ ଆଉ ଫେରି ନ ଥିଲେ। ଏ ନେଇ ବାପା ଜିତେନ୍ଦ୍ର ୧୧ ତାରିଖରେ ମହାବିରୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏକ ଗଳିତ ମୃତଦେହ ପୋଲ ତଳେ ପଡ଼ିଥିବା ସୂଚନା ମିଳିବା ପରେ ବୁଧବାର ମହାବିରୋଡ ଫାଣ୍ଡି ପୋଲିସ ପହଞ୍ଚି ଶବ ଜବତ କରିଥିଲା। ପରିବାର ଲୋକେ ଚିହ୍ନଟ କରିବା ପରେ ମୃତଦେହ ବ୍ୟବଚ୍ଛେଦ ଲାଗି ପରଜଙ୍ଗ ପଠାଯାଇଛି। ଏ ନେଇ ଫାଣ୍ଡି ଅଧିକାରୀ ପ୍ରଦୀପ ରଞ୍ଜନ ପାତ୍ର କୁହନ୍ତି, ଏହା ଏକ ହତ୍ୟାକାଣ୍ଡ ବୋଲି ପାରିପାର୍ଶ୍ୱିକ ଅବସ୍ଥାରୁ ଜଣାପଡୁଛି। ଘଟଣାର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପଟେ ପୋଲିସ କେତେଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚୁରା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

# 'ପିଲାଙ୍କୁ ଜ୍ୱର ହେଲେ ଦୁଇଦିନ ପାରାସିଟାମଲ ଦିଅ'

ଭୁବନେଶ୍ୱର, ୧୯।୧(ବ୍ୟୁରୋ)

ପିଲାଙ୍କୁ ସହଜରେ କରୋନା ହୁଏ ନାହିଁ। ତେଣୁ ଡରିବାର କୌଣସି ଆବଶ୍ୟକ ନାହିଁ। ଏବେ ଦୈନିକ ଯେତିକି ପିଲା ସଂକ୍ରମିତ ହେଉଛନ୍ତି, ସେଥିରୁ ୯୫% ଲକ୍ଷଣହୀନ ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ମାତ୍ର ୧% ପିଲାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ପଡୁଛି। କିନ୍ତୁ ପିଲାଙ୍କ ମଧ୍ୟରେ ୧୨ରୁ ୧୮ ବର୍ଷ ବର୍ଗଙ୍କୁ ସଂକ୍ରମଣ ହେବା ସମ୍ଭାବନା ଅଧିକ ରହିଛି। କାଶ, ଛିଙ୍କ, ଥଣ୍ଡା, ଦେହରେ ଲାଲ୍ ଚିହ୍ନ ବା ପତଳା ଝାଡ଼ା ହେବା ସଂକ୍ରମଣର ଲକ୍ଷଣ' କିନ୍ତୁ ସବୁ କାଶ, ଛିଙ୍କ କରୋନା ନୁହେଁ ବୋଲି କଟକ ଶିଶୁଭବନର ଡା. ସୁନୀଲ ଅଗ୍ରୱାଲ କହିଛନ୍ତି। ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କୋଭିଡ୍ ସଚେତନତା କାର୍ଯ୍ୟକ୍ରମରେ ଡା. ଅଗ୍ରୱାଲ କହିଲେ, ପିଲାଙ୍କୁ ଜ୍ୱର ହେଲେ ପ୍ରଥମ ଦୁଇଦିନ ପାରାସିଟାମଲ ଔଷଧ ଦିଅ। ୫ ବର୍ଷରୁ କମ୍ ପିଲାଙ୍କୁ ମାସ୍କ ପିନ୍ଧାଇବା ଦରକାର ନାହିଁ। ପିଲାଙ୍କ ଇମ୍ୟୁନିଟି ବହୁତ ଭଲ। ପିଲାଙ୍କର ଯଦି ଅନ୍ୟ କିଛି ଟିକା ବାକି ଥାଏ, ସେସବୁ ଦେଇଦେବାକୁ ସେ ପରାମର୍ଶ ଦେଇଛନ୍ତି। ଅନ୍ୟ ଟିକା କେବଳ ସମ୍ପୃକ୍ତ ରୋଗ ରୋକିବନି, କରୋନାକୁ ବି ତଡ଼ିବ। କୋଭିଡ୍ ପଜିଟିଭ ମା' ମଧ୍ୟ ପିଲାଙ୍କୁ ସ୍ତନ୍ୟପାନ କରାଇ ପାରିବେ ବୋଲି ଡା. ଅଗ୍ରୱାଲ କହିଛନ୍ତି।

## ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଛୁଟିରେ ରହିବେ ଆସ୍ନେର

ଭାରତ ପେ'ର ସହ ପ୍ରତିଷ୍ଠାତା ଆସ୍ନେର୍ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ସ୍ୱେଚ୍ଛାକୃତ ଛୁଟିନେବାକୁ ନିଷ୍ପତ୍ତି ନେଇଥିବା ନିକଟରେ ବୋର୍ଡକୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ବର୍ତ୍ତମାନ ପାଇଁ ବୋର୍ଡ ଆସ୍ନେରଙ୍କ ନିଷ୍ପତ୍ତିକୁ ଗ୍ରହଣ କରିଛି, ସୋସିଆଲ ମିଡିଆରେ ଏକ ଅଡିଓ କ୍ଲିପ୍ ଆସିବା ପରେ ଗ୍ରୋଭର ଚର୍ଚ୍ଚାରେ ରହିଛନ୍ତି, ଯେଉଁଥିରେ ଏକ ଦମ୍ପତି ଏକ ବ୍ୟାଙ୍କର ମ୍ୟାନେଜରଙ୍କ ସହ କଥା ହେଉଛନ୍ତି। ଗ୍ରୋଭର ମଧ୍ୟ ଟୁଇଟରରେ କହିଛନ୍ତି ଯେ ଉକ୍ତ ଅଡିଓ କ୍ଲିପ୍ ନକଲି।

## ସଂକ୍ଷେପରେ

### ୬୫୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ମୁମ୍ବାଇ,୧୯।୧:** କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଓମିକ୍ରନ୍ ସାଙ୍ଗକୁ କରୋନା ସଂକ୍ରମଣର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ଏହାର ପ୍ରଭାବ ଶେୟାର ବଜାର ଓ ନିବେଶକଙ୍କ ଉପରେ ପଡ଼ିଛି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୬୫୬ ପଏଣ୍ଟ କମି ୬୦,୦୯୯ ଅଙ୍କରେ ରହିଥିଲା ବେଳେ ଏନ୍‌ଏସ୍‌ଇ ନିଫ୍ଟି ୧୭୫ ପଏଣ୍ଟ ହ୍ରାସ ଘଟି ୧୭,୯୩୮ ଅଙ୍କରେ କାରବାର ଶେଷ କରିଛି। ବିଏସ୍‌ଇ ସେନ୍‌ସେକ୍ସ ୬୫୬.୦୪ ପଏଣ୍ଟ ହ୍ରାସ ପାଇ ୬୦,୦୯୮.୮୨ ରେ ଶେଷ ହୋଇଥିବା ବେଳେ ନିଫ୍ଟି ୧୭୪.୬୫ ପଏଣ୍ଟ ଖସି ୧୭,୯୩୮.୪୦ ରେ ସ୍ଥିର ରହିଛି।

### ଏୟାର ଇଣ୍ଡିଆର ନୂଆ ଅଧ୍ୟକ୍ଷ ନିଯୁକ୍ତ

**ନୂଆଦିଲ୍ଲୀ,୧୯।୧:** ଦେଶର ବରିଷ୍ଠ ପ୍ରଶାସନିକ ଅଧିକାରୀ ବିକ୍ରମଦେବ ଦତ୍ତଙ୍କୁ ଏୟାର ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଭାବେ ନିଯୁକ୍ତ କରାଯାଇଛି। ଏ ନେଇ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ମଙ୍ଗଳବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚିତ କରିଛି। ଦତ୍ତ ହେଉଛନ୍ତି ଅରୁଣାଚଳ ପ୍ରଦେଶ-ଗୋଆ-ମିଜୋରାମ ଏବଂ ୟୁନିୟନ ଟେରିଟୋରି କ୍ୟାଡରର ୧୯୯୩ ବ୍ୟାଚ୍ ଭାରତୀୟ ପ୍ରଶାସନିକ ଅଧିକାରୀ। ମଙ୍ଗଳବାର ଏୟାର ଇଣ୍ଡିଆର ବରିଷ୍ଠ ଅଧିକାରୀଙ୍କ ପଦପଦବୀରେ ଅଦଳବଦଳ କରିବା ସହିତ ଦତ୍ତଙ୍କୁ ଏହି ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ନିକଟରେ ଏୟାର ଇଣ୍ଡିଆର ଘରୋଇକରଣ କରାଯାଇ ଟାଟା ଗ୍ରୁପ୍‌କୁ ବିକ୍ରି କରାଯାଇଛି। କେନ୍ଦ୍ର ସରକାରଙ୍କ କାର୍ମିକ ବିଭାଗ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ ବିକ୍ରମଦେବଙ୍କ ପଦବୀ ଅତିରିକ୍ତ ସଚିବ ପାହ୍ୟା ରହିବ। ସେ ଗତ ସେପ୍ଟେମ୍ବରରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ଦିଲ୍ଲୀ ସରକାରଙ୍କ ସହ ଅନେକ ବରିଷ୍ଠ ଅମଲାତାନ୍ତ୍ରିକ ପଦବୀରେ ଅବସ୍ଥାପିତ ହୋଇଥିଲେ।

# ୧୦୦୦ ତଳକୁ ଖସିଲା ପେଟିଏମ୍ ଶେୟାର

**ମୁମ୍ବାଇ,୧୯।୧**

### ୫% ସହ ୩ ସପ୍ତାହରେ ୨୬% ହ୍ରାସ



ଦେଶର ଅଗ୍ରଣୀ ଡିଜିଟାଲ ପେମେଣ୍ଟ ସେବା ପ୍ରଦାନକାରୀ ସଂସ୍ଥା ପେଟିଏମ୍ ନିବେଶକଙ୍କୁ ପୁଣି ଥରେ ନିରାଶ ହେବାକୁ ପଡ଼ିଛି। ବୁଧବାର ଏହାର ଶେୟାର ୫% ଖସି ଥିବାବେଳେ ଗତ ୩ ସପ୍ତାହରେ ୨୬% ଶେୟାର ହ୍ରାସ ପାଇଛି। ଏପରିକି ପ୍ରଥମ ଥର ପାଇଁ ପେଟିଏମ୍‌ର ଶେୟାର ମୂଲ୍ୟ ୧୦୦୦ ଟଙ୍କାରୁ ତଳକୁ ରହିଛି। ମାର୍କେଟ କ୍ୟାପିଟାଲ ୬୪,୬୬୫ କୋଟି ଟଙ୍କାକୁ ହ୍ରାସ ହୋଇଛି। ଏହାର କାରବାର ସମୟରେ ପେଟିଏମ୍ ଶେୟାର ଏହାର ନ୍ୟୁନତମ ମୂଲ୍ୟ ୯୯୦ ଟଙ୍କାରେ ରହିଛି। ତେବେ କାରବାର ସମାପ୍ତ ହେବା ବେଳକୁ ପେଟିଏମ୍‌ର ଶେୟାର ମୂଲ୍ୟ ୯୯୭ ଟଙ୍କାରେ ବନ୍ଦ ହୋଇଛି। ଗତ ୩ ସପ୍ତାହ ମଧ୍ୟରେ ପେଟିଏମ୍‌ର ଷ୍ଟକ୍ ମୂଲ୍ୟ ୨୬% ହ୍ରାସ ପାଇଥିବାବେଳେ ୨,୧୫୦ ଟଙ୍କା ମୂଲ୍ୟରେ ଏହାର ଶେୟାର ୫୪% ହ୍ରାସ ପାଇଛି। ୨୦୨୧ ନଭେମ୍ବର ୧୮ରେ କମ୍ପାନୀ ଶେୟାର ବଜାରରେ ପ୍ରବେଶ କରିଥିଲା। ବୁଧବାର ବିଏସ୍‌ଇ ସେନ୍‌ସେକ୍ସରେ ୧.୨% ହ୍ରାସ ତୁଳନାରେ ପେଟିଏମ୍ ୯୯୭ ଟଙ୍କା ମୂଲ୍ୟରେ ୪.୪% ହ୍ରାସ ପାଇଛି। ଏହା ମିଳିତ ୫.୨ ନିୟୁତ ଇକ୍ୱିଟି ଶେୟାର ଏନ୍‌ଏସ୍‌ଇ ଏବଂ ବିଏସ୍‌ଇ କାଉଣ୍ଟରରେ ପରିବର୍ତ୍ତନ କରିଥିଲା। ଏହି ତାଲିକାରେ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ୧୦.୩୭% ଅଂଶଧନ ଧାରଣ କରିଥିବାବେଳେ ବ୍ୟକ୍ତିଗତ ଅଂଶୀଦାରମାନେ ପେଟିଏମ୍‌ରେ ୧୨.୦୫% ହୋଲ୍ଡ କରିଛି। କମ୍ପାନୀର ଏହି ମୂଲ୍ୟ ହ୍ରାସ ଯୋଗୁ ବୁଧବାର ନିବେଶକମାନେ ପେଟିଏମ୍‌ର ଶେୟାର ବିକିବା ଆରମ୍ଭ କରିଦେଇଛନ୍ତି। ମଙ୍ଗଳବାର କ୍ଲୋଜିଂ ବେଳକୁ ଶେୟାର ମୂଲ୍ୟ ୧୦୪୧ ଟଙ୍କାରେ ବନ୍ଦ ହୋଇଥିଲା। ହେଲେ କାରବାର ସେସନରେ ଅଚାନକ ମୂଲ୍ୟ ହ୍ରାସ ନିବେଶକଙ୍କୁ ନିରାଶ କରିଥିଲା। ଯେବେଠୁ ପେଟିଏମ୍ ବଜାରରେ ଲିଷ୍ଟିଂ ହେଲାଣି ସେବେଠୁ ଏହାର ମୋଟ ମୂଲ୍ୟାୟନରେ ୫୦% ପର୍ଯ୍ୟନ୍ତ ହ୍ରାସ ଦେଖାଗଲାଣି। ବ୍ରୋକ୍‌ରେଜ ହାଉସ୍ ଦ୍ୱାରା ଡାଉନଗ୍ରେଡ୍ ହେବା ପରେ ପେଟିଏମ୍‌ର ମାର୍କେଟ କ୍ୟାପିଟାଲାଇଜେଶନରେ ୭୫ ହଜାର କୋଟି ଟଙ୍କାରୁ ଅଧିକ ହ୍ରାସ ହେଲାଣି। ପେଟିଏମ୍‌ର ଆଇପିଓ ପ୍ରାଇସ ହିସାବରେ ମାର୍କେଟ ଭାଲ୍ୟୁ ୧.୩୯ ଲକ୍ଷ କୋଟି ଟଙ୍କାରେ ଲିଷ୍ଟିଂ ହୋଇଥିଲା। ବୁଧବାର ଏହା ୬୪,୬୬୫ କୋଟି ଟଙ୍କାକୁ ପହଞ୍ଚିଯାଇଛି। ପେଟିଏମ୍ ବହୁ ଆଶା ନେଇ ଦେଶରେ ଆଇପିଓ ଆଣିଥିଲେ। ଶେୟାର ପିଛା ମୂଲ୍ୟ ୨୧୫୦ ଟଙ୍କାରେ କମ୍ପାନୀ ୧୮, ୮୦୦ କୋଟି ଟଙ୍କାର ଆଇପିଓ ଆଣିଥିଲା। ତେବେ ଲିଷ୍ଟିଂ ପରଠାରୁ ଶେୟାର ଦର ଲଗାତର ହ୍ରାସ ପାଇଚାଲିଛି। ଏଭଳି ପରିସ୍ଥିତି ଲାଗି କମ୍ପାନୀର ସଂସ୍ଥାପକ ବିଜୟ ଶେଖର ଶର୍ମା ଆଇପିଓ ଆଣିବାର ସମୟ ଭୁଲ୍ ଥିଲା ବୋଲି କହିଛନ୍ତି। ଏବେ ଶେୟାର ମୂଲ୍ୟ ଇସ୍ୟୁ ପ୍ରାଇସ ୫୮% କୁ ହ୍ରାସ ହୋଇଛି। ଏହା ପୂର୍ବରୁ ପେଟିଏମ୍‌ର ଟାର୍ଗେଟକୁ ୧୨ଶହ ଟଙ୍କା ପର୍ଯ୍ୟନ୍ତ ହ୍ରାସ କରାଯାଇଥିଲା। ଏହା ସତ୍ତ୍ୱେ ପରିସ୍ଥିତି ସୁଧୁରିବା ବଦଳରେ ଉତ୍କଟ ହେବାରେ ଲାଗିଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଡିଜିଟାଲ ପେମେଣ୍ଟ ନିୟମାବଳୀ ୱାଲେଟ୍ ଚାର୍ଜକୁ କ୍ୟାପ୍ କରିପାରେ। ପେମେଣ୍ଟ ବ୍ୟବସାୟ ପାଇଁ ପେଟିଏମ୍ ଲାଗି ମୋଟ ଆୟର ୭୦% ପେମେଣ୍ଟ ବ୍ୟବସାୟ ଗଠନ କରିଥାଏ। ଏହି ଚାର୍ଜକୁ କ୍ୟାପିଂ କରୁଥିବା ଯେକୌଣସି ନିୟମାବଳୀ ରାଜସ୍ୱକୁ ଯଥେଷ୍ଟ ପ୍ରଭାବିତ କରିପାରେ। ବୀମା ରେଗୁଲେଟୋରି ଏବଂ ଡେଭଲପମେଣ୍ଟ ଅଥରିଟି ଦ୍ୱାରା ବୀମାକୁ ପେଟିଏମ୍‌ର ସମ୍ପ୍ରତି ପ୍ରତ୍ୟାଖ୍ୟାନ ଯୋଗୁ ଏଭଳି ହୋଇଥିବା କୁହାଯାଇଛି।

## କମ୍ୟୁନିଟି କୋଭିଡ୍ ସଚେତନତା ଭ୍ୟାନ୍‌ର ଶୁଭାରମ୍ଭ



**ଭୁବନେଶ୍ୱର,୧୯।୧**

ବେଦାନ୍ତର ଲାଞ୍ଜିଗଡ଼ ୟୁନିଟ୍ ପକ୍ଷରୁ କୋଭିଡ୍-୧୯ ବିରୋଧରେ ଲଢ଼ିବା ପାଇଁ ଏକ କମ୍ୟୁନିଟି କୋଭିଡ୍ ସଚେତନତା ଭ୍ୟାନ୍‌ର ଶୁଭାରମ୍ଭ କରାଯାଇଛି। ଏହା ସହିତ କମ୍ପାନୀ ମଧ୍ୟ କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସ୍ଥାନୀୟ ଲୋକମାନଙ୍କୁ ସଚେତନ କରିବା ପାଇଁ ଏହି ଅଭିଯାନକୁ ଜାରି ରଖିଛି। ଏହାଦ୍ୱାରା କୋଭିଡ୍ ବିଷୟରେ ଲୋକମାନଙ୍କ ମନରେ ଥିବା ଭ୍ରାନ୍ତଧାରଣା ଦୂରହେବା ସହିତ ଏହାକୁ ପ୍ରତିରୋଧ କରାଯାଇପାରିବ। ଏହି ଭ୍ୟାନ୍‌ଟି ୬୭ ଗ୍ରାମ ଓ ସର୍ବସାଧାରଣ ସ୍ଥାନରେ ପହଞ୍ଚି ସଚେତନ କରାଉଛି। ଏହି ଅବସରରେ ବେଦାନ୍ତ ଲାଞ୍ଜିଗଡ଼ର ଡେପୁଟି ସିଇଓ ଜି.ଜି. ପାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ ସହ କମ୍ପାନୀ ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସମ୍ପ୍ରଦାୟର ଭିତ୍ତିଭୂମି କ୍ଷେତ୍ରରେ ହସ୍ତକ୍ଷେପ କରି ସାମାଜିକ, ଅର୍ଥନୈତିକ ସ୍ଥିତି ତଥା ସାମଗ୍ରିକ ବିକାଶ ପାଇଁ ସ୍ଥାନୀୟ ଗୋଷ୍ଠୀ ସହିତ କାର୍ଯ୍ୟ କରିଆସୁଛି ବୋଲି କହିଥିଲେ । କୋଭିଡ୍‌ର ସାମ୍ପ୍ରତିକ ବିପଦକୁ ଦୃଷ୍ଟିରେ ରଖି କମ୍ପାନୀ ବର୍ତ୍ତମାନ ବିଭିନ୍ନ ଗୋଷ୍ଠୀର ସଦସ୍ୟ ବିଶେଷତଃ କମ୍ ଶିକ୍ଷିତ ଲୋକଙ୍କୁ ସଚେତନ ଏବଂ ପ୍ରସ୍ତୁତିକୁ ସୁଦୃଢ଼ କରିବାର ପ୍ରୟାସକୁ ଦ୍ୱିଗୁଣିତ କରିଛି। କମ୍ୟୁନିଟି କୋଭିଡ୍ ସଚେତନତା ଭ୍ୟାନ୍ ଏହି ଦିଗରେ ଅଗ୍ରସର ହୋଇଛି। ମାର୍ଚ୍ଚ ୨୦୨୦ ପ୍ରାରମ୍ଭରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା କୋଭିଡ୍-୧୯କୁ ଏକ ମହାମାରୀ ରୂପେ ଘୋଷଣା କରାଯାଇଥିଲା।

# ସ୍ପେକ୍ଟ୍ରମ ଦେୟ ପ୍ରଦାନ କଲା ରିଲାଏନ୍ସ ଜିଓ

**ମୁମ୍ବାଇ,୧୯।୧**



ଦେଶର ଅଗ୍ରଣୀ ଟେଲିକମ୍ ସଂସ୍ଥା ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍ (ଆର୍‌ଜେଆଇଏଲ୍) ପକ୍ଷରୁ ବୁଧବାର ଘୋଷଣା କରାଯାଇଛି ଯେ ଏହା ୨୦୧୪,୨୦୧୫, ୨୦୧୬ ବର୍ଷରେ ହୋଇଥିବା ନିଲାମରେ ହାସଲ କରିଥିବା ସ୍ପେକ୍ଟ୍ରମ୍ ଏବଂ ୨୦୨୧ ବର୍ଷରେ ଭାରତୀ ଏୟାରଟେଲ୍ ସହିତ ଟ୍ରେଡିଂ ଅଫ୍ ରାଇଟ୍ ଜରିଆରେ ହାସଲ କରିଥିବା ସ୍ପେକ୍ଟ୍ରମ୍ ପାଇଁ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ସ୍ପେକ୍ଟ୍ରମ୍ ଦେୟ ବାବଦରେ ଟେଲିକମ୍ ବିଭାଗକୁ ୩୦,୭୯୧ କୋଟି ଟଙ୍କା ଅଗ୍ରିମ ପ୍ରଦାନ କରିଛି। ଏହି ନିଲାମ ଓ ଟ୍ରେଡିଂରେ କମ୍ପାନୀ ମୋଟ ୫୮୫.୩ ମେଗାହର୍ଜ ସ୍ପେକ୍ଟ୍ରମ୍ ହାସଲ କରିଥିଲା। ୨୦୧୬ ବର୍ଷରେ ନିଲାମରେ ହାସଲ କରାଯାଇଥିବା ସ୍ପେକ୍ଟ୍ରମ୍ ପାଇଁ ରିଲାଏନ୍ସ ଜିଓ ପକ୍ଷରୁ ୨୦୨୧ ଅକ୍ଟୋବରରେ ପ୍ରଥମ କିସ୍ତିର ଅଗ୍ରିମ ଦେୟ ପ୍ରଦାନକୁ କାର୍ଯ୍ୟକାରୀ କରାଯାଇଥିଲା। ଏହା ପରେ ୨୦୨୧ ଡିସେମ୍ବରରେ ଟେଲିକମ୍ ବିଭାଗ ନିଷ୍ପତ୍ତି ଅନୁସାରେ ଘୁଞ୍ଚିଥିବା (ଡେଫର୍ଡ) ସ୍ପେକ୍ଟ୍ରମ୍ ଦେୟକୁ ଯେକୌଣସି ତାରିଖରେ ଦେଇପାରିବା ଲାଗି ଟେଲିକମ୍ କମ୍ପାନୀଗୁଡ଼ିକୁ ଅନୁମତି ପ୍ରଦାନ କରାଯିବା ପରେ ଆର୍‌ଜେଆଇଏଲ୍ ଚଳିତ ମାସରେ ୨୦୧୪ ଓ ୨୦୧୫ର ନିଲାମରେ ହାସଲ କରିଥିବା ତଥା ଟ୍ରେଡିଂ ଜରିଆରେ ହାସଲ କରାଯାଇଥିବା ସ୍ପେକ୍ଟ୍ରମ୍ ପାଇଁ ଘୁଞ୍ଚିଥିବା ସମସ୍ତ ସ୍ପେକ୍ଟ୍ରମ୍ ଦେୟର ଅଗ୍ରିମ ପେମେଣ୍ଟ କରାଯାଇଛି। ଏହି ଦେୟଗୁଡ଼ିକୁ ୨୦୨୨-୨୩ ବର୍ଷରୁ ୨୦୩୪-୩୫ ଆର୍ଥିକ ବର୍ଷ ମଧ୍ୟରେ ୭ ବର୍ଷରୁ ଅଧିକ ହାରାହାରି ଅବଧି ସହିତ ବାର୍ଷିକ ୯.୩୦% ରୁ ୧୦% ଭଳି ସୁଧ ହାରରେ ବାର୍ଷିକ କିସ୍ତି ଜରିଆରେ ପ୍ରଦାନ କରିବାର ଥିଲା। କମ୍ପାନୀର ଆକଳନ ଅନୁଯାୟୀ ଏବେ ସମୟ ପୂର୍ବରୁ ଏହି ଅଗ୍ରିମ ଦେୟ ପ୍ରଦାନ ଜରିଆରେ ଆର୍‌ଜେଆଇଏଲ୍ କେବଳ ସୁଧ ବାବଦରେ ଖର୍ଚ୍ଚ ହେବାକୁ ଥିବା ବାର୍ଷିକ ପ୍ରାୟ ୧୨୦୦ କୋଟି ଟଙ୍କାର ସଞ୍ଚୟ କରିପାରିବ।

## ୨୮ ଫେବୃୟାରୀ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ

**ନୂଆଦିଲ୍ଲୀ,୧୯।୧**

ଭାରତରେ କୋଭିଡ୍-୧୯ର ୩ୟ ଲହର ସାଙ୍ଗକୁ ଓମିକ୍ରନ୍‌ର ପ୍ରଭାବ ଧୀରେ ଧୀରେ ବୃଦ୍ଧିପାଉଛି। ଏହାକୁ ନଜରରେ ରଖି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ନିୟନ୍ତ୍ରକ ଡିଜିସିଏ ବୁଧବାର ଫେବୃୟାରୀ ୨୮ ପର୍ଯ୍ୟନ୍ତ ସମସ୍ତ ଅନ୍ତର୍ଜାତୀୟ ବ୍ୟବସାୟିକ ବିମାନ ସେବା ବନ୍ଦ ସମ୍ପର୍କରେ ଘୋଷଣା କରିଛନ୍ତି। ଡିଜିସିଏ ଏକ ବିଜ୍ଞପ୍ତି ଜରିଆରେ ସୂଚିତ କରିଛି, ଅନ୍ତର୍ଜାତୀୟ ବ୍ୟବସାୟିକ ବିମାନ ସେବାର ନିଷେଧାଦେଶକୁ ଫେବୃୟାରୀ ୨୮ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ସେହିଭଳି ଉକ୍ତ ବିଜ୍ଞପ୍ତିରେ କୁହାଯାଇଛି, ଏହି ପ୍ରତିବନ୍ଧକ କେବଳ ଅନ୍ତର୍ଜାତୀୟ ସମସ୍ତ କାର୍ଗୋ ଅପରେଶନ ଏବଂ ଡିଜିସିଏ ଦ୍ୱାରା ସ୍ୱତନ୍ତ୍ର ଭାବେ ଅନୁମୋଦିତ ବିମାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବ ନାହିଁ। ତଥାପି ଏୟାର ବବୁଲ୍ ଚୁକ୍ତିନାମା ଅନୁଯାୟୀ ବିମାନ ସେବା ଜାରି ରହିବ।

# ୨ଚକିଆ ଯାନରେ ଜିଏସ୍‌ଟି ହ୍ରାସ କରାଯାଉ: ଫାଡା

**ନୂଆଦିଲ୍ଲୀ,୧୯।୧**

ଫେବୃୟାରୀ ପହିଲାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୨-୨୩ର ବଜେଟ ଉପସ୍ଥାପନ କରିବେ। ଏହା ପୂର୍ବରୁ ଦେଶର ପ୍ରମୁଖ ଅଟୋଶିଳ୍ପ ଓ ବିଭିନ୍ନ ସଂଘ ପକ୍ଷରୁ ୨ଚକିଆ ଯାନ କାରବାର ସମ୍ପର୍କରେ ବିଭିନ୍ନ ଦାବି ଓ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ସରକାର ୨ଚକିଆ ଯାନ ଉପରୁ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି)କୁ ୨୮%ରୁ ୧୮% କୁ ଖସାଇବା ପାଇଁ ଅଟୋମୋବାଇଲ ଡିଲର ସଙ୍ଗଠନ ଫାଡା ପକ୍ଷରୁ ଦାବି ରଖାଯାଇଛି। ଫାଡାର ସୂଚନା ଅନୁସାରେ ବର୍ତ୍ତମାନ କଞ୍ଚାମାଲ, ଧାତବ ପଦାର୍ଥ ଏବଂ ଅଟୋଶିଳ୍ପ ଉପକରଣଗୁଡ଼ିକର ଦାମ୍ ଅହେତୁକ ଭାବେ ବୃଦ୍ଧିପାଇଛି। ଫଳରେ ୨ଚକିଆ ଯାନ ଦର ମଧ୍ୟ ଲଗାତର ବୃଦ୍ଧି ପାଉଛି। ସରକାର ଯଦି ଏହା ଉପରେ ଲାଗୁ କରୁଥିବା ଜିଏସ୍‌ଟିକୁ କିଛି ପରିମାଣରେ ହ୍ରାସ କରିବା ସହ ଟିକସ ସ୍ଲାବ୍‌କୁ ୧୮% କଲେ ଯାନର ମୂଲ୍ୟ ମଧ୍ୟ ସେହି ଅନୁସାରେ ହ୍ରାସ ପାଇବା ସଙ୍ଗେ ସଙ୍ଗେ ଚାହିଦା ମଧ୍ୟ ପୂର୍ବ ପରି ବୃଦ୍ଧି ପାଇବ। ନିକଟରେ ସରକାର ୪୦୦ କୋଟି ପର୍ଯ୍ୟନ୍ତ ବ୍ୟବସାୟ କରୁଥିବା ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀଗୁଡିକ ଉପରେ କମ୍ପାନୀ ଟିକସ ହ୍ରାସ କରି ୨୫% ପର୍ଯ୍ୟନ୍ତ କରିଛନ୍ତି। ସେହିଭଳି ଗତ କିଛି ମାସ ହେବ ୨ଚକିଆ ଯାନ ନିର୍ମାଣକାରୀ କମ୍ପାନୀଗୁଡ଼ିକର ସମସ୍ୟାର ସମାଧାନ ପାଇଁ ଫାଡା ଦାବି କରିଛି।

## ଫୁର୍‌ସତ୍

### ବିବାହ ବାର୍ଷିକୀରେ ପୁଣି ବିବାହ

**ଭୋପାଳ:** ଏକ ଦମ୍ପତି ନିଜର ୩୫ତମ ବିବାହ ବାର୍ଷିକୀକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ମଧ୍ୟପ୍ରଦେଶର ଖରଗୋନ ସହରରେ ରହୁଥିବା ଦମ୍ପତ୍ତି ଅନିଲ ତାରେ ଏବଂ ସୁରକ୍ଷା ତାରେ ନର୍ମଦା ନଦୀ ତଟରେ ଥିବା ଏକ ବୃଦ୍ଧାଶ୍ରମରେ ପହଞ୍ଚି ପୁର୍ନବାର ବିବାହ କରିଛନ୍ତି। ଉଭୟେ ବରକନ୍ୟା ବେଶରେ ସଜ ହେବା ସହ ରୀତିନୀତି ଅନୁସାରେ ବିବାହ କରିଛନ୍ତି।ଏହି ସମୟରେ ତାଙ୍କ ଝିଅ, ଜ୍ୱାଇଁ, ନାତୁଣୀ, ନାତି ଏବଂ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ବୃଦ୍ଧାଶ୍ରମରେ ରହୁଥିବା ଲୋକଙ୍କୁ ଖୁସି ବାଣ୍ଟିବା ପାଇଁ ସେ ଏପରି କରିଥବା ଅନିଲ କହିଛନ୍ତି।



# ଡଗ୍ ସୁଇସାଇଡ୍ ବ୍ରିଜ୍

**ଏଡିନବର୍ଗ:** ଚାପଗ୍ରସ୍ତ, ଉଦାସୀନତା ଯୋଗୁ ଅନେକେ ଆତ୍ମହତ୍ୟା ପରି ପଦକ୍ଷେପ ଗ୍ରହଣ କରୁଥିବା ନଜିର ରହିଛି। ମାତ୍ର କୁକୁରମାନେ ଯେ ଆତ୍ମହତ୍ୟା କରନ୍ତି ଏ କଥା ଶୁଣିବାକୁ ନିଶ୍ଚୟ ଅଡୁଆ ଲାଗିପାରେ। କିନ୍ତୁ ଏହା ସତ। ଦୁନିଆରେ ଏପରି ଏକ ବ୍ରିଜ ଅଛି, ଯେଉଁଠାରେ କୁକୁରମାନେ ଡେଇଁ ଆତ୍ମହତ୍ୟା କରନ୍ତି। ସ୍କଟଲାଣ୍ଡରେ ରହିଛି ଏହି ରହସ୍ୟମୟ ବ୍ରିଜ, ଯାହା କୁକୁର ଆତ୍ମହତ୍ୟା ପାଇଁ ଜଣାଶୁଣା। ଏହି ବ୍ରିଜ୍‌କୁ 'ଡଗ୍ ସୁଇସାଇଡ ବ୍ରିଜ' ମଧ୍ୟ କୁହାଯାଏ। ଏହି ବ୍ରିଜ୍‌ର ଉଚ୍ଚତା ୫୦ ଫୁଟ। ଯେକୌଣସି କୁକୁର ହେଉ ଏହି ବ୍ରିଜକୁ ବୁଲିବାକୁ ଆସିବା କ୍ଷଣି ସେ ଡେଇଁପଡ଼େ। ଶହ ଶହ କୁକୁର ଏହି ବ୍ରିଜରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଏହି ବ୍ରିଜ୍‌ର ରହସ୍ୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏବେ ମଧ୍ୟ ଏହି ବ୍ରିଜ ଏକ ରହସ୍ୟ ହୋଇରହିଛି। ସ୍ଥାନୀୟ ଲୋକେ କୁହନ୍ତି, ଏ ପର୍ଯ୍ୟନ୍ତ ବ୍ରିଜରୁ ଡେଇଁ ପଡ଼ିଥିବା ୫୦ କୁକୁରଙ୍କର ମୃତ୍ୟୁ ଘଟିଛି। ଅନେକଙ୍କୁ ଉଦ୍ଧାର କରାଯାଇଛି। କୁକୁରମାନଙ୍କ ଆତ୍ମହତ୍ୟାକୁ ଦୃଷ୍ଟିରେ ରଖି ଏହା ସହ ଜଡ଼ିତ ଏକ ବିଜ୍ଞପ୍ତି ମଧ୍ୟ ରଖାଯାଇଛି। ଯାହା ଦ୍ୱାରା ପରିଦର୍ଶକମାନେ ଜାଣିପାରିବେ। ଏହି ବ୍ରିଜ ୧୯୫୦ ମସିହାରେ ନିର୍ମିତ ହୋଇଥିଲା। ଏହି ବ୍ରିଜ ସହିତ ଜଡିତ ଅନେକ କାହାଣୀ ରହିଛି। ଅନେକେଙ୍କ ମତରେ ବ୍ରିଜ ଉପରକୁ ଯିବା ମାତ୍ରେ କୁକୁରଙ୍କ ଭିତରେ କିଛି ଅଜବ ଇଚ୍ଛା ଜାଗ୍ରତ ହୋଇଥାଏ। ଫଳରେ ସେମାନେ ସେଠାରୁ ତଳକୁ ଡେଇଁ ପଡ଼ିଥାନ୍ତି। ଏଠାରେ କିଛି ଅଜବ ଶକ୍ତି ଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥାଏ। ତେବେ ଏହା ପଛରେ ପ୍ରକୃତ କାରଣ ବର୍ତ୍ତମାନ ସୁଦ୍ଧା କେହି ଉନ୍ମୋଚନ କରିପାରିନାହାନ୍ତି।



### ଶିଶୁର ୪ ହାତ, ୪ ଗୋଡ଼

**ପାଟନା**



ବିହାରର କଟିହାରରେ ୪ ହାତ, ୪ ପାଦ ଥିବା ଏକ ଶିଶୁ ଜନ୍ମ ନେଇଛି। ଏହି ଖବର ଆଖପାଖ ଅଞ୍ଚଳରେ ପ୍ରଚାରିତ ହେବା ପରେ ଲୋକେ ହସ୍ପିଟାଲରେ ଭିଡ଼ ଜମାଇଥିଲେ। ସୋସିଆଲ ମିଡିଆରେ ଶିଶୁଟିର ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। କେହି କେହି ଶିଶୁଟିକୁ ଭଗବାନଙ୍କ ଅବତାର ବୋଲି କହୁଛନ୍ତି। ଏଠାକାର ଡାକ୍ତର କହିଛନ୍ତି, ଶିଶୁଟି ଦିବ୍ୟାଙ୍ଗ ଏବଂ ଅସାମାନ୍ୟ। ପଶ୍ଚିମବଙ୍ଗ ନିବାସୀ ଶିଶୁଟିର ପିତା କୁହନ୍ତି, ଏହା ପୂର୍ବରୁ ସେ ତାଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଇଥିଲେ। ଅଲଟ୍ରାସାଉଣ୍ଡ ରିପୋର୍ଟରେ ଡାକ୍ତର କହିଥିଲେ ପିଲାଟି ଠିକ୍ ଅଛି। ମାତ୍ର ଜନ୍ମ ପରେ ପିଲାଟି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଯାଇଛି। ଅନ୍ୟପକ୍ଷରେ ପରିବାର ଲୋକେ ଚାହିଁଛନ୍ତି ପିଲାଟି ସାଧାରଣ ଜୀବନ ବଞ୍ଚୁ। ଏଥିପାଇଁ ଅପେରଶନ ଜରୁରୀ ଅଟେ। ମାତ୍ର ପରିବାର ଲୋକଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସମସ୍ୟା ଦେଖାଦେଇଛି। ସୂଚନାଥାଉ କି, ବିହାରର ଗୋପାଳଗଞ୍ଜରେ ଡିସେମ୍ବରରେ ମଧ୍ୟ ଏକ ଅଦ୍ଭୁତ ଶିଶୁ ଜନ୍ମ ନେଇଥିଲା। ଯାହାର ତିନୋଟି ହାତ ଏବଂ ତିନୋଟି ପାଦ ଥିଲା।


**ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀଜିତ୍ ପଟ୍ଟନାୟକ (ରାଜ)**
ଆଇ.ଆର୍.ସି. ଭିଲେଜ୍, ଭୁବନେଶ୍ୱର
ତୋର ଆଜି ଜନ୍ମଦିନ, ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ପ୍ରାର୍ଥନା, ସେ ତୋର ଚଲାପଥ ସର୍ବଦା କୁସୁମିତ କରିବା ସହ ତତେ ଯଶସ୍ୱୀ କରନ୍ତୁ। ଶୁଭେଚ୍ଛା ସହ- ବୋଉମା, ମାମି, ପାପା, ମାମା, ମଣ୍ଟୁକାକୁ, ସାନମା, ଚଣ୍ଟୁକାକୁ, କାକୀ, ଚିଣ୍ଟୁକାକୁ, ସାନକାକୀ, ଭାଇନା, ଅପା, ଗୁଡୁଭାଇ, ଦିଦି, ପ୍ରେମ୍, ଶ୍ୱେତା, ସିଦ୍ଧେଶ, ଅଜା, ଆଈ, ମଉସା, ମାଉସୀ, ବନ୍ଧୁ ଓ ପରିବାରବର୍ଗ।
D-22899



**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱ ମନୋରଞ୍ଜନ ଦାଶ**
ସା.- ବରକନ୍ଦ, ମୋରଡ଼ା, ଜି.-ମୟୂରଭଞ୍ଜ
ଆବିର୍ଭାବ-୦୧।୦୧।୧୯୪୨
ତିରୋଧାନ- ୩୧।୦୧।୨୦୨୧
ଆପଣଙ୍କ ଅକାଳ ଅବର୍ତ୍ତମାନ ଆମ୍ଭ ପରିବାରକୁ ଦେଇଛି ଅତ୍ୟନ୍ତ ଦୁଃଖ ଓ ବେଦନା । ଆପଣଙ୍କ ଆଦର୍ଶ ଓ ଅନୁଶାସନ ଏଯାଏ ଆମ୍ଭ ପାଇଁ ହୋଇଛି ବଞ୍ଚିବାର ଆୟୁଧ ।
ହତଭାଗିନୀ ପତ୍ନୀ ଜୟନ୍ତୀ ଦାଶ ଓ ଶୋକାକୁଳ ପରିବାରବର୍ଗ ।
ଧ-୨୨୮୯୮

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ ଶ୍ରୀମତୀ ପ୍ରମୋଦିନୀ ସାବତ**
ଆବିର୍ଭାବ: ୧୯।୦୪।୧୯୫୫
ତିରୋଧାନ: ୨୦।୦୧।୨୦୧୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାର ଓ ବନ୍ଧୁବର୍ଗଙ୍କ ସହ ଏ.କେ.ସାବତ ଆଣ୍ଡ କମ୍ପାନୀର ପାର୍ଟନର୍ସ ଏବଂ ସମସ୍ତ କର୍ମକର୍ତ୍ତାବୃନ୍ଦ ।
ଧ-୨୨୮୯୭


## ଆଜି ଆସିବ 'ଗେହରାୟିଆଁ' ଟ୍ରେଲର




**ମୁମ୍ବାଇ:** ଦୀପିକା ପାଦୁକୋନଙ୍କ ଆଗାମୀ ଫିଲ୍ମ 'ଗେହରାୟିଆଁ' ପାଇଁ ଦର୍ଶକ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ସିନେମାଟି ଆସନ୍ତା ଫେବୃୟାରୀ ୧୧ ତାରିଖରେ ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ ହେବ। ମୁଭିରେ ଶକୁନ ବତ୍ରା ନିର୍ଦ୍ଦେଶନା ଦେଇଛନ୍ତି। ଧର୍ମା ପ୍ରଡକ୍ସନ୍ ଏବଂ ବାଇକମ୍ ୧୮ ଷ୍ଟୁଡିଓ ଏବଂ ଜୁସ୍କା ଫିଲ୍ମ ମିଳିତ ଭାବେ ଏହି ଫିଲ୍ମର ସମ୍ପାଦନା କରିଛନ୍ତି। ଚଳଚ୍ଚିତ୍ରର ଟ୍ରେଲର ଜାନୁୟାରୀ ୨୦ ଅର୍ଥାତ୍ ଗୁରୁବାର ରିଲିଜ ହେବା ନେଇ କରନ ଜୋହର ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ସୂଚନା ଦେଇଛନ୍ତି। ଏହି ସିନେମା ପ୍ରେମ, ରୋମାନ୍ସ ଏବଂ ଡ୍ରାମାରେ ଭରି ରହିଛି। ସିନେମାରେ ଦୀପିକାଙ୍କ ସମେତ ସିଦ୍ଧାନ୍ତ ଚତୁର୍ବେଦୀ, ଅନନ୍ୟା ପାଣ୍ଡେ, ଧୈର୍ଯ୍ୟ କର୍ବା ଲିଡ୍ ରୋଲରେ ନଜର ଆସିବେ। ଏହା ପୂର୍ବରୁ ନିର୍ଦ୍ଦେଶକ ସର୍ଚ୍ଚିଂ ଫର୍ ଶିଲାରେ ନିର୍ଦ୍ଦେଶନା ଦେଇଥିଲେ। ତାଙ୍କ ନିର୍ଦ୍ଦେଶିତ ଫିଲ୍ମ କପୁର ଆଣ୍ଡ ସନ୍ସ ହିଟ୍ ହୋଇଥିଲା। ଦୀପିକା ଏହା ପୂର୍ବରୁ ୧୯୮୩ ୱାର୍ଲ୍ଡ କପ୍ ଉପରେ ଆଧାରିତ ଫିଲ୍ମ '୮୩'ରେ ଦୀପିକା ନିଜର ଅଭିନୟର ଯାଦୁ ଦେଖାଇଥିଲେ।


**CLASSIFIED DISPLAY** ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
**ବାବା ଆଜମ ଖାନ୍**



ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ ।
ପ୍ରେମବିବାହ, ବେପାରବୃଦ୍ଧି, ସମ୍ମୋହନ, ଗୃହ ସମସ୍ୟା, ସଉତୁଣୀ, ବଶିକରଣ, ସ୍ୱାମି-ସ୍ତ୍ରୀ ସମସ୍ୟା, ଜାଦୁମନ୍ତ୍ର ଇତ୍ୟାଦି



**ବାବା ହସନ୍ ଅଲ୍ଲି**
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ ।
9560789896


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


'ବିଦ୍ୟାରାଣ' ଚଳଚ୍ଚିତ୍ରରେ ବାବୁସାନ୍

# ବାବୁସାନ୍ଙ୍କ ବିଦ୍ୟାରାଣ

ଓଡ଼ିଆ ସିନେମାଜଗତର ଅନ୍ୟତମ ନାମୀ ବ୍ୟାନର ବ୍ରଜରାଜ ମୁଭିଜ ଦ୍ୱାରା ପ୍ରସ୍ତୁତ 'ରୋମିଓ ଦ ଲଭରବୟ'ରୁ ବାବୁସାନ୍ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ଏବେ ତାଙ୍କର ବିଦ୍ୟାରାଣକୁ ନେଇ ଚର୍ଚ୍ଚା। ସେ କାହିଁକି ଏହି ରାଣ ପକାଇଲେ, ଆଉ ତା' ପଛରେ କ'ଣ କାରଣ ରହିଛି, ତାହା ଜାଣିବାକୁ ଅନେକଙ୍କ ମନରେ ନିଶ୍ଚୟ ଉତ୍ସୁକତା ପ୍ରକାଶ ପାଇବଣି। ଅସଲ କଥା ହେଲା, ଏହାର ସଂଯୋଗ ରହିଛି ତାଙ୍କର ରିଲ୍ ଲାଇଫ୍ ସହ। ଅର୍ଥାତ୍ 'ବିଦ୍ୟାରାଣ' ଟାଇଟଲବିଶିଷ୍ଟ ଓଡ଼ିଆ ସିନେମାରେ ସେ ଅଭିନୟ କରୁଛନ୍ତି। ଚିତ୍ରଟିର ଆଉ ଅଳ୍ପ ପ୍ୟାଚ୍-ଅପ୍ କାମ ବାକି ଅଛି ଏବଂ ଚଳିତବର୍ଷ ରଜରେ ଫିଲ୍ମଟି ରିଲିଜ ହେବାର ଯୋଜନା ରହିଛି ବୋଲି ସୂଚନା ଦେଇଛନ୍ତି ଏହାର ନିର୍ଦ୍ଦେଶକ ଜ୍ୟୋତି ଦାସ। କାହାଣୀ ଅନୁସାରେ ଜଣେ ହନୁମାନ ପୂଜକ ବିବାହର ବହୁ ବର୍ଷ ପରେ ପୁତ୍ର ସନ୍ତାନଟିଏ ଲାଭ କରିଛି। ଶ୍ରଦ୍ଧାରେ ସେ ତାହାର ନାମ ରଖିଛି ସିଦ୍ଧ ମହାବୀର। ହେଲେ ବାସ୍ତବରେ ପିଲାଟିର ଆଚାର ବ୍ୟବହାର ସମ୍ପୂର୍ଣ୍ଣ ଅଲଗା। ଥରେ ପିଲାଦିନେ ସେ ବିଦ୍ୟାରାଣ ପକାଇ ଦେଇଛି। ହେଲେ କ'ଣ ପାଇଁ ସେ ଏପରି କରିଛି ଏବଂ ତାହା ପଛରେ କି ରହସ୍ୟ ଲୁଚି ରହିଛି ସିନେମାଟି ଦେଖିଲେ ଜାଣିପାରିବେ। ତଥ୍ୟ ଫିଲ୍ମସ ବ୍ୟାନରରେ ନିରଞ୍ଜନ ନାୟକଙ୍କ ପ୍ରଯୋଜିତ ଏହି ଫିଲ୍ମର ସଂଳାପ ବାପୁ ଗୋସ୍ୱାମୀ ଲେଖିଛନ୍ତି ଏବଂ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ। ଏଥିରେ ବାବୁସାନ୍ଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ବୁଲ୍‌ବୁଲି ଶିବାନୀ। ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁଙ୍କୁ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଏହାର କାଷ୍ଟିଂରେ ଉତ୍ତମ ମହାନ୍ତି, ଅଭିନବ ସିଂ, ସୁଜିତ ପାଇକରାୟ ଏବଂ ପୁପୁଲ୍ ଭୂୟାଁ ରହିଛନ୍ତି।


ଜନ୍ ଆବ୍ରାହମ୍

# ଶାହରୁଖ୍ଙ୍କ ପ୍ରଶଂସାରେ ଜନ୍

ଜନ୍ ଆବ୍ରାହମ୍ ଏବେ ଯୁଆଡେ ଗଲେ ଶାହରୁଖଙ୍କୁ ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି। କାରଣ ସେ କୁଆଡେ ଯାହା ଚାହୁଁଥିଲେ ଶାହରୁଖଙ୍କ ସହ ଦେଖାହେବା ପରେ ତାହାର ସମାଧାନ ହୋଇଯାଇଛି। ହେଲେ ସେ ଏମିତି ଶାହରୁଖ ଖାଁଙ୍କଠାରୁ କ'ଣ ଜାଣିବାକୁ ଚାହୁଁଥିଲେ କି ? ଅସଲ କଥା ହେଲା ସିନେମାଟିଏ ପ୍ରଯୋଜନା କରିବାକୁ ନିଶ୍ଚୟ ମଗଜ ଖଟାଇବାକୁ ପଡ଼େ। ଏ ନେଇ ଭଲ ଭାବରେ ଜ୍ଞାନ ନ ଥିଲେ ଅସୁବିଧାର ସମ୍ମୁଖୀନ ହେବାର ଚାନ୍ସ ରହିଛି। ତେଣୁ ପ୍ରଯୋଜନାକୁ ନେଇ କିଛି ନୂଆ ଜିନିଷ ଜାଣିବାକୁ ଚାହୁଁଥିଲେ ଜନ୍। ଏବେ ତ ଦୁହେଁ ଏକାଠି ନିର୍ମାଣାଧୀନ 'ପଠାନ୍'ରେ ଅଭିନୟ କରୁଛନ୍ତି। ଥରେ ଏହାର ଶୁଟିଂ ସେଟ୍‌ରେ ବ୍ରେକ୍ ସମୟରେ ଶାହରୁଖଙ୍କ ସହ ଏ ନେଇ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ଜନ୍। ଏହି ଫିଲ୍ମ ପାଇଁ ଜନ୍ ୨୦ କୋଟି ଏବଂ 'ଏକ୍ ଭିଲେନ୍ ରିଟର୍ନ୍ସ' ପାଇଁ ୨୧ କୋଟି ପାରିଶ୍ରମିକ ଭାବରେ ନେଇଛନ୍ତି ବୋଲି ଆଲୋଚନା ହେଉଛି। ମୋହିତ ସୁରୀଙ୍କ ନିର୍ଦ୍ଦେଶନାରେ 'ଏକ ଭିଲେନ୍ ରିଟର୍ନ୍ସ' ଚଳିତ ବର୍ଷ ଜୁଲାଇରେ ରିଲିଜ ହେବାର ଯୋଜନା ରହିଛି। ଏହି ଫିଲ୍ମରେ ଜନ୍ଙ୍କ ବ୍ୟତୀତ ଅର୍ଜୁନ କପୁର, ଦିଶା ପଟାନି, ତାରା ସୁଟାରିଆ ମଧ୍ୟ ଅଭିନୟ କରୁଛନ୍ତି।

# ଅଲ୍‌ରାଉଣ୍ଡର ବିକାଶ



ପିଲାଟି ଦିନରୁ ଅଭିନୟ ପ୍ରତି ଆକର୍ଷିତ ହୋଇଥିଲେ ସେ । ନିଜ ଗାଁ (କେନ୍ଦ୍ରାପଡ଼ାର ନାଉଡ଼ିଆ)ରେ ମଞ୍ଚ ନାଟକରୁ ଆରମ୍ଭ ହୋଇଥିଲା ତାଙ୍କର ଆକ୍ଟିଂ ଜୀବନ। ପ୍ରାରମ୍ଭରୁ ଏ ନେଇ ସଫଳତା ପାଇବା ପରେ ପରବର୍ତ୍ତୀ ସମୟରେ ସେ ଅଭିନୟକୁ କ୍ୟାରିୟର କରିବାକୁ ମନସ୍ଥ କରିନେଇଥିଲେ। ସେ ହେଲେ ବିକାଶ ନାୟକ। ଭୁବନେଶ୍ୱରର ଅନ୍ୟତମ ପ୍ରମୁଖ ଥିଏଟର ଅନୁଷ୍ଠାନ 'ମୁକ୍ତି'ରେ ଅଭିନୟ ବିଷୟରେ ଶିକ୍ଷା ନେବା ସହ ସେ ଆଗେଇ ଚାଲିଛନ୍ତି ନିଜର ଲକ୍ଷ୍ୟ ପଥରେ। ଦୂରଦର୍ଶନରେ ପ୍ରସାରିତ 'ଏଇ ଆଖି ହେଲା ସାକ୍ଷୀ'ରୁ ଆରମ୍ଭ ହୋଇଥିଲା ତାଙ୍କର ଛୋଟପରଦା ଜୀବନ। ତା'ପରେ 'ପରିଚୟ', 'ଇନ୍ଦ୍ରଜାଲ', 'ଉଆଁସୀକନ୍ୟା', 'ରାନୀ', 'ମାନିନୀ' ଆଦି ଧାରାବାହିକ, ଓଡ଼ିଆ ସିନେମା 'ଆ ଜହ୍ନରେ ଲେଖିବା ନାଁ' ଏବଂ 'ହସିବ ପୁଣି ମୋ ସୁନା ସଂସାର'ରେ ଆକ୍ଟିଂ କରି ସାଉଁଟିଛନ୍ତି ଅନେକ ପ୍ରଶଂସା। ତା'ସହ 'ମର୍ଡର', 'ପାପ ସମ୍ପର୍କ' ଏବଂ 'ଚ୍ୟାଲେଞ୍ଜ' ଟାଇଟଲବିଶିଷ୍ଟ ସିଡୀ ଫିଲ୍ମ ନିର୍ମାଣ କରିଛନ୍ତି ସେ। 'ଅଭିନୟ ସହ ମୁଁ ପିଲାଟି ଦିନରୁ ଜଡିତ। ଏ ପର୍ଯ୍ୟନ୍ତ ମୁଁ ଯେତିକି ସଫଳତା ହାସଲ କରିଛି ତାହାର ଶ୍ରେୟ ଦର୍ଶକମାନଙ୍କୁ ଦେବି ବୋଲି କହନ୍ତି ବିକାଶ। ବର୍ତ୍ତମାନ ପ୍ରସାରିତ ହେଉଥିବା ଧାରାବାହିକ 'ସିନ୍ଦୂରର ଅଧିକାର'ରେ ସେ ଅଭିନୟ କରୁଛନ୍ତି।


ପରିଣୀତି

# ଅଡୁଆରେ ପରିଣୀତି

କଥାରେ ଅଛି-ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମହତ୍ୟା। ଏବେ ସେପରି ଏକ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ପରିଣୀତି ଚୋପ୍ରା। କଥା କ'ଣ କି ସେ ପଛକୁ ପଛ ତିନୋଟି ସିନେମା ସାଇନ୍ କରିଛନ୍ତି। ତେବେ କାହା ପାଇଁ କେତେବେଳେ ଡେଟ୍ ଦେବେ ସେ ନେଇ ଅଡୁଆରେ ପଡ଼ିଯାଇଛନ୍ତି। ଏ ନେଇ ପରିଣୀତି କହନ୍ତି, 'ତିନୋଟି ସିନେମାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଥିଲା। ଅବଶ୍ୟ ଏଗୁଡ଼ିକ ମଧ୍ୟରୁ ଗୋଟିଏ ଫିଲ୍ମର ଶୁଟିଂ ଆସନ୍ତା ମାସରେ ଆରମ୍ଭ ହେବ। ଅନ୍ୟ ଦୁଇଟି ସିନେମାରୁ ଗୋଟିଏ ଫିଲ୍ମର ଶୁଟିଂ ଫେବୃୟାରୀ ଶେଷ ଭାଗ ଏବଂ ଅନ୍ୟଟି ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେବାର ଯୋଜନା ରହିଛି। ତେଣୁ କାହା ପାଇଁ କେତେବେଳେ ସମୟ ଦେବି ତାହା ମୋତେ ଅଡୁଆରେ ପକାଇଛି। ତଥାପି ଦେଖିଚାହିଁ ମୋତେ ସିଡ୍ୟୁଲ ତିଆରି କରିବାକୁ ପଡ଼ିବ। କେହି କେହି ଆଲୋଚନା କରୁଛନ୍ତି ଯେ ଇତିମଧ୍ୟରେ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି। ଏକଥା ପଛରେ ଆଦୌ ସତ୍ୟତା ନାହିଁ। ବର୍ତ୍ତମାନ ଏ ନେଇ ମୁଁ ଆଦୌ ଚିନ୍ତା କରିନି। କାରଣ ଏବେ ନିଜ କ୍ୟାରିୟର ପ୍ରତି ଗୁରୁତ୍ୱ ଦେଉଛି। କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ତାହାର କାହାଣୀ, ସେଥିରେ ନିଜ ଭୂମିକା ବିଷୟରେ ଭଲ ଭାବରେ ତର୍ଜମା କରୁଛି।' ତେବେ ଏହି ତିନୋଟି ଫିଲ୍ମ ପରିଣୀତିଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।

# ସ୍ମୃତିରେ ସଙ୍ଗୀତଜ୍ଞ ସରୋଜ ପଟ୍ଟନାୟକ

ଓଡ଼ିଆ ସିନେମା ଜଗତରେ ସଙ୍ଗୀତଜ୍ଞ ସରୋଜ ପଟ୍ଟନାୟକଙ୍କ ସ୍ୱତନ୍ତ୍ରତା ରହିଛି। ସେ ଖୁବ୍ କମ୍ ସିନେମା ସଙ୍ଗୀତ କଲେ ମଧ୍ୟ ତାହା ଆଜି ବି ଶ୍ରୋତାମାନଙ୍କ ପାଇଁ ଶ୍ରୁତି ମଧୁର ହୋଇ ରହିଛି। ଓଡ଼ିଆ ଚଳଚ୍ଚିତ୍ର 'ଅଭିଳାଷ', 'ଅଭିମାନ', 'ହାକିମବାବୁ', 'ଝିଅଟି ସୀତା ପରି', 'ଫୁଲ ଚନ୍ଦନ' ଅନ୍ୟତମ। ସଙ୍ଗୀତଜ୍ଞ ଗୀତିକାର


ସରୋଜ ପଟ୍ଟନାୟକ

ସରୋଜ ପଟ୍ଟନାୟକଙ୍କ ଗୀତକୁ ଗାୟକ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି, ସିକନ୍ଦର ଆଲାମ, ପ୍ରଣବ କିଶୋର ପଟ୍ଟନାୟକ, ରଘୁନାଥ ପାଣିଗ୍ରାହୀ ପ୍ରମୁଖ ଗାଇ ଶ୍ରୋତାମାନଙ୍କ ମନରେ ଛାପ ହୋଇ ରହିଛନ୍ତି। ତାଙ୍କର ଶ୍ରୋତାଦୃତ ଗୀତଗୁଡ଼ିକ ମଧ୍ୟରେ କହନା ଏ ଫୁଲ କହନା, ଝୁମା ଝୁମା ଗୋଲାପୀ ଓଠରେ, ଏଇ ଯେ ବନଲତା ପାହାଡ଼, ତୋ ବିନା ଲାଗେନା ଭଲ କିଛି, ରାତିରେ ଆମ ଘର ଲୋକ ଶୋଇଗଲା ପରେ, ନୂପୁର ବଜାଏ କିଏ, ମନରେ କିନ୍ତୁ ରଖି ଭଲ ପାଅନା, ଦୂର ବିଦେଶରେ ସିଏ ମନେ ପଡ଼େ ହେ ଆଦି ଅନ୍ୟତମ।

ବାରିପଦାରେ ଜନ୍ମିତ ସଙ୍ଗୀତଜ୍ଞ ସରୋଜ ପଟ୍ଟନାୟକ 'ଅଭିଳାଷ' ଓ 'ଫୁଲଚନ୍ଦନ' ସିନେମା ନିମନ୍ତେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଚଳଚ୍ଚିତ୍ର ଉତ୍ସବରେ ସମ୍ମାନିତ ହୋଇଥିଲେ। ସଙ୍ଗୀତଜ୍ଞ ରାଧାକୃଷ୍ଣ ଭଞ୍ଜଙ୍କୁ ସେ ଗୁରୁ ବୋଲି ସମ୍ବୋଧନ କରୁଥିଲେ। ବାରିପଦାର ଝୁମର ଗୀତକୁ ସେ ବିଭିନ୍ନ ଗୀତରେ ସଂଯୋଜିତ କରିଥିଲେ। ସେ ବୃତ୍ତିରେ ଇଞ୍ଜିନିୟର ହେଲେ ମଧ୍ୟ ସଙ୍ଗୀତ ନିଶାରେ ସଦାସର୍ବଦା ମସ୍‌ଗୁଲ୍ ହୋଇରହନ୍ତି। ଆକାଶବାଣୀ ଓ ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ଓ ସଙ୍ଗୀତ ନିର୍ଦ୍ଦେଶକ ଥିଲେ ସରୋଜ। ଅନ୍ୟପକ୍ଷରେ ଜଣେ ଭଲ ବ୍ୟକ୍ତିତ୍ୱ ମଧ୍ୟ ଥିଲେ। ସଙ୍ଗୀତ ପ୍ରତି ତାଙ୍କର ପ୍ରଚୁର ଆକର୍ଷଣ ଥିଲା। ତାଙ୍କର ସୁଲଳିତ ସ୍ୱର ସଂଯୋଜିତ ଗୀତଗୁଡ଼ିକ ଏବେ ବି ଅନେକ ଶ୍ରୋତାଙ୍କ ମନରେ ସତେଜ ହୋଇ ରହିଛି। ଓଡ଼ିଆ ସଙ୍ଗୀତ ଜଗତକୁ ଅବଦାନ ଲାଗି ସରୋଜ ପଟ୍ଟନାୟକ ସବୁଦିନେ ସ୍ମରଣୀୟ ହୋଇ ରହିବେ।

**-ଦିଲ୍ଲୀପ ହାଲି, ଭୁବନେଶ୍ୱର**
**ମୋ : ୯୮୬୧୦୦୯୨୫୨**

# ଜ୍ୟାକ୍‌ଲିନ୍ ଆଉଟ୍ ସୋନାଲ୍ ଇନ୍

ସୋନାଲ ଚୌହାନ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ତାହାର ଟାଇଟଲ ରହିଛି 'ଦ ଘୋଷ୍ଟ'। କିନ୍ତୁ ତାଙ୍କ ପୂର୍ବରୁ ଏହି ଭୂମିକା ପାଇଁ ଜ୍ୟାକଲିନ୍‌ଙ୍କୁ ଅଫର ଦିଆଯାଇଥିଲା। ସେ ମଧ୍ୟ ଏଥିରେ ଅଭିନୟ କରିବାକୁ ରାଜି ହୋଇଥିଲେ। ହେଲେ ରାତାରାତି ଚକ ଏମିତି ଓଲଟିଗଲା ଯେ, ଦେଖିଲାବେଳକୁ ଜ୍ୟାକଲିନ୍ ଆଉଟ୍ ସୋନାଲ୍ ଇନ୍। ଏପରି ସୁଯୋଗ ବିଷୟରେ ସୋନାଲ କହନ୍ତି, 'ଏହି ଫିଲ୍ମ ପାଇଁ କାହାକୁ ସାଇନ୍ କରାଯାଇଥିଲା ସେ ବିଷୟରେ ମୋର ଆଲୋଚନା କରିବାର ନାହିଁ। କାରଣ ଯାହା ଘଟିଯାଇଛି ତାହାକୁ ମୁଁ ମନେ ପକାଇବାକୁ ଚାହୁଁନି। ଯାହାଙ୍କୁ ଅଫର ଦିଆଯାଇଥିଲା, ହୁଏତ କିଛି କାରଣରୁ ସେ ଏହାକୁ ହାତଛଡ଼ା କରିଛନ୍ତି। ବର୍ତ୍ତମାନ ସେମାନେ ମୋତେ ସାଇନ୍ କରାଇଛନ୍ତି। ତେଣୁ ମୁଁ ଏବେ ମୋ ଦାୟିତ୍ୱ କିପରି ତୁଲାଇବି ସେ ନେଇ ନିଜକୁ ପ୍ରସ୍ତୁତ କରୁଛି।' କେତେକ ବ୍ୟକ୍ତିଗତ କାରଣରୁ ଏହି ଫିଲ୍ମଟିକୁ ହାତଛଡ଼ା କରିଛନ୍ତି ବୋଲି ସଫେଇ ଦେଇଛନ୍ତି ଜ୍ୟାକଲିନ୍। ଏହି ଫିଲ୍ମରେ ସୋନାଲଙ୍କ ନାୟକ ସାଜିଛନ୍ତି ନାଗାର୍ଜୁନ।


ସୋନାଲ

# ପ୍ରେମ ପାଇଁ ଟେନ୍‌ସନ


କିଆରା

କିଆରା ଆଡୱାନୀଙ୍କ ଟେନ୍‌ସନ ଟିକେ ବଢ଼ିଯାଇଛି। କାରଣ ତାଙ୍କର ଆଫେୟାର୍ସକୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ହେଲେ ଯାହାଙ୍କ ନାମ ସହ ତାଙ୍କ ନାମକୁ ଯୋଡ଼ା ଯାଉଛି ତାହାକୁ ମାନିବାକୁ ସେ ନାରାଜ। କଥା କ'ଣ କି ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ତାଙ୍କର ରୋମାନ୍ସ ଚାଲିଛି ବୋଲି ଆଲୋଚନା ହେଉଛି। ଯେତେବେଳେ ଏକଥା କିଆରାଙ୍କ କାନରେ ପଡ଼ିଲା ସେ କେମିତି ଚୁପ୍ ହୋଇ ବସିରହିବେ କହୁନାହାନ୍ତି? ଶେଷକୁ ଏ ନେଇ ମୁହଁ ଖୋଲିଛନ୍ତି ଏହି ଅଭିନେତ୍ରୀ। ନିଜ ଆଫେୟାର୍ସ ବିଷୟରେ ସଫେଇ ଦେଇ କିଆରା କହନ୍ତି, 'କେହି ଜଣେ ଏସବୁ ମନରୁ ଫାନ୍ଦି ଆଲୋଚନା କରୁଛି। ସିଦ୍ଧାର୍ଥଙ୍କ ସହ ମୋର ଫ୍ରେଣ୍ଡଶିପ୍ ରହିଛି। ସେ ମୋର ଜଣେ ବେଷ୍ଟ ଫ୍ରେଣ୍ଡ। ଏପରି ସମ୍ପର୍କକୁ ଅନ୍ୟ ଅର୍ଥରେ ଦେଖିବା ଆଦୌ ଠିକ୍ ନୁହେଁ। ତେଣୁ ଆମ ଦୁହିଁଙ୍କୁ ନେଇ ଅପପ୍ରଚାର ନ କରିବା ଭଲ। ନିକଟରେ ଆମେ ଦୁହେଁ ଏକ ଫିଲ୍ମରେ ଆକ୍ଟି କରିବୁ ବୋଲି ସାଇନ୍ କରିଛୁ। ଏଥିରେ ସିଦ୍ଧାର୍ଥ ମୋ ପାଇଁ ଲବି କରୁଛନ୍ତି ବୋଲି ଯାହା ଶୁଣିବାକୁ ମିଳୁଛି ତାହା ମଧ୍ୟ ମିଛ।। ତେବେ ନିଜର ପ୍ରେମ ସମ୍ପର୍କକୁ ନେଇ କିଆରା ଯେଉଁ ସଫେଇ ଦେଉଛନ୍ତି ତାହା ପଛରେ କେତେ ସତ୍ୟତା ଅଛି ତାହା କେବଳ ତାଙ୍କୁ ହିଁ ଜଣା।

# ଦକ୍ଷିଣ ଆଫ୍ରିକା ବିଜୟୀ

**ପର୍ଲ, ୧୯।୧**

ଅଧିନାୟକ ଟେମ୍ବା ବଭୁମା ଓ ରସି ଭାନ୍ ଡର୍ ଡୁସେନଙ୍କ ଶତକ ପରେ ବୋଲରଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଦକ୍ଷିଣ ଆଫ୍ରିକା ବୁଧବାର ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତକୁ ୩୧ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୪ ଉଇକେଟ ହରାଇ ୨୯୬ ରନ କରିଥିଲା। ପରେ ଶିଖର ଧାୱନ, ବିରାଟ କୋହଲି ଓ ଶାର୍ଦ୍ଦୂଳ ଠାକୁରଙ୍କ ଅର୍ଦ୍ଧଶତକୀୟ ଇନିଂସ ସତ୍ତ୍ୱେ ଭାରତ ୫୦ ଓଭରରେ ୨୬୫/୮ ରନରେ ସୀମିତ ରହିଥିଲା। ଏହି ବିଜୟ ଫଳରେ ଦକ୍ଷିଣ ଆଫ୍ରିକା ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

ଅଧିନାୟକ ଲୋକେଶ ରାହୁଲ ଓ ଶିଖର ଧାୱନଙ୍କ ମାଧ୍ୟମରେ ଭାରତ ୪୬ ରନ ଯୋଗ କରିଥିଲା। ରାହୁଲ ୧୨ ରନ କରି ଆଉଟ ହେବା ପରେ ଧାୱନ ଓ କୋହଲି ଇନିଂସ ସମ୍ଭାଳିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ସହିତ ଭାରତୀୟ ଇନିଂସ ଭୁଶୁଡ଼ି ପଡ଼ିଥିଲା। ଧାୱନ ୮୪ ବଲ୍‌ରୁ ୧୦ ଚୌକା ସହାୟତାରେ ୭୯ ରନ କରିଥିବାବେଳେ କୋହଲି ୬୩ ବଲ୍‌ରୁ ୩ ଚୌକା ସହ ୫୧ ରନ ସ୍କୋର କରିଥିଲେ। ନିଜ ଅର୍ଦ୍ଧଶତକୀୟ ଇନିଂସ ମଧ୍ୟରେ କୋହଲି ବିଦେଶ ମାଟିରେ ଦିନିକିଆ କ୍ରିକେଟରେ ଭାରତୀୟ ଭାବେ ସଚିନ ତେନ୍ଦୁଲକରଙ୍କ ନାମରେ ଥିବା ସର୍ବାଧିକ ରନ ସ୍କୋର ରେକର୍ଡକୁ ଭାଙ୍ଗିଥିଲେ। ବିଦେଶରେ ସଚିନ ୫୦୬୫ ରନ ସଂଗ୍ରହ କରି ରେକର୍ଡର ଅଧିକାରୀ ଥିଲେ। ଓଭରଅଲ୍ ଏହି ତାଲିକାର ଶୀର୍ଷରେ ଅଛନ୍ତି ଶ୍ରୀଲଙ୍କାର କୁମାର ସଙ୍ଗକାରା। ସେ ବିଦେଶ ମାଟିରେ ସର୍ବାଧିକ ୫୫୧୮ ରନ ସଂଗ୍ରହ କରିଛନ୍ତି। ଧାୱନ ଓ କୋହଲିଙ୍କ ଦ୍ୱିତୀୟ ଉଇକେଟରେ ୯୨ ରନର ଭାଗୀଦାରି ହୋଇଥିଲା। ଶାର୍ଦ୍ଦୂଳ ୪୩ ବଲ୍‌ରୁ ୫୦(୫ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ ହେଁ ଭାରତ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ଯାଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁନ୍‌ଗି ଏନ୍‌ଗିଡ଼ି, ଆଣ୍ଡିଲେ ଫେଲୁକ୍ୱାୟୋ ଓ ଟାବ୍ରାଇଜ୍ ସାମ୍‌ସି ୨ଟି ଲେଖାଏ ଏବଂ ଏଡେନ ମାରକ୍ରାମ ଓ କେଶବ ମହାରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।




ଶତକ ହାସଲ ପରେ ରସି ଭାନ୍ ଡର୍ ଡୁସେନ ଓ ଟେମ୍ବା ବଭୁମା।

### ଦ୍ୱିଶତକୀୟ ଭାଗୀଦାରି

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା ଓ ରସି ଭାନ୍ ଡର୍ ଡୁସେନଙ୍କ ୪ର୍ଥ ଉଇକେଟରେ ଦ୍ୱିଶତକୀୟ ଭାଗୀଦାରି ବଳରେ ବୃହତ୍ ସ୍କୋର କରିଥିଲା। ବଭୁମା ଓ ଡୁସେନ ଚମତ୍କାର ବ୍ୟାଟିଂ କରି ବ୍ୟକ୍ତିଗତ ତିନିଅଙ୍କ ସ୍ୱର୍ଣ୍ଣ କରିଥିଲେ। ବଭୁମା ୧୪୩ ବଲ୍‌ରୁ ୮ ଚୌକା ସହାୟତାରେ ୧୧୦ ରନ କରି ଆଉଟ ହୋଇଥିବାବେଳେ ଡୁସେନ ମାତ୍ର ୯୬ ବଲ୍‌ରୁ ୯ ଚୌକା ଓ ୪ ଛକା ସହାୟତାରେ ୧୨୯ ରନକରି ଅପରାଜିତ ରହିଥିଲେ। ୪ର୍ଥ ଉଇକେଟରେ ଦୁହେଁ ୧୮୪ ବଲ୍‌ରୁ ୨୦୪ ରନ ଯୋଗ କରିଥିଲେ। ଭାରତ ବିପକ୍ଷରେ ୪ର୍ଥ ଉଇକେଟରେ ଏହା ଥିଲା ଦ୍ୱିତୀୟ ସର୍ବାଧିକ ପାର୍ଟନରଶିପ୍।

### ସଂକ୍ଷିପ୍ତ ସ୍କୋର

ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୨୯୬/୪(ରସି ଭାନ୍ ଡର୍ ଡୁସେନ-୧୨୯*, ଟେମ୍ବା ବଭୁମା-୧୧୦, ଯଶପ୍ରୀତ୍ ବୁମ୍‌ରା-୨/୪୮, ରବିଚନ୍ଦ୍ରନ ଅଶ୍ୱିନ-୧/୫୩)। ଭାରତ ୫୦ ଓଭରରେ ୨୬୫/୮ (ଶିଖର ଧାୱନ-୭୯, ବିରାଟ କୋହଲି-୫୧, ଶାର୍ଦ୍ଦୂଳ ଠାକୁର-୫୦*, ଲୁନ୍‌ଗି ଏନ୍‌ଗିଡ଼ି-୨/୬୪, ଆଣ୍ଡିଲେ ଫେଲୁକ୍ୱାୟୋ-୨/୨୬, ଟାବ୍ରାଇଜ୍ ସାମ୍‌ସି-୨/୫୨)।

# ଓସାକା, ବାର୍ଟିଙ୍କ ଅଗ୍ରଗତି

**ମେଲବୋର୍ନ, ୧୯।୧:** ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍‌ରେ ଟପ୍ ସିଡ୍ ତଥା ବିଶ୍ୱର ୧ ନମ୍ବର ଖେଳାଳି ଅଷ୍ଟ୍ରେଲିଆର ଆଶଲେ ବାର୍ଟି, ଜାପାନର ନାଓମି ଓସାକା ପ୍ରମୁଖ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ଓସାକା ୬-୦, ୬-୪ ସେଟ୍‌ରେ ଅମେରିକାର ମାଡିସନ ବ୍ରେଙ୍ଗଲ୍‌ଙ୍କୁ ହରାଇଛନ୍ତି। ସେହିପରି ବାର୍ଟି ଇଟାଲୀୟ କ୍ୱାଲିଫାୟର ଲୁସିଆ ବ୍ରୋଞ୍ଜେଟିଙ୍କୁ ୬-୧, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ରେ ସ୍ପେନର ରାଫାଲ ନାଡାଲ, ଜର୍ମାନୀର ଆଲେକଜାଣ୍ଡର ଜେଭେରେଭ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ନାଡାଲ ଦ୍ୱିତୀୟ ରାଉଣ୍ଡରେ ଜର୍ମାନୀ କ୍ୱାଲିଫାୟର ୟାନିକ ହନଫାମନଙ୍କୁ ୬-୨, ୬-୩, ୬-୪ ସେଟ୍‌ରେ ଓ ଜେଭେରେଭ ୬-୪, ୬-୪, ୬-୦ ସେଟ୍‌ରେ ଘରୋଇ ଖେଳାଳି ଜନ୍ ମିଲମ୍ୟାନଙ୍କୁ ହରାଇଛନ୍ତି।

# ପୁରୁଷ, ମହିଳା ଡବଲ୍ସରୁ ବୋପାନ୍ନା, ସାନିଆ ଆଉଟ

**ମେଲବୋର୍ନ, ୧୯।୧:** ଅଷ୍ଟ୍ରେଲିଆନ ଓପନ ଟେନିସ ଟୁର୍ନାମେଣ୍ଟରୁ ଦୁଇ ଭାରତୀୟ ଅଭିଜ୍ଞ ଖେଳାଳି ରୋହନ ବୋପାନ୍ନା ଓ ସାନିଆ ମିର୍ଜା ଡବଲ୍ସ ଇଭେଣ୍ଟରୁ ବାଦ୍ ପଡିଛନ୍ତି। ବୋପାନ୍ନା ପୁରୁଷ ଡବଲ୍ସ ଓ ସାନିଆ ମହିଳା ଡବଲ୍ସ ପ୍ରଥମ ରାଉଣ୍ଡରେ ହାରିଛନ୍ତି। ବୋପାନ୍ନା ଓ ତାଙ୍କ ଫ୍ରାନ୍ସ ପାର୍ଟନର ଏଡୁଆର୍ଡୋ ରୋଜର- ଭାସେଲିନ ପ୍ରତିପକ୍ଷ ୱାଇଲ୍ଡ କାର୍ଡ ଯୋଡି କ୍ରିଷ୍ଟୋଫର ରଙ୍ଗକାଟ ଓ ଟ୍ରିଟ୍ ହୁଏଙ୍କଠାରୁ ୬-୩, ୬-୭, ୨-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ସେହିପରି ସାନିଆ ଓ ତାଙ୍କ ୟୁକ୍ରେନ୍ ପାର୍ଟନର ନାଡିଆ କିଚେନୋକ ପ୍ରତିପକ୍ଷ ସ୍ଲୋଭେନିଆ ଯୋଡି ତମରା ଜିଡାନସେକ ଓ କାଜା ଜୁଭାନଙ୍କଠାରୁ ୪-୬, ୬-୭ ସେଟ୍‌ରେ ପରାଜିତ ହୋଇଛନ୍ତି। ବୋପାନ୍ନା ଓ ସାନିଆ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଭାଗନେବେ।

# ଅଧିନାୟକ ଧୂଲଙ୍କ ସମେତ ୬ ପଜିଟିଭ୍

**ଟାରେଉବା (ତ୍ରିନିଦାଦ), ୧୯।୧:** ୱେଷ୍ଟଇଣ୍ଡିଜରେ ଚାଲିଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ କୋଭିଡ୍-୧୯ ଦ୍ୱାରା ପ୍ରଭାବିତ ହୋଇଛି। ଭାରତୀୟ ଅଧିନାୟକ ୟଶ ଧୂଲ, ଉପ- ଅଧିନାୟକ ଶେଖ ରସିଦଙ୍କ ସମେତ ଅନ୍ୟ ୪ ଖେଳାଳି କରୋନା ପଜିଟିଭ ବୋଲି ଜଣାପଡିଛି। ଫଳରେ ବୁଧବାର ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ଗ୍ରୁପ୍ ବି ମ୍ୟାଚ୍‌ରୁ ଏହି ଦୁଇ ଖେଳାଳି ବାଦ୍ ପଡିଛନ୍ତି। ଧୂଲ ଓ ରସିଦଙ୍କୁ ବାଦ୍ ଦେଲେ ବ୍ୟାଟର ଆରାଧ୍ୟା ଯାଦବ, ବାସୁ ଭଟ୍ସ, ମାନ ପରଖ ଓ ସିଦ୍ଧାର୍ଥ ଯାଦବ ମଧ୍ୟ କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଫଳରେ ଅତିକଷ୍ଟରେ ଭାରତ ଆୟର୍ଲାଣ୍ଡ ବିପକ୍ଷରେ ଅନ୍ତିମ ଏକାଦଶ ପ୍ରସ୍ତୁତ କରିବାକୁ ସକ୍ଷମ ହୋଇଥିଲା। ଧୂଲ, ରସିଦଙ୍କ ଅନୁପସ୍ଥିତିରେ ନିଶାନ୍ତ ସିନ୍ଧୁ ଦଳର ନେତୃତ୍ୱ ନେଉଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ